ଓଡିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ ପତ୍ରିକା

# ଆହ୍ଵାନ

ଜୁନ. ୨୦୧୫ ସଂସ୍କରଣ



କର୍ମ

ଫୁସ୍‌ଫାସ୍

କନ୍ୟାଦାନ

ମୋହଭଙ୍ଗ

ମେଘ ଡମ୍ବରୁ

ଧ୍ୱଂସର ଏକ ଆଭାସ

ସୌନ୍ଦର୍ଯ୍ୟଚର୍ଚ୍ଚା - କେଶର ଯତ୍ନ

ସମ୍ପର୍କର ଯୋଗସୂତ୍ର

## ବିଜ୍ଞାନ ଦୃଷ୍ଟିରେ ପୁନର୍ଜନ୍ମ

## ଦାରୁ ଦେବତା

## ଓଡ଼ିଆଭାଷା ଓ ସମୃଦ୍ଧି

## ଥାଇରଏଡ୍ ସମସ୍ୟା ଓ ସମାଧାନ

ଦଶମ ବର୍ଷ, ଷଷ୍ଠ ସଂଖ୍ୟା
ଜୁନ୍, ୨୦୧୫

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହତ୍ୟ ଇ-ପତ୍ରକା

ପ୍ରତଷ୍ଠାତା - ସମ୍ପାଦକ

## ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ଏମ୍.ବ.ବ.ଏସ୍., ପି.ଜ.ଡ଼ି,ଏମ୍.ସି.ଏଚ୍, ପି.ଜ.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱତୀୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୭୩ ଇ-ମେଲ୍ : aahwaan@gmail.com

‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ

ବଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଦୟନୀୟ ଅବସ୍ଥାରେ ରହଥିବା କଥା ଦୈନକ ସମ୍ବାଦପତ୍ରରେ ଆଜ ଗୋଟିଏ ପ୍ରବନ୍ଧ ପଢ଼ି ଜାଣିବାକୁ ପାଇଲ । ସେଠାରେ ବସବାସ କରୁଥିବା ଓଡ଼ିଆମାନେ ଆମ ଭାଷାକୁ ବଞ୍ଚାଇ ରଖିବା ପାଇଁ କରୁଥିବା ଉଦ୍ୟମ ନଶ୍ଚୟଭାବେ ପ୍ରଶଂସନୀୟ । ମୁଁ ଜାଣିବାକୁ ଚାହେଁ ଓଡ଼ିଶା ଭତରେ ଓଡ଼ିଆ ପାଇଁ ଉଦ୍ୟମ କଏ କରୁଛନ୍ତ କ ? କାଁ ଭାଁ ସାହତ୍ୟ ସଭା, କବତା ପାଠ ଓ ସମାଲୋଚନା / ଆଲୋଚନା ଚକ୍ର ଆୟୋଜନ କରବା ବ୍ୟତୀତ ବ୍ୟକ୍ତିଗତ / ସାମୁହକ ଭାବରେ ଏହ ଭାଷାପାଇଁ କଏ କାର୍ଯ୍ୟ କରୁଛ ? ଆମ ରାଜ୍ୟର ପଡ଼ୋଶୀ ପଶ୍ଚିମବଙ୍ଗ ହେଉ ଅବା ଆନ୍ଧ୍ରପ୍ରଦେଶ ହେଉ, ସେହ ରାଜ୍ୟମାନଙ୍କରେ ଭାଷାପ୍ରୀତ କେତେ ସୁଦୃଢ଼ ତାହା ଏଥିରୁ ଜଣାପଡ଼େ ଯେ ସେହ ରାଜ୍ୟର ଅଧିକାଂଶ ଅନୁଷ୍ଠାନ ନଜର ଅନୁଷ୍ଠାନର ପ୍ରାଚୀରପତ୍ର କେବଳ ନଜ ମାତୃଭାଷାରେ ହିଁ ନର୍ମାଣ କରଉଛନ୍ତ । ଆପଣ ଆନ୍ଧ୍ରପ୍ରଦେଶ ଗଲେ ସେଠି ଓଡ଼ିଆ ଛାଡ଼ିଦଅନ୍ତୁ, ହନ୍ଦୀ କମ୍ବା ଇଂରେଜୀ ଭାଷାରେ କଥା ହେଉଥିବା ଲୋକ ମିଳବେ ନାହିଁ । ସମାନ ପରମାଣରେ ଭାଷାପ୍ରୀତ ବଙ୍ଗଳା ଲୋକଙ୍କ ଭତରେ ବ ଦେଖାଯାଉଛ । ହେଲେ ଆମ ରାଜ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ ବ୍ୟତକ୍ରମ ବୋଲ କହଲେ ଅତ୍ୟୁକ୍ତି ହେବନାହିଁ ।



ସ୍କୁଲ କଲେଜ ପଢୁଥିବା ପିଲାମାନେ କେବଳ ହନ୍ଦୀ କମ୍ବା ଇଂରେଜୀ ଭାଷାରେ ହିଁ କଥାବାର୍ତ୍ତା ହେଉଥିବା ଦେଖିବାକୁ ପାଇବେ । ଅବଶ୍ୟ କଛ ଇଂରାଜୀ ମାଧ୍ୟମ ବଦ୍ୟାଳୟରେ ବାଧ୍ୟତାମୂଳକ ଭାବରେ ହନ୍ଦୀ କମ୍ବା ଇଂରାଜୀରେ ହିଁ କଥା ହେବାକୁ କୁହାଯାଏ । କନ୍ତୁ ସର୍ବସମ୍ମୁଖରେ ଓଡ଼ିଆ ଭାଷାରେ କଥା ହେବା ସତେ ଯେମିତ ଅପରାଧବୋଧ ଜାତ କରେ । ତେଣୁ ହୁଏତ ଅଧିକାଂଶ ଲୋକ ଓଡ଼ିଆରେ କଥା ହୁଅନ୍ତ ନାହିଁ । କଛ ସାହତ୍ୟ ସଭାରେ ଯୋଗଦେଇ ଅନୁଭବ କରଛ ଆମ ଭାଷା କେତେ ସମୃଦ୍ଧ । ସଭାରେ ବକ୍ତବ୍ୟ ରଖୁଥିବା ଭଦ୍ରବ୍ୟକ୍ତିମାନେ କେତେ ସୁନ୍ଦର ଓଡ଼ିଆରେ ଭାଷଣ ଦେଇ ପାରନ୍ତ । ବେଳେ ବେଳେ ମନ ହୁଏ ମୁଁ ବ ଏମିତ ଶୁଦ୍ଧ ଓଡ଼ିଆରେ କହପାରନ୍ତ କ ? ହେଲେ ଓଡ଼ିଆ ଭାଷଣ

ଶୁଣିବାକୁ କେହି ମନ ବଳାନ୍ତି ନାହିଁ ।

ଆମ ସହରମାନଙ୍କରେ ସମସ୍ତ ଦୋକାନ ବଜାରର ନାମ ଇଂରାଜୀରେ ହିଁ ଲେଖା ହୁଏ । ଯଦିବା କିଛି କିଛି ସ୍ଥାନରେ ଓଡ଼ିଆରେ ଲେଖାହୁଏ ସେ ସବୁ ଇଂରାଜୀ ଅକ୍ଷରମାନଙ୍କ ମଧ୍ୟରେ କେଉଁଠି ହଜିଯାଏ, ତାହା ଖୋଜିଲେ ହିଁ ଜଣାପଡ଼େ । ଅବଶ୍ୟ ମଝି ମଝିରେ କିଛି ସଂସ୍ଥା ବା ସଂଗଠନ ତରଫରୁ ଏଥି ନିମନ୍ତେ ସଚେତନତା ଶୋଭାଯାତ୍ରା ଆଦିର ଆୟୋଜନ ମାନ ହୁଏ, କିନ୍ତୁ ସେ ସବୁ ନଗଣ୍ୟ କହିଲେ ଚଳେ । ପୁସ୍ତକ ଭଣ୍ଡାରକୁ ଗଲେ ଓଡ଼ିଆ ବହି ଅପେକ୍ଷା ହିନ୍ଦୀ କିମ୍ବା ଇଂରାଜୀ ଭାଷାର ପତ୍ରପତ୍ରିକା ସଂଖ୍ୟା ଅଧିକ ଦେଖିବାକୁ ମିଳେ ଏବଂ ଲୋକମାନେ ସେଇ ସବୁ ବହି ଅଧିକ କିଣନ୍ତି ବୋଲି ଦୋକାନୀମାନେ ମଧ୍ୟ କୁହନ୍ତି । ବିଖ୍ୟାତ ଲେଖକ ପ୍ରଫେସର ମନୋଜ ଦାସଙ୍କ ଲିଖିତ କିଛି ବହିର ତାଲିକା ନେଇ ବଜାରକୁ ଯାଇ ଗବେଷଣା କରିବା ପରେ ଜଣାଗଲା ଯେ ସେ ସବୁ ବହି ଏଠାରେ ମିଳେନାହିଁ, ଅଥଚ ଇଂରାଜୀ ଓ ହିନ୍ଦୀ ଭାଷୀ ଲେଖକ ଲେଖିକାମାନଙ୍କ ଅଗଣିତ ବହି ଆମ ଦୋକାନର ଆଗରେ ଦେଖିବାକୁ ମିଳିଲାଣି ।

ଆମେ ହିଁ ଆମ ଭାଷାକୁ ଅପମାନିତ କରିଛୁ, ଆମେ ସମ୍ମାନ ଦେଇ ଜାଣିନୁ । ଯଦି ଆମେ ସମ୍ମାନ ଦେବାନାହିଁ, ତା ହେଲେ ସମ୍ମାନ ଦେବ କିଏ ? ଶାସ୍ତ୍ରୀୟ ମାନ୍ୟତା ପାଇବା ବଡ଼ କଥା ନାହିଁ, ବଡ଼ କଥା ହେଉଛି, ଭାଷାକୁ ସମସ୍ତେ ବ୍ୟବହାର କରିବା । କେତେଜଣ ଓଡ଼ିଆରେ କଥାବାର୍ତ୍ତା କରୁଛନ୍ତି ? ସ୍କୁଲ କଲେଜ କଥା ନ କହିଲେ ଭଲ, ଅଫିସରେ ମଧ୍ୟ କେବଳ ଇଂରାଜୀ ଭାଷାର ବ୍ୟବହାର ଦେଖାଯାଏ । ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଆରେ କାମ ହେବ ବୋଲି ଅଧିାଦେଶ ଅନେକ ବର୍ଷରୁ ଜାରୀ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଯେଉଁ ରାଜ୍ୟର ସର୍ବୋଚ୍ଚ ଅଧିକାରୀ ଖୋଦ ମୁଖ୍ୟମନ୍ତ୍ରୀ ପନ୍ଦର ବର୍ଷ ଓଡ଼ିଶାକୁ ରାଜୁତି କରିବା ସତ୍ତ୍ୱେ ଓଡ଼ିଆ ଶିଖିପାରିଲେ ନାହିଁ, ସେଠି ସରକାରୀ ଅଫିସରମାନେ ଓଡ଼ିଆରେ କାମ କରିବାକୁ ବାଧ କରିବ କିଏ ?

ସରକାରୀ ବିଦ୍ୟାଳୟମାନଙ୍କରେ ଶିକ୍ଷାର ମାନ ଦିନକୁ ଦିନ ନ୍ୟୁନତର ହେବାରେ ଲାଗିଛି । ଏହାର ଅନେକ କାରଣ ରହିଛି । ପ୍ରଥମତଃ ତାଲିମପ୍ରାପ୍ତ ଶିକ୍ଷକ ମାନଙ୍କ ଅଭାବ, ଦ୍ୱିତୀୟରେ ଗଣଶିକ୍ଷକ ବା ଅଣଶିକ୍ଷକମାନଙ୍କ ନିଯୁକ୍ତି, ଯେଉଁମାନେ ଶିକ୍ଷା ସହାୟକ ପଦବୀରେ ରହୁଛନ୍ତି । ସେମାନଙ୍କୁ କେବଳ କାମଚଳା ନୀତିରେ ନିଆଯାଉଛି ସିନା ସେମାନେ ଶିକ୍ଷାଦାନ କମ୍ କରୁଛନ୍ତି, ଅଧିକ ସରକାରୀ କାମରେ ନିଯୁକ୍ତ ହେଉଛନ୍ତି, ଯେମିତି ଜନଗଣନା, ଆଧାର କାର୍ଡ଼, ଅନ୍ୟାନ୍ୟ କାର୍ଯ୍ୟ । ସରକାରୀ ବିଦ୍ୟାଳୟର ଶିକ୍ଷକମାନେ ଶିକ୍ଷାଦାନ କମ କରୁଛନ୍ତି ଅଧିକ ସରକାରୀ କାମ କରୁଛନ୍ତି ।

ସେଇଥିପାଇଁ ଦିନକୁ ଦିନ ଲୋକମାନେ ନିଜ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ନ ପୁରାଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପୁରାଉଛନ୍ତି । କାରଣ ସବୁଠି ଯେତେବେଳେ ଇଂରାଜୀ ଭାଷାର ପ୍ରୟୋଗ ହେଉଛି, ସେତେବେଳେ ଇଂରାଜୀ ଶିକ୍ଷା ଅପରିହାର୍ଯ୍ୟ ହୋଇଯାଉଛି । ବିଗତ ଦଶନ୍ଧିମାନଙ୍କରେ ଆମ ପିଲାମାନେ ପାଠପଢ଼ି ଓଡ଼ିଶାରେ ଚାକିରୀ କରୁଥିଲେ, ହେଲେ ଯେବେଠୁ ସୂଚନା ପ୍ରଦ୍ୟୋଗ ବିଦ୍ୟାର ପ୍ରସାର ହେଲା, ଆମ ପିଲାମାନେ ଓଡ଼ିଶାବାହାରେ ଦିଲ୍ଲୀ ବମ୍ବେ ବାଙ୍ଗାଲୋରରେ ଚାକିରୀ କଲେ, ତେଣୁ ସେମାନଙ୍କୁ ଭବିଷ୍ୟପାଇଁ ଭଲଭାବରେ ପ୍ରସ୍ତୁତ କରିବାପାଇଁ ସେମାନଙ୍କ ଇଂରାଜୀ ଶିକ୍ଷା ନିତାନ୍ତ ଜରୁରୀ ହୋଇଗଲା ।

ଏହା କହିବାର ମାନେ ଏହା ନୁହେଁ ଯେ କେବଳ ଇଂରାଜୀ ପଢୁଥିବା ପିଲାମାନେ ହିଁ ବିଦେଶରେ ଚାକିରୀ କରନ୍ତି, କିନ୍ତୁ ଆମର ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ଇଂରାଜୀକୁ ଏକ ଏମିତ ବିଷୟ ଭାବରେ ପ୍ରସ୍ତୁତ କରାଯାଉଛି ଯେ ପ୍ରତିବର୍ଷ ଅନେକ ଛାତ୍ରଛାତ୍ରୀ ଇଂରାଜୀ ବିଷୟରେ ଅକୃତକାର୍ଯ୍ୟ ହୋଇଯାଉଛନ୍ତି । ତେଣୁ ପିଲାମାନଙ୍କୁ ଅଳ୍ପବୟସରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବାପାଇଁ ପିତାମାତା ତତ୍ପର ହୋଇ ଉଠୁଛନ୍ତି । ଅବଶ୍ୟ ସେ ସବୁ ବିଦ୍ୟାଳୟରେ ଓଡ଼ିଆ ବିଷୟରେ ମଧ ଶିକ୍ଷା ଦିଆଯାଉଛି, ହେଲେ ଇଂରାଜୀ ଓ ହିନ୍ଦୀ ଭାଷା ଆଗରେ ଓଡ଼ିଆକୁ ସେତେ ମହତ୍ତ୍ୱ ମିଳୁନି ଯେତିକି ମିଳିବା ଉଚିତ । ତେଣୁ ଆମ ପିଲାମାନେ ଧିରେ ଧିରେ ଓଡ଼ିଆ ଭାଷାଠାରୁ ଦୂରେଇ ଯାଉଛନ୍ତି ।

ଓଡ଼ିଆଭାଷା ପାଇଁ ପାଠକପାଠିକ ସୃଷ୍ଟିକରିବା ଉଦ୍ଦେଶ୍ୟରେ ଅନେକ ଖବର କାଗଜ ଅତୀତରେ ଭାଷା ସରଳୀକରଣ ପ୍ରକ୍ରିୟାକୁ ଆପଣେଇଥିଲେ । ଅବଶ୍ୟ ଭାଷା ସଂସ୍କାର ନାମରେ ଏମାନେ ଭାଷାରେ ଅନେକ ପରିବର୍ତ୍ତନ କରିଦେଲେ । ସହଜରେ ଓଡ଼ିଆ ପଢ଼ିବା ଓ ଲେଖିବା ଉଦ୍ଦେଶ୍ୟରେ ଏମାନେ ଭାଷାର ମୂଳ ସୌନ୍ଦର୍ଯ୍ୟକୁ ବାହାର କରିଦେଲେ । ହେଲେ ଓଡ଼ିଆପାଠକ ସଂଖ୍ୟା କେତେ ବୃଦ୍ଧିପାଇଲା ତାହା ଏବେ ବି ଆମେ ଜାଣିପାରିଲୁ ନାହିଁ । ଓଡ଼ିଆ ଭାଷାରେ ପ୍ରକାଶିତ ଖବର କାଗଜ ଗୁଡ଼ିକ ବିଦେଶରେ ବ୍ୟବହୃତ ୟେଲୋ ପେଜେସ୍ (ବିଜ୍ଞାପନ ନିମନ୍ତେ ପ୍ରକାଶିତ ହଳଦିଆ ରଙ୍ଗର ପତ୍ରିକା) ସଦୃଶ ହୋଇଗଲେଣି । ଖବର କାଗଜର ପ୍ରାୟ ତିନିଚତୁର୍ଥାଂଶ ବା ୭୫% ଭାଗ କେବଳ ବିଜ୍ଞାପନ ଦ୍ୱାରା ପୂରଣ ହେଉଛି । ଓଡ଼ିଆରେ ପ୍ରକାଶିତ ଉନ୍ନତ ମାନର ଲେଖା / ପ୍ରବନ୍ଧ ପଢ଼ିବାପାଇଁ ଲୋକମାନେ ବି ଆଉ ମନ ବଳାଉନାହାନ୍ତି । ସେମିତରେ ସମୟର ଅଭାବ, ତଥାପି ଯେତିକି ସମୟ ପାଉଛନ୍ତି ସେତିକି ଟିଭି କିମ୍ବା କମ୍ପ୍ୟୁଟର କିମ୍ବା ମୋବାଇଲ୍ ସାମନାରେ ବସି ବିତେଇ ଦେଉଛନ୍ତି । ପଢ଼ିବା ପାଇଁ ଇଚ୍ଛା ଜାଗ୍ରତ ହେଲେ ତ ପଢ଼ିବ । ପିଲାଦିନରୁ ପଢ଼ିବା ଭଳି ଅଭ୍ୟାସ ଆମେ ଜାଗ୍ରତ କରିପାରିଲେ ନାହିଁ । ବିଦ୍ୟାଳୟ ସ୍ତରରୁ ହିଁ ପ୍ରତିଯୋଗିତାମୂଳକ ପାଠ୍ୟବ୍ୟବସ୍ଥା ହେତୁ କେହି ବି ଲାଇବ୍ରେରୀରେ ବସି

ବିହପଢ଼ିବା କଥା ମନକୁ ଆଣିଲେ ନାହିଁ । ତେଣୁ ଓଡ଼ିଆ ଭାଷାରେ ପାଠକସଂଖ୍ୟା ଦିନକୁ ଦିନ କମ ହେବାରେ ଲାଗିଲା ।

ଫେସ୍‌ବୁକ ବା ହ୍ୱାଟସଆପ୍ ଦ୍ୱାରା ଆଜକାଲି ଓଡ଼ିଆ ଭାଷାରେ ଅନେକ ଆଲେଖ୍ୟ ପ୍ରସାରିତ ହେଉଛି । ଆଧୁନିକ ବିଜ୍ଞାନ ଦ୍ୱାରା ଆମ ଭାଷା ପ୍ରସାରିତ ହେବା କିଛି କମ କଥା ନୁହେଁ । ଓଡ଼ିଆ ଭାଷାରେ ଅନେକ ଇ-ପତ୍ରିକା ମଧ୍ୟ ପ୍ରକାଶିତ ହୋଇ, ଅନଲାଇନ୍ ଅଧିକ ସମୟ ବିତାଉଥିବା ବ୍ୟକ୍ତିମାନଙ୍କୁ ଓଡ଼ିଆ ଭାଷାରେ ପାଠ ପଢ଼ିବାପାଇଁ ଉତ୍ସାହିତ କରୁଛି । ଅନ୍ୟୁନ ସାତ ଆଠଟି ଇ-ପତ୍ରିକା ସାମ୍ପ୍ରତିକ ସମୟରେ ବିଭିନ୍ନ ୱେବସାଇଟ୍ ବା ଫେସବୁକ୍ ଦ୍ୱାରା ପ୍ରସାରିତ ହେଉଛି, ସେଥିମଧ୍ୟରୁ ମାସିକ ଆହ୍ୱାନ, ଆମେ ଓଡ଼ିଆ, ଅରୁଣିମା, ଇତ୍ୟାଦି ବିଶିଷ୍ଟ ପତ୍ରିକାମାନ ଲକ୍ଷାଧିକ ଓଡ଼ିଆଙ୍କୁ ଓଡ଼ିଆଭାଷା ଓ ସାହିତ୍ୟ ସହ ସଫଳତାର ସହ ବାନ୍ଧିରଖିବାରେ ସଫଳ ହୋଇଛନ୍ତି । କିନ୍ତୁ ଅନେକ ବ୍ୟକ୍ତି ବା ଗ୍ରୁପ୍ ଓଡ଼ିଆଭାଷାକୁ ବିକୃତକରି ମଧ୍ୟ ବାର୍ତ୍ତା ମାନ ସଂପ୍ରସାରଣ କରୁଛନ୍ତି । ବ୍ୟାକରଣଗତ ତୃଟିରହିଥିବା ଅନେକ ଲେଖା ଆପଣ ଫେସବୁକରେ ଦେଖିବାକୁ ପାଇପାରିବେ । ଏହା ଦ୍ୱାରା ଭାଷା ପ୍ରଚୁର ପ୍ରସାରିତ ହେଉଥିଲେ ସୁଦ୍ଧା ଭୁଲ ଭାବରେ ପ୍ରସାରିତ ହେଉଥିବା କଥା ସମସ୍ତେ ମାନିବେ । ଓଡ଼ିଆ ଭାଷା ପାଇଁ ଯେଉଁ ବନ୍ଧୁମାନେ କାମ କରୁଛନ୍ତି ସେମାନେ ଯଦି ନିର୍ଭୁଲ ଓଡ଼ିଆରେ ଲେଖାଲେଖି ପ୍ରକାଶିତ କରନ୍ତେ ଏବଂ ଏହାକୁ ବିଭିନ୍ନ ମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ କରନ୍ତେ ତାହେଲେ ହୁଏତ ଆମ ଭାଷାର ପ୍ରସାର ହୋଇପାରନ୍ତା ।

ସମଗ୍ର ରାଜ୍ୟ ପ୍ରବଳ ଗ୍ରୀଷ୍ମର କବଳିତ । ଚାରିଆଡ଼େ କେବଳ ଉତ୍ତପ୍ତ ବାୟୁ ଏବଂ ଜ୍ୱଳନଶୀଳ ବାତାବରଣ, ଏମିତି ସମୟରେ ମାନସିକ ଭାବରେ କିଛି ଶାନ୍ତି ପହଞ୍ଚାଇବାର ପ୍ରୟାସରେ ଆମର ଚଳିତ ମାସର ଆହ୍ୱାନ ସୁଧିପାଠକ ପାଠିକାମାନଙ୍କ ପାଇଁ ଉପସ୍ଥାପନ କରୁଛି ଏବଂ ଆଶା କରୁଛି ଏହା ଆପଣମାନଙ୍କୁ ପସନ୍ଦ ହେବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ

# ଚଳତ ସଂସ୍କରଣରେ...


| | |
|---|---|
| ସମ୍ପାଦକୀୟ | ୪ |
| ଉଇଲ୍ | ୧୦ |
| *ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ* | |
| ଦାରୁ ଦେବତା | ୧୪ |
| *ଡା ସୌମ୍ୟରଞ୍ଜନ ମିଶ୍ର* | |
| ସମ୍ପର୍କର ଯୋଗସୂତ୍ର | ୧୬ |
| *ଅରବନ୍ଦ ଦାସ* | |
| ମା | ୧୯ |
| *ପ୍ରସନ୍ନ କୁମାର ଦାସ* | |
| ଭୂକମ୍ପ | ୨୦ |
| *ରଞ୍ଜନ କୁମାର ସ୍ୱାଇଁ* | |
| ଅସବର୍ଣ୍ଣ | ୨୧ |
| *ଶଙ୍କର* | |
| ଫୁସ୍‌ଫାସ | ୨୨ |
| *ଶ୍ରୀ ଅରବନ୍ଦ ଆଗ୍ରୁର୍ଯ୍ୟ* | |
| ଯନ୍ତ୍ରଣାର ଅନ୍ତ କାହିଁ ? | ୨୫ |
| *ଡା ସହଦେବ ସ୍ୱାଇଁ* | |
| ବଚତ୍ର ବଗ୍ବର | ୨୭ |
| *ହମାଂଶୁ ଶେଖର ବାରକ* | |
| ଓଡ଼ିଆ ଭାଷା ଓ ସମୃଦ୍ଧି | ୨୯ |
| *ମମତା ଦାଶ* | |
| କଳା କବତା | ୩୪ |
| *ଡ: କୁଳାଙ୍ଗାର* | |
| ହେଇ ପାରଲନ | ୩୫ |
| *ପ୍ରତଭା ପ୍ରିୟଦର୍ଶିନୀ* | |
| କନ୍ୟାଦାନ | ୩୬ |
| *ସୁଶାନ୍ତ ଖେଡୁଆଳ ସିଂହ* | |
| ମୋହଭଙ୍ଗ | ୩୭ |
| *ଗାଳ୍ପିକ ଭଗିରଥୀ ବେହେରା* | |
| ଆମ ଗାଁ ହରହର | ୪୪ |
| *କମଳକାନ୍ତ ସୁବୁଦ୍ଧି* | |


**http://www.facebook.com/odiaparibar**

| | |
|---|---|
| ଭୁଲଯାଅ ମୋତେ | ୪୫ |
| *ରବିନ୍ଦ୍ର ପାଣିଗ୍ରାହି* | |
| ବିଜ୍ଞାନ ଦୃଷ୍ଟିରେ ପୁନର୍ଜନ୍ମ | ୪୬ |
| *ବାଲ୍ମୀକି ନାୟକ* | |
| ଖରାଛୁଟି | ୫୦ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| ଥାଇରଏଡ୍ ସମସ୍ୟା | ୫୧ |
| *ଡା ସୁନିଲ୍ କୋଟା* | |
| ଦି ଟୋପା ଲୁହ | ୫୯ |
| *ସ୍ୱରୂପ କୁମାର ମଲ୍ଲ* | |
| ଜୀବନଜ୍ୟୋସ୍ନା | ୬୧ |
| *ପଦ୍ମିନୀ ପ୍ରିୟଦର୍ଶିନୀ ମିଶ୍ର* | |
| କର୍ମ | ୬୩ |
| *ଅନିଲ କୁମାର ବୋଇତି* | |
| ତୁମକୁ ଗୁହିଁ ବେଳଯିବ ବୁଡ଼ି | ୬୬ |
| *ତାରା ପ୍ରସାଦ ଜେନା* | |
| ଧ୍ୱଂସର ଏକ ଆଭାସ | ୬୯ |
| *ପ୍ରହ୍ଲାଦ ଖଟୋଇ* | |
| ସୌନ୍ଦର୍ଯ୍ୟ ଚର୍ଚ୍ଚା - କେଶର ଯତ୍ନ | ୭୨ |
| *ଶ୍ରୀମତି ସରିତା ପଣ୍ଡା* | |
| ମେଘ ଡମ୍ବରୁ | ୭୭ |
| *ସ୍ୱର୍ଣ୍ଣମୟୀ ଶତପଥି* | |
| ଚନ୍ଦ୍ରାକର ଦେଖନ୍ତୁ | ୮୦ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| କବିତାଘର ୨୦୧୫ ସୂଚନା | ୮୨ |
| ବିଶେଷ ସୂଚନା | ୮୪ |


ଚଳିତ ସଂସ୍କରଣର ପ୍ରଚ୍ଛଦ ଛବି ଆମକୁ ପଠାଇଛନ୍ତି ବ୍ରହ୍ମପୁରର ଉଦୀୟମାନ ଫଟୋଗ୍ରାଫର ବନ୍ଧୁ ସୟିଦ୍ ଫହମ୍ । ଫଟୋଗ୍ରାଫି ଶିଖିବା ଏବଂ ଏହାଦ୍ୱାରା ଅନେକ ଉନ୍ନତ ଓ ଭାବଉଦ୍ରେକକାରୀ ଫଟୋ ଉଠାଇବାରେ ସେ ସିଦ୍ଧହସ୍ତ । ପ୍ରଚ୍ଛଦରେ ପ୍ରକାଶିତ ଛବିଟି ସେ ବ୍ରହ୍ମପୁରର ପ୍ରମୁଖ ଗିରିମାର୍କେଟରେ ଥିବା ପରିବା ବଜାରରେ ଉତ୍ତୋଳନ କରିଥିଲେ । ଜୀବନର ପରିଣତ ବୟସରେ ଜଣେ ବୃଦ୍ଧ ନିଜ ପେଟ ପୋଷିବାପାଇଁ କରୁଥିବା କଷ୍ଟର ଏହା ଏକ ଅନନ୍ୟ ଉଦାହରଣ । ସୟିଦ ଫହମଙ୍କୁ ଧନ୍ୟବାଦ ଜଣାଉଛୁ ।

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ଜୁଲାଇ) ଦଶ ତାରିଖରେ ପ୍ରକାଶିତ ହେବ, ନିଜ ଲେଖା ପତ୍ରିକାରେ ପ୍ରକାଶିତ କରିବା ଇଚ୍ଛୁକ ଲେଖକଲେଖିକା ନିଜ ଲିଖିତ କୃତିକୁ ଆମ ନିକଟକୁ ଇମେଲ୍‌ଦ୍ୱାରା ପଠାଇ ପାରିବେ କିମ୍ବା ଚିଠିଦ୍ୱାରା ପଠାଇ ପାରିବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।

**http://www.facebook.com/groups/aahwaan**

# ଉଇଲ୍

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



‘ଦେଖ, ଯଦି ତୁମ ବାପା ରାଜି ନହେବେ, ତା ହେଲେ କିଛି କରିହେବନି ।’ ଦୃଢ଼ କଣ୍ଠରେ କହୁଥିଲେ ଓକିଲ ପ୍ରଦୀପ ଦାଶ । ସହରର ଜଣାଶୁଣା ଓକିଲ ସେ । ରବି ଆଉ ଅଖିଳ ଓକିଲଙ୍କ ସମ୍ମୁଖରେ ବସିଥିଲେ । ଅଶୀ ବୟସରୁ ଅଧିକ ବାପା, ଧନସମ୍ପତ୍ତିର ଖଣି କହିଲେ ଚଳିବ । ପରିଣତ ବୟସରେ ବିବାହ କରି ନିଜ ପୁଅମାନଙ୍କୁ ପର କରିଦେଇଛନ୍ତି ସେ । ରାଜରାଜୁଡ଼ା ଖାନଦାନର ଲୋକ ଭଳି ବିଲାତି ଢଙ୍ଗର ଜୀବନ ବିତେଇଛନ୍ତି ସେ । ପିଲାଦିନୁ ସାହେବି ଢଙ୍ଗ । ବୋପାଦାଦା ଯାହା ସମ୍ପତ୍ତି ରଖିଥିଲେ ସେ ସବୁକୁ ବସି ବସି ଯେତେ ସାରିଲେ ସୁଦ୍ଧା କିଛି ସରିଲାନି । ଯେତିକି ବଳକା ଥିଲା, ସେଥିରେ ସାତ ପୁରୁଷ ଚଳିଯିବା ଭଳି ଥିଲା । ହେଲେ, ବୟସ ବଢ଼ିବା ସହିତ ମାନସିକ ସ୍ଥିତି ବଦଳିଗଲା । ଯୁବାବସ୍ଥାରୁ ମଦ୍ୟପାନର ସଉକ ହେତୁ ଶରୀର ଅସୁସ୍ଥ ହେବାକୁ ଲାଗିଲା । ନିଜଘରେ ଖଟରେ ପଡ଼ିରହିଲା ସେ । ସେବା କରିବା ପାଇଁ ସେବିକା ପରିଚାରିକା ସବୁ ବ୍ୟବସ୍ଥା ଥିଲା, ହେଲେ ପୁଅମାନେ ଜାଣିପାରିଲେ ନାହିଁ, ଦିନେ ବୁଢ଼ା ଘୋଷଣା କରିଲା ସେ କମଳାକୁ ବାହାହେବ । କମଳା ଥିଲା ବୁଢ଼ାର ସେବାରେ ନିଯୁକ୍ତ ନର୍ସ । ପୁଅମାନେ ବାଧାଦେବା ସତ୍ତ୍ୱେ ସେ ମୁଣ୍ଡରେ ସିନ୍ଦୁର ଦେଇ କମଳାକୁ ନିଜ ପତ୍ନୀର ମର୍ଯ୍ୟାଦା ଦେଇଥିଲା ।

ବିବାହ ପରେ ସୁସ୍ଥ ଅନୁଭବ କରିଥିଲେ ବୁଢ଼ା । ବେଶ୍ କିଛିଦିନ ଆରାମରେ ଜୀବନ ବିତେଇଥିଲା । ପୁଅମାନେ ବୁଢ଼ାର ବ୍ୟକ୍ତିଗତ ଜୀବନରେ କୌଣସି ବାଧା ଉଠେଇନଥିଲେ । କମଳାର ଔରସରୁ ପୁଅଟିଏ ଜନ୍ମହେବାପରେ ସବୁ ଅସୁବିଧା ଆରମ୍ଭ ହେଲା । ସେତେବେଳକୁ ବୁଢ଼ାକୁ ସତୁରୀ ଉପରେ ବୟସ । ଦେହ ବି ଆଉ ସାହାରା ହେଉନି । ସେ ସବୁବେଳେ ଶଯ୍ୟାରେ ପଡ଼ିରହୁଛି । କମଳା

ଦିନରାତି ସେବା କରୁକରୁ କେଉଁଦିନ କେତେବେଳେ ସେ ବୁଢ଼ାର ସମ୍ପତ୍ତିକୁ ନିଜ ନାମରେ କରିପକାଇଲା, କେହି ଜାଣିପାରିଲେ ନାହିଁ । ହଠାତ୍ ଦିନେ, ଓକିଲ ନରସିଂହ ମହାପାତ୍ର ରାସ୍ତାରେ ରବିକୁ ଦେଖି ପଚାରି ପକାଇଲେ, ବାପାଙ୍କ ଦେହ କେମିତି ଅଛି ? ଶୁଣିଲି ଶେଷ ସମୟ ଆସିଗଲାଣି । ସେଇଥିପାଇଁ ସେ ଉଇଲ୍ କରିଦେଲେ କି ? ଉଇଲ୍ କଥା ଶୁଣି ରବି ଚମକି ପଡ଼ିଥିଲା ? କି ଉଇଲ୍ ? ଉଇଲ ପଢ଼ିବାପରେ ଦୁଇଭାଇଙ୍କ ପାଦତଳ ଭୂଇଁ ଖସିଯାଇଥିଲା । ସମ୍ପତ୍ତିର ସିଂହଭାଗ କମଳା ଆଉ ତା ପୁଅ ନାଁରେ କରାଯାଇଥିଲା । ଦୁଇଭାଇ ଏଇ ବିଷୟ ନେଇ ନିଜ ବାପା ପାଖରେ ଯାଇ ଫେରିଦ୍ କରିବା ବେଳକୁ ସେ ଆଉ କହିବା ଅବସ୍ଥାରେ ନଥିଲା । ଦେଖୁ ଦେଖୁ ସେ ପୁରା ନିର୍ବାକ୍ ନିଶ୍ଚଳ ଶରୀରଟିଏ ହୋଇଯାଇଥିଲା ।

ଅଶୀପରିର ବୁଢ଼ା । ଆଜୀବନ ଅଏସ୍ କରି କରି ବଞ୍ଚିଲା । ବୋପାଦାଦା ଅମଳରୁ ଧନସମ୍ପତ୍ତିର ଅଭାବ ନଥିଲା । ତି ତିଥର ବିବାହ କରିଥିଲା ସେ । ହେଲେ ବୟସ ଗଡ଼ିବା ସହିତ ଦେହ ବି ଧିରେ ଧିରେ ଖରାପ ହେବାକୁ ଲାଗିଲା । ଅତ୍ୟଧିକ ମଦ୍ୟପାନ ତା ପାଇଁ ବିଷ ହୋଇଯାଇଥିଲା । ଡାକ୍ତର କହିଥିଲେ କାଳେ ଲିଭର୍ କାମ କରୁନି । ନୂଆ ଲିଭର ପକେଇବାକୁ ପଡ଼ିବ । ହେଲେ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କେବଳ ବଡ଼ ଡାକ୍ତରଖାନାରେ ହିଁ ହୋଇପାରିବ । ସବୁଠି ଦେଖେଇ ଦେଖେଇ ଶେଷରେ ସମସ୍ତେ ମନା କରିଦେଲେ । ଏତେବର୍ଷ ବୟସରେ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇପାରିବନି ବୋଲି କହିଦେଲେ । ଏମିତି ଦିନେ ହଠାତ୍ ବୁଢ଼ାର ପାଟି ପଡ଼ିଗଲା । ଏହି ହସପିଟାଲକୁ ଆଣିବା ପରେ ଡାକ୍ତର କହିଲେ ଲିଭର ସହିତ କିଡ଼ନୀ ବି କାମ କରୁନି । ଡାଇଲସିସ୍‌ରେ ରଖାହୋଇଥିଲା । ଡାକ୍ତର କହିଦେଇଥିଲେ, ବୁଢ଼ାର ବଞ୍ଚିବା ଅସମ୍ଭବ । ହେଲେ ଦୁଇ ପୁଅ ତାଙ୍କର ଚିକିତ୍ସା କରିବାକୁ ଚାହୁଁଥିଲେ, କାରଣ ସେ ଟିକେ ଚେତାରେ ଆସିଲେ ତାଙ୍କୁ ବୁଝେଇ ସୁଝେଇ ଉଇଲ୍ ପେପରରେ ଦସ୍ତଖତ ନେଇଗଲେ ସବୁ ସମ୍ପତ୍ତି ତାଙ୍କର ହୋଇଯିବ । ହେଲେ ହସପିଟାଲରେ ଭର୍ତ୍ତି ହେବାର ଆଠଘଣ୍ଟାପରେ ବୁଢ଼ାର ପ୍ରାଣବାୟୁ ଚାଲିଗଲା ।

'କଣ ହେଲା ? ବାପା ଆଉ ନାହାନ୍ତି ?' କାନ୍ଦି କାନ୍ଦି ଆଖିରେ ଅଖିଳ ସାନଭାଇ ରବିକୁ ଚାହିଁ ପଚାରିଲା । ରବି ସେତେବେଳକୁ ମୁଣ୍ଡରେ ହାତଦେଇ ବସିଥିଲା । ସନ୍ଧ୍ୟା ସାଢ଼େ ଛଅଟା ହେବ ।

ହସପିଟାଲ ବାରଣ୍ଡାରେ ଦୁଇଭାଇ ବସି ଚିନ୍ତା କରୁଥିବା ସମୟରେ ବନ୍ଧୁପରିଜନ ଏକାଠି ହୋଇଯାଇଥିଲେ । କିଏ କହୁଥିଲା, 'ଯାହା ହେବାର ଥିଲା ହେଲା, ଆଉ କଣ କରିବା ? ଆମ ହାତରେ କିଛି ଅଛି କି ?' ପୁଣି କିଏ କହୁଥିଲା, 'ଏତେବର୍ଷ ସେ କେମିତି ବଞ୍ଚିରହିଲେ ସେଇଟା ହିଁ ଆଶ୍ଚର୍ଯ୍ୟ । ଆମେ ସେତେବର୍ଷ ରହିବାକି ନାହିଁ କିଏ କହିବ ?' ପୁଣି କିଏ କହିଲା, 'ସେ ତ ଚାଲିଗଲେ, ଆଉ ଡେରି କାହିଁକି, ଚାଲ ନେଇଯିବା । ବେଶୀ ସମୟ ରହିଲେ ଗନ୍ଧ ହୋଇଯିବ । ଶ୍ମଶାନ କର୍ମ କରିବାକୁ ଅସୁବିଧା ହେବ ।' ଏମିତି ସବୁ କୁହାକୁହି ହେଉଥିଲା ବେଳେ ଦୂରରୁ କାନ୍ଦି କାନ୍ଦି ଆସି ପହଞ୍ଚିଲା ସାନ ଭଉଣୀ ଲୀନା । ଦୁଇଭାଇଙ୍କୁ ଚାହିଁ କହିଲା, 'କେମିତି ହେଲା ? କିଏ ପାଖରେ ଥିଲା ? ମରିବା ପୂର୍ବରୁ ଉଇଲ୍ ପେପରରେ ଦସ୍ତଖତ କରିଥିଲେ ନା ନାଇଁ ?' ଦୁଇଭାଇ ମୁଣ୍ଡପୋତି ବସିଥିବା ଦେଖି ଲୀନା ନିଜ ପ୍ରଶ୍ନର ଉତ୍ତର ପାଇଯାଇଥିଲା । ଉପସ୍ଥିତ ସମସ୍ତେ ବର୍ତ୍ତମାନ କେବଳ ଗୋଟିଏ କଥା ହେଉଥିଲେ, 'କଣ ହେଲା ? ଉଇଲ୍ ଟା ବଦଳେଇ ପାରିଲେନି ? ଛେ... ଆଉ କି ଲାଭ ? ଗଲା ... ସବୁ ସମ୍ପତ୍ତି ସେ ... ମାଇକିନା ନେଇଯିବ । ତମକୁ ଆଉ କଣ ମିଳିବ ? କୁଆଡ଼େ ଗଲା ସେ ? ଏତେ ସ୍ୱାମୀ ସ୍ୱାମୀ ବୋଲି ବୋଲାଉଥିଲା, କାହିଁ ଏବେ ତ ଦେଖା ନାଇଁ ? ଆଉ ଦେଖା ଯିବ କାହିଁକି ? ତା'ର ତ ସାତପୁରୁଷ ପାଇଁ ଯୋଗାଡ଼ କରିଦେଇ ଗଲା ବୁଢ଼ା ।' ଶ୍ମଶାନ ନେବା କଥା କହୁଥିବା ବନ୍ଧୁପରିଜନ ଜଣେ ଜଣେ ଏବେ ସେଠାରୁ ବାହାରିଲେଣି । ତେଣେ ୱାର୍ଡ଼ରେ ନର୍ସ୍ ଦିଦି କହୁଛନ୍ତି, ଡାକ୍ତର ଆଜ୍ଞା ଆସିଲେ ହିଁ ଡିସ୍‌ଚାର୍ଜ ମିଳିବ ।

ୱାର୍ଡ୍ ଭିତରେ ବହୁତ ଗହଳି । ମରିଯାଇଥିଲା ବୁଢ଼ା ପାଇଁ କାହାର ତିଳେ ହେଲେ ଚିନ୍ତା ନାହିଁ । ସବୁ ଖାଲି ଏଇ ଚିନ୍ତାରେ ଅଛନ୍ତି ଯେ ବୁଢ଼ାର ସମ୍ପତ୍ତି ସବୁ ହାତରୁ ଚାଲିଗଲା । ବାରମ୍ବାର ଏହି ସବୁ କଥା ଶୁଣିଶୁଣି ତିନି ପୁଅଝିଅ ଉତ୍ୟକ୍ତ ହୋଇଉଠିଲେ । ଏହି ସମୟରେ କେହି ଜଣେ କହିଲା, 'ବଡ଼ ହସପିଟାଲ୍ ବୋଲି ଆଡ଼ମିଟ୍ କରିଥିଲ ପରା ରେ ? କଣ ହେଲା ? କୁଆଡ଼େ ଗଲେ ସେ ଡାକ୍ତର ? କାହିଁ ତୋ ବାପାକୁ ତ ବଞ୍ଚେଇ ପାରିଲେନି ?' ଏହି ସମୟରେ ଡାକ୍ତର ଆସିଲେ । ସେ ରୋଗୀପାଖକୁ ଯାଇ ପରୀକ୍ଷାକରି ଘୋଷଣା କରିଦେଲେ ଯେ ସେ ମୃତ । ଡିସଚାର୍ଜ ପେପର୍ ସବୁ ସେ ସାଇନ୍ କରିଦେଲେ । ଏହି ସମୟରେ କେହି ଜଣେ କହିଲା, 'ରୋଗୀକୁ ଯଦି ବଞ୍ଚେଇ ପାରିବନି, ତ ରଖୁଚ କାହିଁକି ?' ଡାକ୍ତର କୌଣସି ଉତ୍ତର ନ ଦେଇ ନିଜ ବସିବା ସ୍ଥାନରୁ ଉଠି ଅନ୍ୟ ଜଣେ ରୋଗୀକୁ

ଦେଖିବାକୁ ଗ୍ଭଲିଗଲେ । ଏଥିରେ ଉତ୍ୟକ୍ତ ଜଣେ କିଏ ଡାକ୍ତରଙ୍କ ସାର୍ଟର କଲର୍ ଧରି ଟାଣିଆଣିବା ପରେ, ସେ ବାଧାଦେଇ ୱାର୍ଡ୍ ଛାଡ଼ିଦେଇ ଗ୍ଭଲିଗଲେ । ଏହାପରେ ଆରମ୍ଭ ହେଲା କଳଗୋଳ । 'ହାଁ, ଦେଖ ଡାକ୍ତରର ବହପ । ଟଙ୍କା ନେଲା ବେଳକୁ ଆଗ, ପ୍ରଶ୍ନଟେ ପଗ୍ଭରିଲେ ମୁହଁ ମୋଡ଼ି ଗ୍ଭଲିଯାଉଚି ।' ବାସ୍... କିଛି ସମୟ ପରେ ୱାର୍ଡ଼ ସାମନାରେ ହିଁ ଅନେକ ଲୋକ ଡାକ୍ତରଙ୍କୁ ଠେଲାପେଲା କରୁଥିଲେ ଆଉ ଧକ୍କାମାରିବା ବେଳେ କିଏ ତାଙ୍କ ମୋବାଇଲ୍ ଛଡ଼େଇ ନେଇଥିଲା ତ ଆଉ କିଏ ତାଙ୍କ ପର୍ସ୍ ନେଇଗଲା । କେଇ ମିନିଟର ଆକ୍ରମଣ ପରେ ଡାକ୍ତରଙ୍କ ମୁହଁରୁ ରକ୍ତର ଧାର ବହୁଥିଲେ । ସେଠାରେ ଉପସ୍ଥିତ ନର୍ସମାନେ କେହି ବି ସାହାସ କରି ଆଗକୁ ଗଲେନାହିଁ । ମାଡ଼କୁ ମହାଦେବ ଡରନ୍ତି । ହାତର ଗୋଟିଏ ହାଡ଼ ଭଙ୍ଗିଯାଇଥିଲା, ମୁହଁର ଗୋଟିଏ ହାଡ଼ ଭଙ୍ଗିଥିଲା । ଗୋଟିଏ ଆଖି ପୁରା କଳା ପଡ଼ିଯାଇଥିଲା । ଶରୀରରେ କୌଣସି ସ୍ଥାନରେ ମାଡ଼ର ଚିହ୍ନ ନଥିଲା ବୋଲି କହି ହେବନି । ହସପିଟାଲର ସିକ୍ୟୁରିଟି ଆସିବା ପରେ ସବୁ ସମାଧାନ ହୋଇଥିଲା, ବୁଢ଼ାର ଶବକୁ ନେଇ ପରିଜନମାନେ ଗ୍ଭଲିଯାଇଥିଲେ, ଡାକ୍ତରଙ୍କ ଅଗତ୍ୟା ସେହି ହସପିଟାଲରେ ହିଁ ଆଡ଼ମିଟ୍ କରିବାକୁ ପଡ଼ିଥିଲା ।

# ଦାରୁ ଦେବତା

ଡା ସୌମ୍ୟରଞ୍ଜନ ମିଶ୍ର



କଳା କଳେବର ସାଆନ୍ତ ସଙ୍ଗେ ଦଇତା ସୁତ
କୋଇଲି ବୈକୁଣ୍ଠ ଆସନ୍ତ ଦାଣ୍ଡେ ଦେଖ ଲୋ ମିତ ।
ଖସି ପଡୁ ପଛେ ମଥାରୁ ଧାର ଗଙ୍ଗା ଯମୁନା
କ୍ଷୀର ସଙ୍ଗେ ଭଙ୍ଗ ପିଇଲେ ନାଶ ଯିବ ବେଦନା ।
ଗହନ ପୀରତ ସବୁଠି ଘୋର ଏ କଳକାଳ
ଗୁପତ ନୀତକୁ ଦେଖିଲେ ସେ ଯେ ନବୀନ ବାଳ ।
ଘାଉଡ଼ ନ ହେଉ ଗୋଡ଼ରେ ତେଣୁ ଦଇତା ପତ
ଘେନ ଦାମି ଦାମି ମୋଟର ଯାନ ବୁଲନ୍ତ ନତ ।
ଉଇଁ ଆସୁଛନ୍ତ ଚନ୍ଦ୍ରମା ବଦ୍ୟାଧର ପୁରରୁ
ଉଠ ଭଣପୁର ଯୁବତୀ ଓଗାଳବା ଆଗରୁ ।
ଚନ୍ଦନ ତୁଳସୀ ଟିକଏ ଦେଇ ଭକତ ଜନ
ଚଉ ଚହଲ ମୋ ଯାଉଛ ଗୃହିଁ ଦକ୍ଷିଣା ଦାନ ।
ଛନକା ପଶିଲ ଛାତରେ ପେଟ୍ର ବସାକୁ ଦେଖି
ଛୁଡ଼ିଯିବ କାଳେ ଜୀବନ କଅଁଳ ନରମାଖି ।
ଜହର ସାଙ୍ଗରେ ମହୁର ଯେପର ଯତପାତ

ଜଣାପଡୁଥିଲ୍ ସେପରି ବନଜାଗର ଯାତ ।

ଝଡ଼ିଥିଲ୍ ଯଦ ମଙ୍ଗଳା ମାଆ ମୁଣ୍ଡରୁ ଫୁଲ

ଝଡ଼େଇ ହେବାକୁ ଇଆଡ଼େ ସିଆଡ଼େ କାହିଁକି ଗଲ ?

ନୟନ ଉପରେ ଭ୍ରୂଲତା କରେ ଶୋଭା ବର୍ଦ୍ଧନ

ନେତା ସେ ଶଗଡ଼ି ଉପରେ ଯେହ୍ନେ ଦାରୁଙ୍କ ପ୍ରାଣ ।

ଟୋପିବାଲ୍ ସଙ୍ଗେ ଆଗରୁ ଯଦ ନାହିଁ ସଙ୍ଗତ

ଟେକ ଷଣ୍ଢା ଗୃହାଁ ଦାରୁଙ୍କୁ ଦୂରୁ ଯୋଡ଼ିଣ ହସ୍ତ ।

ଠାବ କରୁ କରୁ ଦାରୁଙ୍କୁ ଯବକାଚ ପକାଇ

ଠକ ଦେଲେ ବଡ଼ ଠାକୁର କେଣେ କହିବା ଯାଇ ।

ଡାକୁଛ ଅର୍କ୍ଷିତ ପୁଅକୁ ହୋମଗାର୍ଡ଼ ଗୃକରୀ

ଡିଉଟି ଆରମ୍ଭ ଓ ଶେଷ ଖାଲି ସାଲ୍ୟୁଟ ମାରି ।

ଢଳ ରହିଥାଉ ମୋ ମନ ପ୍ରଭୂ ତୁମ୍ଭ ଚରଣେ

ଢାଳ ଦଅ ତୁମ ଆଶିଷ ମୋର କଲମ ମୁନେ ।

ମୋବାଇଲ୍ - ୯୯୩୭୩୭୪୩୪୨

ଇମେଲ୍ - dr.srmishra@gmail.com

# ସମ୍ପର୍କର ଯୋଗସୂତ୍ର

ଅରବିନ୍ଦ ଦାସ



ମୁଁ ବ୍ୟାଚେଲର ବୋଲି ଜାଣିସୁଦ୍ଧା, ଭଡ଼ାଟିଆ ଭାବେ ମୋତେ ରଖିଥିବାରୁ ଘର ମାଲିକ ଗୌରାଙ୍ଗବାବୁ ଓ ମାଲିକାଣୀ ସ୍ନେହା ମ୍ୟାଡ଼ମଙ୍କ ପ୍ରତି ମୋର ଶ୍ରଦ୍ଧା ଓ କୃତଜ୍ଞତା ବଢ଼ିଯାଇଥିଲା ।

'ଆମକୁ ସାର୍ ମ୍ୟାଡ଼ମ୍ ବଦଳରେ ଏଣିକି ମଉସା ମାଉସୀ ବୋଲି ଡାକିବ । ବାହାର ଯାଗାରେ ଏଇ ଡକାହକା ସମ୍ପର୍କକୁ ନେଇ ଆମେ ବଞ୍ଚିଛେ । ତମେ ଆମ ସାନପୁଅ ଠାରୁ ବୟସରେ ଟିକେ ସାନ ହେବ । ଭଲ ଝିଅଟେ ଦେଖି ଶୀଘ୍ର ବାହା ହେଇପଡ଼ । ମୋତେ ଗପିବାକୁ ମଣିଷଟେ ମିଳିଯିବ ।'

ସ୍ନେହ ମାଉସୀଙ୍କ ଅମୃତବୋଳା କଥା ପଦକ ଶୁଣି ମୁଁ ଯେତିକି ଖୁସି ହୋଇଯାଇଥିଲି । 'ଟୁ-ଲେଟ୍' ବୋର୍ଡ଼ ଦେଖି ଘରେ ପହଞ୍ଚିଲାପରେ ମାଉସୀଙ୍କ ସହିତ ହିଁ ସବୁ କଥାବାର୍ତ୍ତା କରିଥିଲି । ମୋ ଚାକିରୀ, ଘର ପରିବାର କଥା ଜାଣି ମାଉସୀ ହିଁ ମୋତେ ଜବାବ୍ ଦେଇଥିଲେ ।

ଉପର ମହଲାରେ ମଉସା, ମାଉସୀ ଦୁହେଁ ରହନ୍ତି । ଦୁଇପୁଅ ଚାକିରୀ କରି ବାହାରେ ରହନ୍ତି ବୋଲି ମାଉସୀଙ୍କ ଠାରୁ ଶୁଣିଥିଲି । ମଉସା ମାଉସୀ ଦୁହେଁ ବହୁତ ସାଧାସିଧା ଓ ସରଳିଆ ମଣିଷ ଭଳି ମୋତେ ଲାଗିଥିଲେ ପ୍ରଥମ ଦେଖାରେ ।

ମୁଁ ସକାଳ ୭ଟାରେ ଅଫିସ ବାହାରିଯାଏ ବୋଲି, ମାଉସୀ ତାଙ୍କ ଘରେ କାମ କରୁଥିବା ଚାକରାଣୀଦ୍ୱାରା ମୁଁ ରହୁଥିବା ତଳମହଲା ଘରଟା ଝାଡୁପୋଛା କରାଇ ଦିଅନ୍ତି ।  ମୋ ଲୁଗାପଟା ବି ତା ଦ୍ୱାରା ସଫା କରାଇ, ବାହାରୁ ଆଇରନ୍ କରି ନେଇ ଆସନ୍ତି । ନିଜ ଘରେ ରହିଲା ପରି ଲାଗୁଥାଏ ମୋତେ । ଗୋଟାଏ ଜିନିଷ ମୁଁ ଲକ୍ଷ୍ୟ କରି ଆଶ୍ଚର୍ଯ୍ୟ ହୋଇଥିଲି, କର୍ଡ଼ଲେସ୍ ଫୋନଟା ଧରି ବାଲକୋନୀରେ ବସି

ଘଣ୍ଟା ଘଣ୍ଟା ଗପନ୍ତି ମାଉସୀ ।

'ମାଉସୀ ବୋଧହୁଏ ଗପୁଡ଼ି । ଖାଲି ପୁଅବୋହୂ, ନାତି ନାତୁଣୀଙ୍କ ସହ ଗପନ୍ତି ନା ଅନ୍ୟମାନଙ୍କ ସହ ଗପନ୍ତି ?'

ମୋ ପ୍ରଶ୍ନ ଶୁଣି ଅଳ୍ପ ହସି ଗୌରିଙ୍କ ମଉସା କହିଲେ, କିଏ ବୁଝେଇବ ତାକୁ ? ଘର କାମଦାମ ତ ନାହିଁ । ତେଣୁ ଫୋନଟା ଧରି ବସିପଡୁଛି । ଯେତେଥର କହିଲେ ବି, ଘର ଭିତରେ ଫୋନରେ କଥା ନ ହୋଇ ଏଇ ବାଲକୋନୀରେ ବସି ଗପିବ । ହେଲେ ଏ ବିଷୟରେ ତାକୁ ଜମା ଏ ପ୍ରଶ୍ନ ପଚାରିବ ନାହିଁ । ରାଗିଯାଇ ତୁମକୁ ସିଧା ଏ ଘରୁ ବାହାର କରିଦେବ ।

ଚୁପଚାପ୍ ମଉସାଙ୍କୁ ପଚାରିଲି, 'ଆମେରିକା ଓ ଲଣ୍ଡନରେ ରହୁଥିବା ଦୁଇ ପୁଅଙ୍କ ପାଖକୁ ଏତେ ସମୟ ଫୋନ କଲେ ବହୁତ ବିଲ୍ ତ ହେଉଥିବ ? ଏହା ଅପେକ୍ଷା ଇଣ୍ଟରନେଟରେ କଥା ହେଲେ ବହୁତ କମ୍ ପଇସା ଖର୍ଚ୍ଚ ହୁଅନ୍ତା । ପୁଣି କାନ ଉପରେ ବି ପ୍ରେସର୍ ପଡୁଥିବ ନା !'

ଶୁଖିଲା ହସଟେ ମୁହଁରେ ଖେଳାଇ ମଉସା କହିଲେ, 'ତୁମ ମାଉସୀ ଯାହା ବୁଝିଥିବ ସେଇୟା । ଗୋଟିଏ ମା ପାଖରେ ତା ପିଲାମାନେ ସବୁବେଳେ ଆଗ ।'

ଦିନେ ସକାଳୁ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା । ମୋ ମୋବାଇଲରେ ନେଟୱାର୍କ ନଥିବାରୁ, ଅଫିସକୁ ଫୋନ କରିବାପାଇଁ ଉପର ମହଲାକୁ ଚାଲିଆସିଲି । ମଉସାଙ୍କ ପାଖରେ ସୋଫାରେ ବସି କହିଲି, 'ଆପଣଙ୍କ ଲ୍ୟାଣ୍ଡଲାଇନ୍ ଫୋନରୁ ଅଫିସକୁ ଟିକେ ଫୋନ କରିଥାନ୍ତି ।'

ହଡ଼ବଡ଼େଇ ଗଲାପରି ମଉସା କହିଲେ, ଫୋନ୍ ଟା ତ ଡେଡ୍ ଅଛି ।

ତଳକୁ ଫେରି ଆସିଲା ବେଳେ ଦେଖିଲି ରାସ୍ତା ଆଡ଼କୁ ଅନେଇ କର୍ଡଲେସ୍ ଫୋନରେ ମାଉସୀ ଗପୁଛନ୍ତି । ବିରକ୍ତି ଲାଗିଲା ମଉସାଙ୍କ ଉପରେ । ଘୁରିପଡ଼ି ମାଉସୀଙ୍କୁ ଅନାଇଲି । ମୋ ଆଖିର ଭାଷା ବୋଧେ ପଢ଼ିପାରିଲେ ମଉସା । ମୋ କାନ୍ଧରେ ହାତ ରଖି କହିଲେ, 'ତୁମେ ଭାବୁଥିବ, ମୁଁ ମିଛ କହୁଛି । ହେଲେ ତୁମ ମାଉସୀ ଯେଉଁଠିକୁ ଫୋନ୍ କରେ ସେଇଠିକୁ ଫୋନ୍ ଲାଇନ୍ ଦରକାର୍ ନାହିଁ ।'

'ମାନେ' ଆଶ୍ଚର୍ଯ୍ୟ ହୋଇପଚାରିଲି ।

ଡ୍ରଇଂ ରୁମର ଲ୍ୟାଣ୍ଡଲାଇନ୍ ଫୋନର କଟା ତାରକୁ ଦେଖାଇ ମଉସା କହିଲେ, 'ଦଶବର୍ଷ ହେଲାଣି ଆମ ଘରେ ଲ୍ୟାଣ୍ଡଲାଇନ୍ କନେକ୍ସନ୍ ନାହିଁ ।'

ଆଶ୍ଚର୍ଯ୍ୟ ହୋଇ ପଚାରିଲି, 'ତା'ହେଲେ ମାଉସୀ କେମିତି କଥା ହେଉଛନ୍ତି ?'

'ଦଶବର୍ଷ ତଳେ ଗୋଟିଏ ଦୁର୍ଘଟଣାରେ ଆମର ଦୁଇପୁଅ ଆର ପାରିକୁ ଚାଲିଯାଇଛନ୍ତି । ପୁଅଙ୍କୁ ହରାଇ ମାଉସୀ ଡିପ୍ରେସନ୍ କୁ ଚାଲିଯାଇଥିଲା । ତୁଏତ ଏମିତି ଗପୁଛି ବୋଲି ବଞ୍ଚିଛି । କିନ୍ତୁ ବିଶ୍ୱାସ କର ସେ ପାଗଳ ନୁହେଁ ।'

ମଉସାଙ୍କ କଥା ଶୁଣି ସୋଫାରେ ବସିପଡ଼ିଲି । ମଉସାଙ୍କ ଦୁଇହାତକୁ ଭାବପ୍ରବଣତାରେ ଧରି ପକାଇଲି, 'ଏମିତି ନିଆରା ମଣିଷମାନେ ପାଗଳ ହେବେ କାହିଁକି ? ଗୋଟେ ମାଆ କଣ କେବେ ପାଗଳ ହୋଇପାରେ ?'

ମୋର ଓ ମଉସାଙ୍କ ଆଖି ଛଳଛଳ ହୋଇଯାଇଥିଲା ।

ମଉସାଙ୍କ କାନ୍ଧରେ ହାତରଖି କହିଲି, 'ନିଜ ମୃତ ପିଲାମାନଙ୍କ ସହ ଯୋଗାଯୋଗ କେବଳ ଜଣେ ମାଁ ହିଁ କରିପାରେ । ଟେଲିଫୋନଟା କେବଳ ଏକ ବାହାନା ମାତ୍ର ।'

ବାଲକୋନୀରେ ବସି ମାଉସୀ ସେମିତି ଗପୁଥିଲେ ନିର୍ବିକାର ଭାବେ । ନିଜ ଭାବନା ରାଜ୍ୟରେ ସେ ମଗ୍ନ ଥିଲେ । ବର୍ଷାର ବେଗ ବଢ଼ିଚାଲିଥିଲା ।

ଆସିଷ୍ଟାଣ୍ଟ କମିଶନର୍, ସେଣ୍ଟ୍ରାଲ୍ ଏକ୍ସାଇଜ୍ ଆଣ୍ଡ ସର୍ଭିସ୍ ଟାକ୍ସ
ଫ୍ଲାଟ୍-୧୦୩, ହୋରାଇଜନ୍ ଏନ୍କ୍ଲେଭ୍, ମହାରାଣୀପେଟା,
ବିଶାଖାପାଟଣା - ୫୩୦୦୦୨
ଫୋନ୍ - ୦୯୯୧୭୭୬୦୫୧୦୫

# ମା

ପ୍ରସନ୍ନ କୁମାର ଦାସ



ମାଆ ତୁ ତ୍ୟାଗର ଜୀବନ୍ତ ମୂରତ
ମମତା ଭରା ସାଗର
ଈଶ୍ୱରକୁ କିଏ ଦେଖିଥିବ କାହିଁ
ତୁହି ମୋ ପରମେଶ୍ୱର ।
ଦେଶ ଜଗତରେ ବିଭିନ୍ନ ପ୍ରାନ୍ତରେ
ଭିନ୍ନ ଭିନ୍ନ ତୋର ନାମ
ଶୈଶବ କାଳୁ ବୋଉ ସମ୍ବୋଧନେ
ପାଇଛି ମୁଁ ପୂର୍ଣ୍ଣକାମ ।
ସାଗର ଗଭୀର ମାପଇ ମଣିଷ
ତୋ'ହୃଦ ମାପିବ କିଏ
ତୋ'ବାତ୍ସଲ୍ୟ ପ୍ରେମ ମୋହେ ଭଗବାନ
ଧାରାରେ ଜନମ ନିଏ ।
ଗର୍ଭରେ ଧାରଣ କରିବା କାଳରୁ
ସନ୍ତାନ ପାଳୁ ସ୍ନେହରେ
ଆଖି ପଲକରୁ ଲିଭେନି ମମତା
ମହାପ୍ରୟାଣ କାଳରେ ।
ଦଶଦିଶେ କାହିଁ ଏ ମହିମଣ୍ଡଳେ
ତୋପରି ଦେବତା ନାହିଁ
ଦେବା କାର୍ପଣ୍ୟର ସେବାଫଳ ତୋର
କିଏ'ବା ଭୁଲି ପାରଇ ।
ବଡ ଭାଗ୍ୟହୀନ ଅଟେ ସେ' ସନ୍ତାନ
ମା'ପାଦ ଯେ' ନ'ପୂଜେ
ମନୁଷ୍ୟ ଜନମ ପଶୁତୁଲ୍ୟ ତା'ର
ଧିକ ମଣିଷ ସମାଜେ ।

ଡି- ୭୧,ପର୍ଯ୍ୟାବରଣ କମ୍ପ୍ଲେକ୍ସ
ପୋଷ୍ଟ: ମେହରୁଲି
ନୂଆ ଦିଲ୍ଲୀ -୩୦
ପିନ- ୧୧୦୦୩୦
ମୋ: +୯୧ ୯୮୧୦୧୭୩୬୨୨
e-mail-prasannakrdas@yahoo.com

# ଭୂକମ୍ପ

ରଞ୍ଜନ କୁମାର ସ୍ୱାଇଁ



ରହ ରହ ଭୂକମ୍ପ ତୁ,
ଆଉ ଦେଖାନ ତ ବନାଶ।
କୁନ ପିଲାଟିଏ କ୍ଷୀର ଗ୍ରୁଡି ନାହିଁ,
ହୋଇ ନାହିଁ ତାର ବୟସ।।୧

ରହ ରହ ଭୂକମ୍ପ ତୁ,
ଥମିଯାରେ ତୁହ ଆଜ।
ବଭା ମଣ୍ଡପରେ କନଆଁ ବସିଛ,
ବଧୂ ବେଶଟିଏ ସାଜ।।୨

ରହ ରହ ଭୂକମ୍ପ ତୁ,
ଆଉ ଦେଖାନତ ତାଣ୍ଡବ।
ବୁଢା ମା ବାପ ଗୃହିଁ ବସିଛନ୍ତ,
ପୁଅ ତାର କେବେ ଫେରବ।।୩

ରହ ରହ ଭୂକମ୍ପ ତୁ,
କରନାହିଁ ଆଉ ନଗଣ।
ସଙ୍ଖନାଦରେ ଆକାଶ କମ୍ପୁଛ,
କେବେ ଦେବୁ ମୁଖେ ହରସ।।୪

ରହ ରହ ଭୂକମ୍ପ ତୁ,
ଆଉ ଟାଣନାତ ଭାଗ୍ୟଡୋର।
କାମ କରୁନାହିଁ ଅର୍ଥବଳ ଏଠି,
ବାହୁବଳ କମ୍ବା ବାକ୍ଚାତୁରୀ।।୫

ରହ ରହ ଭୂକମ୍ପ ତୁ,
କରଦେ ଥରେ କ୍ଷମା।
ନସହାୟଙ୍କର କରୁଣ କାନ୍ଦଣା,
ଶୁଭ ନାହିଁକରେ ଜମା।

ରହ ରହ ଭୂକମ୍ପ ତୁ,
ରହ ଯା ଥରେ ତୁହ।
ମାନବ ସ୍ୱାର୍ଥେ ପ୍ରକୃତର ନଷ୍ଟ
ଆଉ କେବେ ହେବ ନାହିଁ।।୭

# ଅସବର୍ଣ୍ଣ

ଶଙ୍କର



ମୁଁ ନୁହେଁ...
କାବ୍ୟନାୟକ କେଉଁ ଲେଖକର

ମୁଁ ନୁହେଁ...
କେଉଁ ରଙ୍ଗୀନାର ସ୍ୱପ୍ନ କୁମାର
ପାଇଛି ଯାହାଠୁ ମୁଁ ଜୀବନର ଶ୍ରେଷ୍ଠ ଆଘାତ
ତଥାପି ମୁଁ ଅଟେ
ବନସ୍ପତିର ଶୁଷ୍କ ପତ୍ର ସଦୃଶ...

ସ୍ୱପ୍ନର ବିନିମୟରେ ଜୀବନକୁ ଦେଲି ବିକି
ବିଞ୍ଚି ଦେଇ ବାଲୁକା ସବୁଜିମା ମଧ୍ୟରେ
ଭାବମୟତା ମଧ୍ୟରେ ଆବିଷ୍କାର କଲି
ଧୂସର, ନିବର୍ଣ୍ଣ ଅନୁମେୟ...

ଗଲି ମୁଁ ଶ୍ମଶାନକୁ ଚାଲି...
ବୋହି ନିଜେ ନିଜର ଶବ
ଜଳାଇଲି ନିଜ ଚିତା
ଧରି ଅଗ୍ନିକାଷ୍ଠ

ର୍ଲେ, ନର୍ଥ କ୍ୟାରୋଲିନା
୭୦୨୩୦୩୦୩୭୩
euphoriaherald@gmail.com

# ଫୁସ୍‌ଫାସ୍

ଶ୍ରୀ ଅରବିନ୍ଦ ଆଗ୍ରୁର୍ଯ୍ୟ



ଆଜକାଲି ଘୋ ଘା'କୁ ଶୁଣିବାକୁ ଲୋକେ ଯେତିକି ଆଗ୍ରହୀ ନୁହନ୍ତି, ଫୁସ୍‌ଫାସ୍ ଶୁଣିବାକୁ ତହୁଁବଳି ଆଗ୍ରହୀ ହୋଇ ଉଠୁଛନ୍ତି । ଯେହେତୁ ମୁଁ ଆଜିକାଲିକା ଲୋକ ଭିତରେ ଗଣା, ମୁଁ ବା କାହିଁକି ଉକ୍ତ ଗୁଣରେ ଭୂଷିତ ନ ହେବି ! ମୁଁ ଆଜି ପର୍ଯ୍ୟନ୍ତ ଯାହା ଜାଣିବାକୁ ପାଇଲିଣି, ଫୁସ୍‌ଫାସ୍ ପ୍ରାୟ ତିନି ପ୍ରକାରର ଯଥା; ଦିଜଣିଆ ଫୁସ୍‌ଫାସ୍, ତିନିଜଣିଆ ଫୁସ୍‌ଫାସ୍ ଓ ବହୁଜଣିଆ ଫୁସ୍‌ଫାସ୍ । ସାଧାରଣତଃ ଦୁଇଜଣ ହେଲେ ସିନା ଫୁସ୍‌ଫାସ୍ ହେବ । କାହିଁକିନା ଜଣେ ଫୁସ୍ କଲେ ଆଉ ଜଣେ ଫାସ୍ କରିବ । ତିନିଜଣିଆ ଫୁସ୍‌ଫାସରେ କମଜୋରିଆ ଲୋକଟା କେବଳ ହାଁ କରି ଅନେଇ କାନପାତିଥାଏ । ନିଜକୁ ନିଜେ ଗର୍ବିତ ଅନୁଭବ କରେ, ଆଉ ଭାବେ, 'ଯା ହେଉ, ଏତେଦିନକରେ ମୁଁ ଗୁପ୍ତ ଆଲୋଚନାରେ ଭାଗ ନେଉଛି ।' ଏୟା ଭାବୁଭାବୁ ଯଦି ହଠାତ୍ ଜୋରରେ ହସିଦିଏ ତା'ହେଲେ ଅନ୍ୟ ଦୁଇଜଣ ତାକୁ ତାଗିଦ କରିଦିଅନ୍ତି । କିନ୍ତୁ କଥା ଅସମ୍ଭାଳ ହେଲେ ଫୁସ୍‌ଫାସ ମହଲରୁ ତାକୁ ବରଖାସ୍ତ କରିବା ଯାଏଁ କଥା ଯାଇପାରେ । ଏବଂ ଫଳସ୍ୱରୂପ ତିନିଜଣିଆ ଫୁସ୍‌ଫାସ୍ ହଠାତ ଦୁଇଜଣିଆ ହୋଇଯାଏ ।

ବହୁ ଜଣିଆ ଫୁସ୍‌ଫାସ୍‌ରେ ଯଦି ଯୋଡ଼ିଯୋଡ଼ିକା ମିଶିଯାଇ ଥିବେ ତାହେଲେ କଥା ସରେନାହିଁ । କିନ୍ତୁ ବେଜୋଡ଼ିଆ ଥିଲେ ସେ ବେଜୋଡ଼ିଆଟି ଇସ୍ତଫା ଦିଏ ନ ହେଲେ ବରଖାସ୍ତ କରାହୁଏ ।

ଫୁସ୍‌ଫାସ୍‌ର ମହତ୍ତ୍ୱ କିନ୍ତୁ ଅଧିକ । ଏହାଦ୍ୱାରା କମ ଶକ୍ତି ଖର୍ଚ୍ଚ ହୁଏ କିନ୍ତୁ ବଡ଼ ବଡ଼ କାର୍ଯ୍ୟ ହୁଏ । କିନ୍ତୁ ଯାହା ବିଷୟରେ ଫୁସ୍‌ଫାସ୍ ଚାଲିଥାଏ ଯଦି ଦୁର୍ଭାଗ୍ୟକୁ ତା'ର କାନରେ କୌଣସି ଗୁପ୍ତଚର ଦ୍ୱାରା

କମ୍ବା ସ୍ୱୟଂ ପଡ଼ିଯାଏ ତାହେଲେ ଅବସ୍ଥା ପୁରାପୁରି ଅସମ୍ଭାଳ ହୋଇଯାଏ । ବାଦାମ ମଞ୍ଜି ଭିତରେ ପଶୁଥିବା ଫମ୍ପା ମଞ୍ଜିର ମହତ୍ତ୍ୱ ଖାଇଲା ଲୋକ ପାଖରେ ଯେମିତି ଫୁସଫାସର ମହତ୍ତ୍ୱ ସେମିତି ହୋଇଯାଏ । ତେଣୁ ଫୁସଫାସରେ ଭାଗନେଉଥିବା ବ୍ୟକ୍ତି ଅତିକମରେ କେତୋଟି ନିୟମ ଜାଣିଥିବା ଉଚିତ ।

୧. ଯିଏ ଫୁସ୍ କରୁଥିବ, ସେ ତାର ସବୁଠାରୁ ନିମ୍ନ ଗଳାରେ ଫୁସ୍ ଫୁସ୍ କରିବ ।

୨. ସେ ଫୁସ୍‌ଫୁସ୍‌ଟା ଯେମିତି ଫାସ୍ କରୁଥିବା ଲୋକର କାନ ପର୍ଯ୍ୟନ୍ତ ହିଁ ଯାଉଥିବ । ତା'ଠାରୁ ଆଙ୍ଗୁଳିଏ ମଧ୍ୟ ଆଗକୁ ନୁହେଁ ।

୩. ଫାସ୍ କରୁଥିବା ଲୋକର ବିଶେଷ ଦୃଷ୍ଟି ଚାରିଆଡ଼କୁ ସତର୍କ ପ୍ରହରୀ (ଠିକ୍ ପେଗୁ) ପରି ଘିରି ଘିରି ବୁଲୁଥିବ ।

୪. ବିପଦ ସଙ୍କେତ (ଫୁସ୍‌ଫାସ୍ ଶୁଣିବାକୁ ଯଦି କେହି ଆସେ) ଦେଖୁ ଦେଖୁ ଫାସ୍ କରୁଥିବା ବ୍ୟକ୍ତି ଜଣକ ଫୁସ୍ କରୁଥିବା ବ୍ୟକ୍ତିକୁ ତୁରନ୍ତ ସୂଚେଇ ଦେବାକୁ ହେବ, ହାତକୁ ଚମୁଟି ଦେଇ ହେଉ କମ୍ବା 'ଆଇଲା ବେ' କମ୍ବା ସେମିତି କିଛି କହିଦେଇ ହେଉ ।

ଏଇ ନିୟମ ଗଣ୍ଡାକ ଭଲରକମ ମୁଖସ୍ତ ରଖିବା କଥା । କାରଣ ଏ ନିୟମ ନ ଜାଣି ଫୁସ୍‌ଫାସ୍‌ର ନାଳୁଆ ରାସ୍ତାରେ ଯିଏ ଥରେ ପାଦଦେଲା ସିଏ ସେଇଠି ଚିତପଟାଙ୍ଗ୍ ନିଶ୍ଚୟ ହେବ । ତାକୁ ବ୍ରହ୍ମା କି ବିଷ୍ଣୁ କେହି ରକ୍ଷା କରିପାରିବେ ନାହିଁ ।

ଏଇ ଯେମିତି ମୁଁ ଥରେ ଧରାପଡ଼ିଯାଇଥିଲି ।

କଥା କଣକି, ସେତେବେଳକୁ ମୁଁ ନୂଆ ନୂଆ ଫୁଲ୍ ପ୍ୟାଣ୍ଟ ପିନ୍ଧି କଲେଜ୍ ପାହାଚ ଉପରେ ଗୋଡ଼ ଦେଇଥାଏ । କଲେଜକୁ ଗଲାପରେ ସାଧାରଣତଃ ସବୁ ସ୍କୁଲ୍ ପିଲା ନିଜକୁ ଠିକ୍ ହିରୋ ବୋଲି ଭାବନ୍ତି । ମୁଁ ବା ବାଦ୍ ଯାଇଥାନ୍ତି କାହିଁକି ? ନୂଆ ନୂଆ ସମସ୍ତେ ସାଙ୍ଗ । ତା'ଭିତରେ ଯେ ଫାଙ୍ଗ ଅଛନ୍ତି ଆଉ ଜଣାପଡୁ ନଥାଏ । ସେମିତି ଜଣେ ଫାଙ୍ଗ ସହିତ ଦିନେ ମୋର ଫୁସ୍‌ଫାସ୍ ଚାଲିଥାଏ । ହିଁ ଗରୁ ବିସ୍ତାରିତ କରି ଘଟଣାଟା ଶୁଣାଏ । ସେ ଫାଙ୍ଗ ମହାଶୟ କୌଣସି ଫାଙ୍ଗୀଙ୍କ ବିଷୟରେ ଥରେ ହୋ

ହଲ୍ଲା କରଥିଲେ । ତେଣୁ ଆମର ଜନୈକ ଅଧାପକ ସେ ଫାଙ୍ଗ ମହାଶୟଙ୍କୁ କେତୋଟି ଧର୍ମପୂର୍ଣ୍ଣ ଓ ବ୍ୟଙ୍ଗମିଶା ବାଣୀ  ଜବରଦସ୍ତି ଶୁଣାଇଥିଲେ । ସେ କଥାଟି ମୁଁ ଶୁଣିନଥାଏ । ସେହ କଥାଟି ସେ ଫାଙ୍ଗ ସାହେବ ମୋ ଆଗରେ ଗୁପ୍ତରେ ଫୁସଫାସ୍ କରୁଥାନ୍ତି ।

ମୁଁ ସେତେବେଳକୁ ପକ୍କା ଫାସ୍ ବ୍ୟକ୍ତି ପାଲଟି ନଥାଏ । ତେଣୁ ଫାସ୍ କରୁ କରୁ କେତେବେଳେ ଫାଙ୍‌ଗଙ୍କର ପଛପଟେ ସ୍ୱୟଂ ଅଧାପକ ଆସି ଉଭାହେଲେଣି ମୋତେ ମାଲୁମ୍ ନଥାଏ । ଠିକ୍ ସେତକ ବେଳକୁ ଫାଙ୍ଗଟି ଅଧାପକଙ୍କର ବ୍ୟଙ୍ଗୋକ୍ତିକୁ ତା' ନଜର ରସିକଆ ପଣରେ ଉଚ୍ଚାରଣପୂର୍ବକ ମୋତେ ଶୁଣାଉଥାଏ । ପଛପଟରୁ ଅଧାପକ ଯେତେବେଳେ ବକ୍ତାଙ୍କର କର୍ଣ୍ଣରେ ହସ୍ତ ସଂଗ୍ଳନ କଲେ, ସେତକବେଳେ କଥାଟା ଜଣା ପଡ଼ିଲା । ମୋର ଅବସ୍ଥା ସେତେବେଳେ ଯାହା ହୋଇଥିବ । କଥାଟା ସିନା ସେତକରେ ସରଗଲା କନ୍ତୁ ଫାଙ୍ଗ ମହାଶୟଙ୍କ ଠାରୁ ଧିକ୍କାର ବାଣୀଟି ମୋ ପାଇଁ ଗଚ୍ଛିତ ହୋଇଥିଲା । ତା'ପରଠାରୁ ମୁଁ ଠିକ୍ ଭାବରେ ଜଣେ ଉତ୍ତମ ଫାସ୍ ବାଲା ହେବାକୁ ଚେଷ୍ଟା କଲ । କାରଣ କଲେଜ ଜୀବନରେ ମୋତେ ଆଉ କେହ ଫାସ୍ ହେବାକୁ ଦେଲେନାହିଁ । କେବଳ ସେଇ ଗୋଟିଏ ଘଟଣାପାଇଁ । ମୋତେ କେତେ ଅପମାନ ଲାଗିନଥିବ କହଲେ ?

କନ୍ତୁ ଆଜକାଲ ଯେପର କାନ୍ଥର କାନ ଗୁଜୁରୀ ଉଠିଲାଣି, ଫୁସ୍‌ଫାସ୍ ଆଉ କାମ ଦେଉନାହିଁ । ପ୍ରତ୍ୟେକ ଫୁସ୍ ଆଉ ଫାସ୍ ବ୍ୟକ୍ତି ଅକାରଣରେ ରକ୍ତାକ୍ତ ହସ୍ତେ ଧରାପଡୁଛନ୍ତି । ତେଣୁ ମୁଁ ବେଳେ ବେଳେ ଭାବୁଛ ଏ ନତ ଛାଡ଼ିଦେବାଟା ବୁଦ୍ଧିମାନର କାର୍ଯ୍ୟ ହେବ । ନାଁ ଫୁସ୍ କଲେ କଛ ମେଡ଼ାଲ୍ ମିଳବ, ନାଁ ଫାସ୍ କଲେ କଛ ରେକର୍ଡ୍ ଭାଙ୍ଗିବ ? ତା ଛଡ଼ା ନର୍ଭୟରେ ପ୍ରତ୍ୟେକ ପରସ୍ଥିତକୁ ବୁଝିସୁଝି ମୁକାବଲା କରଲେ ଭଲ । ଶ୍ରବଣ ଓ ବାକ୍ ଶକ୍ତିକୁ ତେଣୁ ଆଜଠାରୁ ଫୁସଫାସ ପାଇଁ ଭଡ଼ା ଲଗାଇବ ନାହିଁ । କାଦୁଅକୁ ଯିବ ନାହିଁ କ ଗୋଡ଼ ଧୋଇବ ନାହିଁ । ଆପଣଙ୍କ ମତ କଣ ?

# ଯନ୍ତ୍ରଣାର ଅନ୍ତ କାହିଁ ?

ଡା ସହଦେବ ସ୍ୱାଇଁ



ବାପା ଘର ବାର ଦେଖିଥିଲେ

ଯୌତୁକ ଦେଇ ବାହା କଲେ

ପାଠ ଶାଠ ପଢ଼ିଥିଲା

ପ୍ରେମ ବନ୍ଧନ ହେଲା

ଦନ ପରେ ଦନ ଗଲା

କାମ ଛାଡ଼ି ଚୁହ୍ଲା କଲ

ଦୁଇ ପିଲାର ମା ହେଲ

ସ୍ୱାମୀ ଜମିବାଡ଼ି ଧନ୍ଦା କଲା

ଦୁଇ ପଇସା ଅରଜଲା

ସାଙ୍ଗସାଥୀରେ ମଦ ପିଆ

କୋଳେଇଲା ପର ଝିଅ

ମଦ ପିଇ ଘରକୁ ଆସି

ଭାତଡାଲ ହେଲା ବାସି

ଗୋଡ଼କୁ କଚାଡ଼ି ଦେଲା

ହାତ ମୋଡ଼ି ମାଡ଼ ଦେଲା

ମୁହଁ ମୋର ଫୁଲଗଲା
ଚୁଡ଼ିଭଙ୍ଗି ଲହୁ ଗଲା
ଲୁହ ମୋର ଶୁଖିଗଲା
ଅନ୍ତରରୁ ପ୍ରାଣ ଗଲା
ସବୁ ମୋହ ତୁଟି ଗଲା
ଜୀବନ ମୋ ବ୍ୟର୍ଥ ହେଲା

ବାଟରୁ ମୋତେ ଧରିଦେଲା
କୁଆଡ଼େ ଯିବୁ ପଚାରିଲା
ବୁଢ଼ୀ ମା 'କୁ ଗାଳି ଦେଲା
ଛାଡ଼ପତ୍ର ଧମକ ଦେଲା

ବାପ ତ ମୋର କାଳ ହେଲା
ଭାଇ ତ ବିଦେଶ ଗଲା
ଯିବି ମୁଁ କୁଆଡ଼େ ଆଜି
ଦ୍ରୌପଦୀ ଯାଜ୍ଞସେନୀ ସାଜି
ବଞ୍ଚିବି ମୁଁ କାହା ପାଇଁ ?
ଯନ୍ତ୍ରଣାର ଅନ୍ତ କାହିଁ ?

ଅଙ୍ଗରେ ପୀଡ଼ା ଓ କ୍ଷତ
ମନରେ ପ୍ରଶ୍ନ ବହୁତ
କାନୁନର ଲମ୍ବା ହାତ
ସମାଜର ଲୋକ ଲାଜ
ମନରେ ମୋ ଶାନ୍ତି ନାହିଁ
ହାତରେ କଉଡ଼ି ନାହିଁ
ବେକରେ ଦଉଡ଼ି ଦେଇ
ପ୍ରଶ୍ନ ମୋର ତୁମ ପାଇଁ
ଯନ୍ତ୍ରଣାର ଅନ୍ତ କାହିଁ ?

ବଡ଼ି ଭୋରରୁ ଘର ଛାଡ଼ି
ଅନନ୍ତ ପଥିକ ହେଲି
ହରଦ୍ୱାର ଚାଲିଯିବି
ଭିକ୍ଷା କରି ବଞ୍ଚୁଥିବି

ଲୁଟନ୍, ବ୍ରିଟେନ୍

# ବିଚିତ୍ର ବିଚାର

ହିମାଂଶୁ ଶେଖର ବାରିକ୍



ସୁଖ୍ୟାତ ଭାରତ ଗଣତନ୍ତ୍ର ଶ୍ରେଷ୍ଠ

ଜାତି ବର୍ଣ ଧର୍ମ କରେ ନାହିଁ ଭେଦ (୧)

ଗଣ ପାଇଁ ଗଣ ଦ୍ୱାରା ଗଣଙ୍କର

ସମ୍ବିଧାନ କରେ ଶାସନ ସମ୍ଭାର (୨)

ସମୀକ୍ଷା କରିବା ପାଇଁ ସମ୍ବିଧାନ

ବିଚାର ବିଭାଗ ହୋଇଛି ଗଠନ (୩)

ସଭିଙ୍କୁ ମିଳୁଛି ସମ ଅଧିକାର

ଦେଖିବା ଅଟଇ କର୍ତ୍ତବ୍ୟ ଏହାର (୪)

ଅନ୍ୟାୟ ଅନୀତି ଦୁର୍ନୀତି କାରଣ

ଦଣ୍ଡ ଦେବେ ଦୋଷୀ କରି ପ୍ରମାଣ (୫)

ଆଜି କିନ୍ତୁ ଏହା ହୁଏ ବିପରୀତ

ପ୍ରତିଷ୍ଠିତ ଚୋର ହୁଏ ସମର୍ଥିତ (୬)

ଅଠର ବରଷ ତଳ ଚୋର କାମ

ରୋଜଗାର ଅନୁସାରେ ମାତ୍ରା କମ (୭)

ଲାଗେ ନାହିଁ ଦୋଷ କହେ ବିଚାରକ

ଲୁଟି ପାରିବ କରି ଆୟ ଅଧିକ (୮)

ଗରିବ ବଗ୍ଯର୍ ହୁଏ ହୀନମାନ

ଅଳପ ଲୁଟି ପାଏ ଦଣ୍ଡ ବିଧାନ (୯)

ରକ୍ଷକ ଭକ୍ଷକ ସାଜେ ଅକୁଣ୍ଠିତ

ଅର୍ଥ ବଳ ସର୍ବ କରେ ପରାହତ (୧୦)

ଜଘନ୍ୟ ଲଜ୍ଜତା ଘଟଣାର ନିର୍ଯ୍ୟାସ

ବିଚିତ୍ର ବଗ୍ଯର କରଇ ହତାସ  (୧୧)

କେବେ ହେବ ଦୂର ଗରିବ କରୁଣ

ସାଧୁ ନିର୍ଯ୍ୟାତନା ଅନ୍ୟାୟ ଶୋଷଣ (୧୨)

ଜାଗରେ ଜାଗରେ ଭାରତ ସନ୍ତାନ

ହାତେ ଧରି ଖଡ୍ଗ କର ସମ୍ମୁଖୀନ (୧୩)

ଶୋଷଣ କଷଣ ହୋଇଯାଉ ଦୂର

ହସି ଉଠୁ ସର୍ବ ଗ୍ରାମ ପଲ୍ଲୀ ପୁର (୧୪)

# ଓଡ଼ିଆଭାଷା ଓ ସମୃଦ୍ଧି

ମମତା ଦାଶ, ଲେଖିକା, ମୁମ୍ବାଇ



ଝାଞ୍ଜି ଖରା, ତାତଲା ପବନ, ଗୃହଆଡେ ଗରମର ସରଗରମ । ପଖାଳ ଭାତ ତୋରାଣିରେ କଷି ଆମ୍ବର ଲାସି ଭଙ୍ଗା ସୁଗନ୍ଧ ସହିତ ଦହି ସର୍ବତର ଥଣ୍ଡା-ଥଣ୍ଡା ଅନୁଭୂତ ସାଙ୍ଗକୁ ସନ୍ଧ୍ୟା ସମୟରେ ମଲ୍ଲି ଫୁଲର ମୃଦୁ-ମୃଦୁ ସୁଗନ୍ଧ ମନ ଏବଂ ମସ୍ତିଷ୍କରେ ଭରିଦିଏ ମାତୃଭୂମି ଏବଂ ମାତୃଭାଷା ପ୍ରତି ଏକ ଅଭୁଲା ପ୍ରେମାନୁଭୂତ । ଝାଳବୁହା ଗରମରେ ହାଲିଆ ହୋଇ ଯେତେବେଳେ ବୋଉକୁ କହୁ – ବୋଉଲୋ, ପଖାଳ ଗଣ୍ଡେ ବାଢିଦେ, ଠିକ୍ ସେତିକ ବେଳେ ଆମେ ଅନୁଭବ କରିପାରୁଯେ ଆମେ ଆମ ମାତୃଭାଷା ପ୍ରତି କେତେ ନିକଟବର୍ତ୍ତୀ । ଆମେ ପେଟପାଇଁ ମାତୃଭୂମି ଠାରୁ ଯେତେ ଦୁରରେ ରହିଲେ ମଧ୍, ଯେକୌଣସି ଅନ୍ୟ ଭାଷାପ୍ରତି ଆକୃଷ୍ଟ ହୋଇ ତାକୁ ଗ୍ରହଣ କଲେ ମଧ କୌଣସି ବିପଦ ବା କଷ୍ଟ ସମୟରେ ମନୁଷ୍ୟର ନିଜ ମାତୃଭାଷା ହିଁ ପାଟିରୁ ବାହାରିଥାଏ ।

ଠିକ୍ ଏମିତି ଏକ ଗ୍ରୀଷ୍ମର ସନ୍ଧ୍ୟାରେ ମୁଁ ମୋ ପୁଅ ସାଙ୍ଗରେ ଉଦ୍ୟାନ ଭ୍ରମଣରେ ଯାଇଥିଲି । ମୋ ପୁଅ ଉଦ୍ୱାନ ଭିତରେ ଥିବା ମନୋରଞ୍ଜନ ଉପକରଣ ସହିତ ବ୍ୟସ୍ତ ଥାଏ । ମୁଁ ପାଖରେ ଥିବା ଏକ ଚଉକି ଉପରେ ବସି ମୋ ଅଭ୍ୟାସ ମୁତାବକ ପୁସ୍ତକ ଉପରେ ଆଖି ବୁଲାଉଥାଏ । ହଠାତ୍ ମୋ କାନକୁ ଏକ ଶବ୍ଦ ଶୁଣାଗଲା – "ହ୍ୟାରି...... କମ୍ ହିଅର୍...... ମାମା ଇଜ୍ କଲିଙ୍ଗ୍ ୟୁ....." । ଆରପଟେ ସେହି ଭଦ୍ରମହିଳାଙ୍କୁ ଆଉଜଣେ ଭଦ୍ରବ୍ୟକ୍ତି ଆସି କହିଲେ-ହଇଓ.....ଶୁଣୁଛ.....କୁଆଡେ ଗଲକ ? ହେଇଟି, ଶିଘ୍ର ଆସମ । ମୋର ପରା ଡେରି ହେଉଛି । ଏହିପରି କଞ୍ଚା ଓଡିଆ ଭାଷା ଶୁଣି ମୁଁ ଉତ୍ସୁକତାରେ ଆଗକୁ ଯାଇ ଭଦ୍ରମହିଳାଙ୍କୁ ପଚାରିଲି – "ମ୍ୟାଡାମ୍, ଆପଣ କଣ ଓଡିଆ କି ?" ସେ କହିଲେ – "ହଁ,

ହିଁ, ମୁଁ ଓଡିଆ ।” ପୁଣି ମୁଁ ପଚାରିଲି “ପୁଅର ନାଁ କଣ ହ୍ୟାରି ?” ଉତ୍ତରରେ ସେ କହିଲେ – “ହିଁ” । ପୁଣି ମୁଁ ପଚାରିଲି – “ଆମ ଓଡିଆ ଭାଷାରେ ତ ହରି ଡାକନ୍ତି, କିନ୍ତୁ ଆପଣ ତାକୁ ହ୍ୟାରି ବୋଲି କାହିଁକି ଡାକୁଛନ୍ତି ?” ସେ କହିଲେ – “ଆଜିକାଲି ହରି ଡାକିଲେ ଲୋକମାନେ ହସୁଛନ୍ତି ତ, ସେଇଥିପାଇଁ ମୁଁ ହରିରୁ ହ୍ୟାରି କରିଦେଇଛି ।” ମୁଁ କହିଲି – “ହରି ତ ଭଲ ଶୁଭୁଛି, ଏଥିରେ ବା ହସିବାର କଣ ଅଛି ?” ସେ କହିଲେ – “ନା ନା, ଏଇଟା ହେଉଛି ଓଲ୍ଡ ଫେସନ । ସେଥିପାଇଁ ମୁଁ ହରି କୁ ପରିମାର୍ଜିତ କରି ହ୍ୟାରି କରିଦେଇଛି ।”

ଆଚ୍ଛା, ଏଇ କାହାଣୀଟି କହିବାର ଅର୍ଥ ହେଲା ଆଜିର ଅତ୍ୟାଧୁନିକ ଯୁଗରେ ଆମେ କିପରି ଆମ ନିଜ ମାତୃଭାଷା ଓଡିଆଠାରୁ ଦୁରେଇ ଯାଉଛେ ତାହା ଟିକେ ଭାବିବାର ବିଷୟ । ସମାଜରେ ନିଜକୁ ଅତ୍ୟାଧୁନିକ ଭାବରେ ଉପସ୍ଥାପନା କରିବାକୁ ଯାଇ ଆମେ ଆମ ମାନସିକ ଦାସତ୍ୱ ଯୋଗୁ ନିଜ ମାତୃଭାଷାକୁ ବିନାଶର ପଥରେ ଆଗେଇ ନେଉଛେ । ଆଧୁନିକ ସମାଜରେ ରହିବାକୁ ହେଲେ ଆମେ କଣ ଆମ ମାତୃଭାଷାକୁ ଭୁଲିଯିବା । ଯଦି ଦେଶରେ ସବୁ ଲୋକ ଏମିତି କରିବେ ତେବେ ଆମ ମାତୃଭାଷାର ଅବସ୍ଥା କଣ ହେବ ? ମାତୃଭାଷାକୁ ନେଇ ମୋ ମନରେ ବହୁତ କିଛି ପ୍ରଶ୍ନ ଆସୁଛି । ବିଦେଶରେ ମଧ୍ୟ ଆମେ ଆମ ମାତୃଭାଷା କହିବାକୁ କୁଣ୍ଠାବୋଧ କରୁଛେ । ଭାଷା ବିଶେଷଜ୍ଞମାନଙ୍କ ମତରେ ଜଦି ଆମେ କୌଣସି ଅନ୍ୟ ଭାଷାରେ ମହାରଥୀ ହାସଲ କରିବାକୁ ଚାହୁଁଛେ ତେବେ ପ୍ରଥମେ ନିଜ ମାତୃଭାଷାରେ ଭଲ ଜ୍ଞାନ ଥିବା ଦରକାର । କୌଣସି ମନୁଷ୍ୟ ନିଜ ମାତୃଭାଷାଠାରୁ ଅଲଗା ହୋଇ ଭଲ ଲେଖକ କିମ୍ବା କଳାକାର କେବେବି ବନିପାରି ନାହିଁ ।

ଭାଷା ମାନବର ଅମୂଲ୍ୟ ନିଧି ଅଟେ । ସମଗ୍ର ସଂସାରରେ ମନୁଷ୍ୟ ପରି ଭାଷାର ବ୍ୟବହାର ଅନ୍ୟ କୌଣସି ପ୍ରାଣୀ କରିବାରେ ସକ୍ଷମ ନୁହେଁ । ଭାଷା ଏକ ସାମାଜିକ ବସ୍ତୁ ଏବଂ ସାମାଜିକ ସଂପ୍ରେଷଣର ମାଧ୍ୟମ ଅଟେ । ଆଧୁନିକ ଯୁଗରେ ଭାଷା-ଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ ବିଷୟ ରୂପେ ପରିଚିତ ହୋଇସାରିଛି । କାରଣ ଆମେ ବହୁଭାଷୀ ସମାଜରେ ରହୁଛେ । ଏହି କାରଣ ଯୋଗୁ ମାତୃଭାଷା ଛାଡି ସଂପ୍ରେଷଣ ସୁବିଧା ପାଇଁ ଆମେ ଅଧିକରୁ ଅଧିକ ଭାଷା ଶିଖିବାକୁ ଆଗଭର ହୋଇ ମାଡି ଯାଉଛେ ।

ରିପୋର୍ଟ ଅନୁସାରେ ମାତୃଭାଷା ଏକ ବ୍ୟକ୍ତିର ବିକାସରେ ପ୍ରଥମ ଚରଣ ଅଟେ । ଏହି ମାତୃଭାଷା ଦ୍ୱାରହିଁ ବ୍ୟକ୍ତି ଜ୍ଞାନର ସଂସାରରେ ପ୍ରବେଶ କରି ଅଭିବ୍ୟକ୍ତି ସ୍ତରରେ ଅଧିକରୁ ଅଧିକ କୁଶଳତା ହାସିଲ କରିବାକୁ ସମ୍ଭବ ହୋଇ ପାରିଥାଏ ।

ସାଧାରଣତଃ ଅନ୍ୟଭାଷାକୁ ଆମେ ଜୀବନରେ ବ୍ୟବହାର ପାଇଁ ଶିଖିଥାଉ । ଏହି କାରଣରୁ ବିଦେଶୀ ଭାଷା ହେଉଛି ଏକ ଦୂର ଭାଷା, ବିଦେଶୀ ଭାଷାକୁ ଆମେ ଜ୍ଞାନ-ପିପାସା ଦୃଷ୍ଟିରୁ ଶିକ୍ଷା କରିଥାଉ । ମାତୃଭାଷା ଏକ ସଂସ୍ଥାଗତ ଯଥାର୍ଥତା ଅଟେ । ଏହାର କାରଣ ହେଉଛି ମାତୃଭାଷା ବ୍ୟକ୍ତିକୁ ବୃହତ୍ତର ସାମାଜିକ ସଂଦର୍ଭରେ ଜୋଡିକରି ରଖେ । ମାତୃଭାଷା ଦ୍ୱାରା ହିଁ ବ୍ୟକ୍ତି ନିଜର ସାମାଜିକ ଅସ୍ତିତ୍ୱ ନିର୍ଧାରିତ କରିଥାଏ । ମାତୃଭାଷା ମାଧମରେ ବ୍ୟକ୍ତି ନିଜର ଜ୍ଞାନକୁ ଅନୁଭବସିଦ୍ଧ କରିବାରେ କ୍ଷମତା ଅର୍ଜନ କରିଥାଏ । ମାତୃଭାଷା ମାଧମରେ ବ୍ୟକ୍ତିର ବୋଧନ କ୍ଷମତା “comprehensive competence” ବିକଶିତ ହୋଇଥାଏ । ମାତୃଭାଷା ମାଧମରେ ବ୍ୟକ୍ତି ନିଜର ଅନୁଭୂତ ସଂବେଦନାକୁ ବିହୁବିଧ ଢଙ୍ଗରେ ବ୍ୟକ୍ତ କରିବାକୁ ସକ୍ଷମ ହୋଇଥାଏ । ମାତୃଭାଷା ମାଧମରେ ବ୍ୟକ୍ତି ନିଜ ସମାଜ ଏବଂ ସଂସ୍କୃତିରେ ନିଜ ସ୍ଥାନକୁ ନିର୍ଧାରିତ କରିବାରେ ସମର୍ଥ ହୋଇପାରିଥାଏ । ମାତୃଭାଷାହିଁ ଏକ ବ୍ୟକ୍ତିକୁ ତାର ବୌଦ୍ଧିକ ବ୍ୟବହାରକୁ ସାଧନ, ନିୟନ୍ତ୍ରିତ ଏବଂ ସମ୍ପନ୍ନ କରିବାରେ ସକ୍ଷମ କରିଥାଏ । ଏହି ପ୍ରକାର କୌଣସି ଭାଷା-ସମାଜ (language community) ପାଇଁ ତାର ମାତୃଭାଷା ଏକ ସାମାଜିକ ଯଥାର୍ଥ (social reality) ଅଟେ ।

ରାଷ୍ଟ୍ରପିତା ବାପୁ ସ୍ପଷ୍ଟ ଶବ୍ଦରେ କହିଥିଲେ – ଦେଶର ପ୍ରଗତି ତାର ନିଜ ମାତୃଭାଷାରେ ଲୁଚି ରହିଛି । ମାତୃଭାଷା ପିଲାମାନଙ୍କ ଉର୍ବର ମାନସିକ ଶକ୍ତିକୁ ଗ୍ରହଣ କରିବାରେ ଏବଂ ବିକଶିତ କରିବାରେ ସହଜରୂପେ ସମର୍ଥ କରିଥାଏ । ଯେଉଁମାନେ ଅଂଗ୍ରେଜୀ ଭାଷାର ମହିମା ଗାନ କରି କରି ଥକୁ ନାହାନ୍ତି ମୁଁ ସେମାନଙ୍କୁ କହି ଦେବାକୁ ଚାହେଁ ଯେ ଏକଦା ଅଂଗ୍ରେଜୀ ଭାଷା ମଧି ଛୋଟ ପ୍ରଦେଶର ଭାଷା ଥିଲା । ଅନ୍ତରାଷ୍ଟ୍ରୀୟ ସ୍ତିତି ଓ ଜ୍ଞାନ-ବିଜ୍ଞାନ ଏବଂ ନିୟମ-କାନୁନ ଭାଷା କ୍ଷେତ୍ରରେ ସ୍ଥାନ ପାଇବା ପାଇଁ ଅଂଗ୍ରେଜୀ ଭାଷାକୁ ଯୁଗଯୁଗ ସଂଘର୍ଷ କରିବାକୁ ପଡିଛି । ଆମ ଆଗରେ ଜାପାନ, ଜର୍ମାନୀ, ଚୀନ

ଦେଶର ଉଦାହରଣ ଦେଖନ୍ତୁ । ଏହି ରାଷ୍ଟ୍ରସବୁ ବିନା ବିଦେଶୀ ଭାଷା ସହାୟତାରେ ଅଣୁଯୁଗକୁ ନେତୃତ୍ୱ କରିବାର କ୍ଷମତା ଅର୍ଜନ କରିଛନ୍ତି ।

ଗତ ସପ୍ତାହରେ ଓଡିଶା ଗସ୍ତ ସମୟରେ ମୁମ୍ବାଇ ବିମାନ ବନ୍ଦର ଭିତରେ ଥିବା ପୁସ୍ତକାଳୟ ମାନଙ୍କରେ ବୁଲି-ବୁଲି ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା ଯେ ଯେଉଁଠି ଆମେ ଆମ ମାତୃଭାଷାର ପ୍ରଚାର ପ୍ରସାର ଦିଗରେ ଅଗ୍ରସର ହୋଇ ମାଡି ଯାଉଛେ, ସେଇଠି ଆମେ ନିଜ ମାତୃଭାଷା ତ ଛାଡ, ରାଷ୍ଟ୍ରୀୟ ଭାଷାର ପୁସ୍ତକ ମଧ୍ୟ ମୋତେ ଉପଲବ୍ଧି ହୋଇପାରି ନଥିଲା । ବିଦେଶୀ ଭାଷାରେ ଭରି ମାତ୍ରାରେ ପୁସ୍ତକ ଦେଖି ମୋତେ ବହୁତ ଗ୍ଲାନି ଅନୁଭବ ହେଲା । ଅଂଗ୍ରେଜ ମାନଙ୍କଠାରୁ ଆମ ଦେଶକୁ ତ ଆମେ ଛଡାଇ ଆଣିଲୁ, କିନ୍ତୁ ଏବେ ମଧ୍ୟ ଆମେ ତାଙ୍କ ଭାଷା ଏବଂ ପରମ୍ପରାକୁ ଛାଡିବାକୁ ପଛଘୁଞ୍ଚା ଦେଉଛୁ । ଯେଉଁଠି ଆମ ଦେଶର ପ୍ରଧାନମନ୍ତ୍ରୀ ସଂଯୁକ୍ତ ରାଷ୍ଟ୍ରରେ ରାଷ୍ଟ୍ରୀୟ ଭାଷାରେ ଭାଷଣ ଦେଇ ଏବଂ ଆମେରିକାର ରାଷ୍ଟ୍ରପତିଙ୍କୁ ନିଜ ମାତୃଭାଷା ଗୁଜୁରାଟୀ ଭାଷାଜ୍ଞାନ ଶିଖାଇ ଆସୁଛନ୍ତି, ଚୀନର ପ୍ରଧାନମନ୍ତ୍ରୀ ମଧ୍ୟ ଭାରତ ଗସ୍ତରେ ଆସି ସ୍ୱ-ସଂସ୍କୃତି ଏବଂ ସ୍ୱ-ଭାଷାର ପରିଚୟ ଦେଇ ସ୍ୱ-ଦେଶକୁ ସୁ-ସଂଗଠିତ ଭାବରେ ସ୍ୱୀକାରୀ ନେଉଛନ୍ତି, ସେଠାରେ ଆମେ ଆମ ନିଜ ମାତୃଭାଷା ଛାଡି ଅନ୍ୟ ଦେଶର ଭାଷାକୁ କିଣି ପାଇଁ ଆପଣାଇ ନେଉଛେ ?

ଯେତେବେଳେ ଆମେ ଆମ ମାତୃଭାଷାର ମହିମା ଗାନ କରୁଛେ ତା ମାନେ ନୁହେଁ ଯେ ଆମେ ଅନ୍ୟ ଭାଷାକୁ ତିରସ୍କାର କରୁଛେ । ଆମକୁ ଅନ୍ୟ ଭାଷା ବି ପଢିବା ଦରକାର । ଅନ୍ୟ ଭାଷାର ମାଧୁର୍ଯ୍ୟ ଏବଂ ସାହିତ୍ୟ ଗୁଣକୁ ଗ୍ରହଣ କରିବା ଉଚିତ । ଜ୍ଞାନ-ବିଜ୍ଞାନ କ୍ଷେତ୍ରରେ ତାଙ୍କ ଉପଲବଧିକୁ ଶିଖିବା ଦରକାର । କିନ୍ତୁ ବିଦେଶୀ ଭାଷାର ଅନିବାର୍ଯ୍ୟତା ସମ୍ଭବତଃ କିଛି ଲୋକମାନଙ୍କ ମଧ୍ୟରେ ସୀମିତ ରହିପାରେ । ଏମିତି ନୁହେଁ ଯେ ଲୋକମାନଙ୍କ ମଧ୍ୟରେ ଯୋରଜବରଦସ୍ତି କରି ତାର ବୈୟକ୍ତିତ ପ୍ରତିଭାକୁ ସମୂଳେ ନଷ୍ଟ କରିଦେବା । ଆମର ଭୂତପୂର୍ବ ରାଷ୍ଟ୍ରପତି ଲେଖିଛନ୍ତି – ଅନ୍ଧାନୁକରଣ କର୍ତ୍ତା ସଂସାରର ସବୁଠାରୁ ଅଧିକ ଖରାପ ନାଗରିକ କହିଥାନ୍ତି । ଅର୍ଥାତ୍ ନିଜ ମାତୃଭାଷା ପ୍ରତି ହୀନଭାବ ଏବଂ ଅନ୍ୟ ବିଦେଶୀ ଭାଷା ପ୍ରତି ଅତ୍ୟଧିକ ମୋହ ଆମର ଅବନତିର ପ୍ରଥମ କାରଣ ଅଟେ ।

ଏବେ ଆମେ ଆମ ମାତୃଭାଷା ଛାଡି ଆମର ପାରମ୍ପାରିକ ଓ ସାଂସ୍କୃତିକ ଧରୋହର ରାମାୟଣ, ମହାଭାରତ, ଭାଗବତ, ଗୀତାକୁ ଓଡିଆରେ ନପଢି ବିଦେଶୀ ଲେଖକଙ୍କ ଦ୍ଵାରା ଲିଖିତ ବିଦେଶୀ ଭାଷାରେ ଅନୁବାଦ କରାଯାଇଥିବା ପୁସ୍ତକକୁ ପଢୁଛେ ।  ହରିକୁ ହ୍ୟାରି, କ୍ରୀଷ୍ଣାକୁ କ୍ରୀସ୍ କହି ଆମେ ଆମ ସ୍ୱ-ଭାଷା ଜ୍ଞାନର ପରିଚୟ ଦେଉଛେ । ଆମ ମାନସିକ ଦାସତ୍ୱ କାରଣରୁ ଆମେ ପରାଜୟ ସ୍ୱୀକାର ସହଜରେ କରିନେଉଛେ, ଯେଉଁଠାରୁ ଆମ ପୂର୍ବଜ ମାନଙ୍କ ପ୍ରତିଭା ଏବଂ ନିପୁଣତାର ବିଜୟ ପତାକାକୁ ଆମେ ସହଜରେ ଉଡେଇ ପାରିଥାନ୍ତେ । ପାଶ୍ଚାତ୍ୟ ଶିକ୍ଷା ଲାଭ କରି ମଧ୍ୟ ବ୍ୟୋମଯାନରେ ବସିବା ପୂର୍ବରୁ ଜ୍ୟୋତିଷଶାସ୍ତ୍ରର ଗଣନା କରୁଛେ । ଆମେ ନା ମାତୃଭାଷାକୁ ଗ୍ରହଣ କରି ପାରୁଛେ ନା ପାଶ୍ଚାତ୍ୟ ଶିକ୍ଷାକୁ ତ୍ୟାଗ କରି ପାରୁଛେ । ଗୋଟିଏ ଶବ୍ଦରେ କହିଲେ - ଯାହାକୁ ଆମେ ଅଂଗ୍ରେଜୀରେ ‘One Word’ ବୋଲି କହୁ – ମୂର୍ଖ ଲୋକମାନେ, ମୂର୍ଖତା ବଶତଃ, ମୂର୍ଖମାନଙ୍କ ସହିତ ମିଶି, ମୂର୍ଖାମୀ କରିବାକୁ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ ।

ବାସ୍ତବରେ ସୁବିଧାଭୋଗୀ ମାନସିକତାର ପରିଚୟ ଦେଇ ବାସ୍ତବ ଜୀବନର ବାସ୍ତବିକତାକୁ ଛାଡି ନୂତନ ସ୍ୱପ୍ନର ରଙ୍ଗୀନ ଦୁନିଆରେ ନିଜକୁ ଧୋକା ଦେଇଛେ । ପାଶ୍ଚାତ୍ୟ ଶିକ୍ଷାଲାଭ କରି ମଧ୍ୟ ପୁଣି ଆମର ସେହି ପାରମ୍ପାରିକ, ସାଂସ୍କୃତିକ ଧରୋହରକୁ ଫେରିଯାଇ ମାନସିକ ଦାସତ୍ୱର ପରିଚୟ ଦେଉଛେ । ମୂଳ ରୂପରେ କହିବାକୁଗଲେ ନା ଆମେ ପାଶ୍ଚାତ୍ୟ ଶିକ୍ଷାକୁ ଗ୍ରହଣ କରିପାରୁଛେ, ନା ଆମେ ଆମ ପାରମ୍ପାରିକ ଧରୋହରକୁ ଛାଡି ପାରୁଛେ । ବଡ-ବଡ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ପ୍ରାପ୍ତ କରିସାରିଲା ପରେ ମଧ୍ୟ ଆମେ ତନ୍ତ୍ରବିଦ୍ୟାରେ ରୁଚି ରଖି ଭଣ୍ଡ ବାବାଙ୍କ ହୁଣ୍ଡି ଭରୁଛେ । ସମକାଳୀନ ଜନ-ଜୀବନର ଜୀବନ ମୂଲ୍ୟ, ଜୀବନ ଦୃଷ୍ଟିର ଯଥାର୍ଥକୁ ନବୁଝି ଛଳ, କପଟ, ଦ୍ୱନ୍ଦରେ ପଡି ସୁବିଧାଭୋଗୀ ମାନସିକତାର ପରିଚୟ ଦେଉଛେ ସିନା କିନ୍ତୁ ଅନ୍ତଃ ମନରେ ପଙ୍କରେ ପୋତିହୋଇ ରହିଥିବା ପୋକ ପରି ଛଟ-ପଟ ହେଉଛେ ।


ଆଜକାଲି ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା କଂପ୍ୟୁଟର ଏବଂ ଇଣ୍ଟରନେଟ୍ ଭଳି ଅନେକ ଶବ୍ଦକୁ ଅଂଗ୍ରେଜୀ ଭାଷାରେ ଆମେ ସହଜରେ ଗ୍ରହଣ କରିନେଉଛେ । କିନ୍ତୁ କେବେ

ଏହାକୁ ଆମ ମାତୃଭାଷା ଓଡିଆରେ ଖୋଜବାକୁ ଚେଷ୍ଟା କରଛେ କ ?

ଯଦ କୌଣସି ରାଷ୍ଟ୍ର ଏବଂ ଜାତର ଉନ୍ନତ କରବା ପାଇଁ ଆଗଭର, ତେବେ ଆମକୁ ସର୍ବ ପ୍ରଥମେ ନଜ ମାତୃଭାଷାକୁ ଆଦର ସହତ ସ୍ୱୀକାର କରବାକୁ ପଡିବ । ତାକୁ ରାଷ୍ଟ୍ରୀୟସ୍ତରରେ ସ୍ଥାନ ଦେବାପାଇଁ ସଂଘର୍ଷ କରବାକୁ ପଡିବ । ସାଂସ୍କୃତକ ଭାବନାତ୍ମକ ଏକତା ପାଇଁ ଘଟସୂତ୍ର ଯୋଡିବାକୁ ପଡିବ । ନଜ ମାତୃଭାଷାର ଉନ୍ନତ ବନା ରାଷ୍ଟ୍ର ଏବଂ ରାଷ୍ଟ୍ରୀୟ ଜୀବନର ଉନ୍ନତ ସମ୍ଭବ ନୁହେଁ ।

ଜୟ ଉତ୍କଳ, ଜୟ ଓଡିଶା ବାସୀ।

mamata.dash1234@gmail.com



# ହେଇ ପାରଲନ

ପ୍ରତଭା ପ୍ରିୟଦର୍ଶିନୀ



ପ୍ରେମ ସ୍ୱପ୍ନ ମୁଠାଏ ଆଖି ରେ ମୁଁ ବୁଣି ପାରଲନ

ଚନ୍ଦନ ତୁମେ ମୁଁ ସୁଧା ହେଇପାରଲନ

ନର୍ଦ୍ଦିଷ୍ଟ ଦୂରତା ରେ ରହଗଲେ ଆମେ

ନଦୀ ତୁମେ କନାର୍ ମୁଁ ହେଇପାରଲନ

ସ୍ମୃତ ର ପଟଳ ବଛୁରତ ଥିଲ୍ ବହୁଦୂର

ଗନ୍ତବ୍ୟ ତୁମେ ପଥିକ ମୁଁ ହେଇପାରଲନ

ବହୁତ୍ କଛ କହୁଥିଲ୍ ଆମ ନୀରବତା

କାନକୁ ବଶ୍ୱାସ କର,ମନଦେଇ ଶୁଣି ପାରଲନ

ଅନ୍ୟମାନଙ୍କ ଜୀବନ ସଙ୍ଗୀ ପାଲଟିଲେ ଆମେ

ମୋ'ର ତୁମେ, ତୁମର ମୁଁ ହେଇପାରଲନ।

କଟକ

# କନ୍ୟାଦାନ

ସୁଶାନ୍ତ ଖେଡୁଆଳ ସିଂହ



କନ୍ୟାଦାନ କର ପୂଣ୍ୟ ଅରଜୁଛ
ପର କରୁଅଛ ତୋତେ,
ଦୁଇ ଆଖି ମୋର ଲୁହରେ ଭରଛ
କଏ ବୁଝେଇବ ମୋତେ ।
ତୁ'ଥିଲୁ ପର୍ ମୋ ଲକ୍ଷ୍ମୀ ପ୍ରତମା
ଅଲଅଳ ସୁନାନାକ,
ପେଟ ପୁରୁଥିଲା ତୋହର ଡାକରେ
ବାପା ବୋଲ ଦେଲେ ଡାକ ।
କେମିତ କାଟିବ ବାକ ଜୀବନକୁ
ଭାବୁଛ ମୁଁ ଆଜ ବସି,
ମୁଁ ପଛେ ବୁଡ଼େ ଦୁଃଖ ସାଗରରେ
ତୁ ଯାଆ ହସି ହସି ।
ଏ ଘରକୁ ଆଜ ପରକର ଦେଇ
ଗ୍ଳଲ ଯାଉ ଶାଶୁଘର
ଖୁସିରେ ତୁ ଗଢ଼ ସୁନା ସଂସାର ମା
ଏଇ ଆଶୀର୍ବାଦ ମୋର ।

ବଡ଼ୋଳ, କୋଣାର୍କ, ପୁରୀ

# ମୋହଭଙ୍ଗ

ଗାଳ୍ପିକ ଭଗିରଥୀ ବେହେରା



ସକାଳୁ ସକାଳୁ ସଂବତର ନିଦଟା ଭାଙ୍ଗିଦେଲା ବିନୟ । ବିରକ୍ତ ହୋଇ ଉଠିଲା ବେଳକୁ ସମୟ ସକାଳ ଦଶଟା । ଏକାଡେମୀ ବ୍ଲକରେ ଗୋଟିଏ ପିରିୟଡ଼ ସରିଯିବଣି । ଆଉ ଦିଟା ପିରିୟଡ଼ ସରିଯାଉ । ପୁଣିଥରେ ଶୋଇପଡ଼ିଲା ସମ୍ବିତ । ଅନେକ ଦିନ ହେଲା ଝିଅଟିଏ ତା ମୁଣ୍ଡରେ ଭୂତ ହୋଇ ଘର କରିଛି ଅମାନିଆ ପ୍ରେମିକା ରୂପରେ । ରାତସାରା ଭାବୁଭାବୁ ନିଦ ଆସୁନି ତା ଆଖିରେ । ନିଦ ଆସିଗଲେ ମଧ୍ୟ ସ୍ୱପ୍ନରୁ ଯାଉନି ଝିଅଟା ।

- 'ସମ୍ବିତ ! ଦେବାଶିଷ ସାର ଖବର ପଠେଇଛନ୍ତି । ତୃତୀୟ ପିରିୟଡ଼ ତାଙ୍କର ଖାଲି । ଚାମ୍ବରରେ ଭେଟିବାକୁ କହିଛନ୍ତି । କଣ ଗୋଟିଏ ଖୁସି ଖବର ବୋଧେ ଦେବେ' ବିନୟ ଏତିକି କହି ନିଜ ରୁମକୁ ଚାଲିଗଲା ।

ଦେବାଶିଷ ସାରଙ୍କ ନାଁ ଶୁଣୁ ଶୁଣୁ ଧଡ଼କିନା ଉଠିଗଲା ଶେଯରୁ । ହଷ୍ଟେଲର ଝରକାରୁ ଦେଖାଯାଉଛି ଏକାଡ଼େମୀ ବ୍ଲକ୍ । ମାତ୍ର ଅଧ କିଲୋମିଟର୍ ବାଟ । କଲେଜରେ ଝିଅଟିର ଟିକେ ମାତ୍ର ଦର୍ଶନ ପାଇଁ ସବୁବେଳେ ଅଧ କିଲୋମିଟରଟା ଅସରନ୍ତା ପଥପରି ଲାଗେ କିନ୍ତୁ ସାରଙ୍କୁ ଭେଟିବା କଥା କହିଲେ ରାସ୍ତାଟା କେମିତି ସରିଯାଏ ଜଣାପଡ଼େନି ।

ସୁଦୂର ଗାଁରୁ ଆସି ଏ ଅଜଣା ସହରରେ ରହିବା ଦିନଠୁ ଦେବାଶିଷ ସାରଙ୍କ ସହ ସମ୍ବିତର ବନ୍ଧୁତା । ଚାରିବର୍ଷ ତଳେ ଯେତେବେଳେ ସେ ଶିକ୍ଷାଶାସ୍ତ୍ରରେ ପ୍ରଥମ ବର୍ଷର ଛାତ୍ର ହୋଇ ଜଏନ୍ କରିଥିଲା, ସେହି ବର୍ଷ ହିଁ ଦେବାଶିଷ ସାର୍ ସମାଜଶାସ୍ତ୍ରର ଅଧ୍ୟାପକ ରୂପେ ଯୋଗ ଦେଇଥିଲେ ।

ଶିକ୍ଷାଶାସ୍ତ୍ରର କିଛି ଅଂଶ ସମାଜଶାସ୍ତ୍ର ଥିବା ଯୋଗୁଁ ଅନେକ ଥର ଦୁହେଁ ଦୁହିଁକୁ ଗୁରୁଶିଷ୍ୟ ଭଳି ଗୋଟିଏ କ୍ଲାସରେ ଭେଟିଛନ୍ତି ।

ଦେବାଶିଷ ସାର୍ ଓ ସମ୍ବିତ ଭିତରେ ସାତବର୍ଷର ଅନ୍ତର । ତା ମାନେ ଆଜି ଚତୁର୍ଥ ବର୍ଷରେ ଯଦି ସମ୍ବିତକୁ ତେଇଶି ବର୍ଷ ହୋଇଛି ତେବେ ଦେବାଶିଷ ସାର ତିରିଶିରେ ପଦାର୍ପଣ କରିଛନ୍ତି । ଦେଖିବାକୁ ରାଜ କୁମାର ପରି । ପାଠ ପଢ଼ାରେ ଜ୍ଞାନର ଭଣ୍ଡାର । ଭଲ ଗୀତ ଗାଇ ପାରନ୍ତି ବୋଲି ସବୁ କାର୍ଯ୍ୟରେ ତାଙ୍କର ଆବଶ୍ୟକତା ବହୁତ । ଝିଅମାନଙ୍କ ମହଲରେ ସାରଙ୍କ ଗ୍ରହଣୀୟତା ବହୁତ ଅଧିକ । ଅତି ମେଳାପୀ, ଭଦ୍ର ବ୍ୟବହାର ଓ ଆଦର୍ଶ ଗୁରୁ ।

ସବୁଠୁ ବଡ଼ କଥା ହେଲା, ଦୁହେଁ ଗୋଟିଏ ସହରର । ଏଥିପାଇଁ ଚିହ୍ନା ପରିଚୟ ଓ ମିଳାମିଶା । କଲେଜ ସରିଗଲା ପରେ କ୍ରିକେଟ୍ ଖେଳିବା, ସନ୍ଧ୍ୟା ସମୟରେ ଚା ଦୋକାନରେ ବସି ଗୁଲଖଟି କରିବା ସେମାନଙ୍କ ନିତିଦିନିଆ କାମ । ଚା ଦିଆନିଆରୁ ଭାବ ଦିଆନିଆ ଏବଂ ସେ ଭାବରୁ ସମ୍ପର୍କ ଗଢ଼ି ଉଠିଛି ଗୁରୁଶିଷ୍ୟର ଅତୁଟ ବନ୍ଧନ ।

ସାରା କଲେଜ ଜାଣିଛି, ଯଦି ସମ୍ବିତ୍ କେଉଁଠି ମିଳୁନି ତାହା ହେଲେ ନିଶ୍ଚୟ ସାରଙ୍କ କୌଣସି କାମରେ ବ୍ୟସ୍ତ ଥିବ । ରବିବାର ଦିନ ଯଦି ଦୁହେଁ କଲେଜରେ ନଥିବେ ତା ହେଲେ ସିନେମା ହଲରେ ଥିବେ ନିଶ୍ଚୟ । ଯେତିକି ସମୟ ସମ୍ବିତ୍ ସାଙ୍ଗମାନଙ୍କ ସାଙ୍ଗରେ ନଥାଏ ତାଠୁଁ ଅଧିକ ସେ ସାରଙ୍କ ସାଙ୍ଗରେ ଥାଏ । ଦେବାଶିଷ ସାର ମଧ୍ୟ ତାକୁ ସାନଭାଇ ପରି ଆଦର କରନ୍ତି । ସମ୍ବିତର ସୁଖଦୁଃଖ ବୁଝନ୍ତି । ତା ପାଠପଢ଼ାରେ ଅଧିକ ସାହାଯ୍ୟ କରନ୍ତି । ତା ମାନେ ସମ୍ବିତପାଇଁ ଦେବାଶିଷ ସାର ଗୁରୁ, ଗାଇଡ୍ ଆଉ ଫିଲୋସଫର୍ ।

ଦେବାଶିଷ ସାରଙ୍କ ବିଷୟରେ ଭାବୁଭାବୁ କଲେଜକୁ ବାହାରି ପଡ଼ିଲା ସମ୍ବିତ । ବିନୟ କହୁଥିଲା କୁଆଡ଼େ ଗୋଟେ ଖୁସିର ଖବର ଜଣାଇବେ । କଣ ବା ଖବରଟା ହୋଇଥିବ ? କୁଆଡ଼େ ତିନିଦିନ ତଳେ କରିଥିବା ଅନୁରୋଧଟା ଫଳବତୀ ହେବନି ତ ? ନିଜ ଉପରେ ନିଜେ ହସିଲା ସମ୍ବିତ । କେଡ଼େ ବୋକାଟା ସେ ? ଜଣେ ଶିଷ୍ୟ ହୋଇ ନିଜ ପ୍ରେମ ବିଷୟରେ ଗୁରୁଙ୍କୁ କହିବା କଣ ଆବଶ୍ୟକ ? ସାର

ମଧ୍ୟ ନ ଛାଡ଼ିବା ଲୋକ । ସାଙ୍ଗେ ସାଙ୍ଗେ କହିଦେଲେ ନାଁଟା ଜାଣିଲା ମାତ୍ରେ ସମ୍ବିତର ମନକଥାଟା ସେ ଝିଅକୁ ଜଣେଇ ଦେବେ । ଆଉ ତାଙ୍କର ଅଗାଢ଼ ବିଶ୍ୱାସ ସେ ଝିଅଟା ତାଙ୍କର ପ୍ରସ୍ତାବକୁ କେବେ ବି ପ୍ରତ୍ୟାଖ୍ୟାନ କରିବ ନାହିଁ ।

କେମିତି ଗୋଟେ ଶିହରଣ ଖେଳିଗଲା ତା ଦେହରେ । ଶ୍ରାବଣୀ ମିଶ୍ରକୁ ରାଗିଙ୍ଗ କରୁ କରୁ କେତେବେଳେ ତା ପ୍ରେମରେ ଫସିଗଲା ସମ୍ବିତ ନିଜେ ଜାଣିପାରିଲା ନାହିଁ । ଶ୍ରାବଣୀ ମିଶ୍ରର ନାଁ ମନେ ପଡୁ ପଡୁ ତାର ଛୋଟ ସୁନ୍ଦର ଗୋଲଗାଲିଆ ମୁହଁଟା ତା ଆଖି ଆଗରେ ନାଚି ଉଠିଲା । ଦିନ ଏଗାରଟା ଖରାରେ ଅଗ୍ନିକଣ ବର୍ଷିଗଲା ପ୍ରେମର ଫୁଆରାଟିଏ । ଏକାଡ଼େମୀ ରାସ୍ତାରେ ଥିବା ସବୁ କୃଷ୍ଣଚୁଡ଼ା ଫୁଲ ହୋଇଗଲା ଗାଢ଼ରୁ ଆହୁରି ଅଧିକ ଗାଢ଼ ରଙ୍ଗର । ପାଦତଳ ଘାସ ଗାଲିଚା ଗୁଡ଼ିକ ପାଲଟିଗଲା ଅନ୍ତହୀନ ସବୁଜ ଶସ୍ୟ କ୍ଷେତର ବିସ୍ତାରିତ ଛାତି । ଶ୍ରାବଣୀର ଦେହସାରା ଯେମିତି ଭରିଗଲା ଯୌବନର ମହ ମହ ବାସ୍ନା । ସେ ବାସନାରେ ବଢ଼ିଗଲା ସମ୍ବିତର ପାଇବାର ମୋହ ।

ଏବେ ଶ୍ରାବଣୀ ମିଶ୍ର ତୃତୀୟ ବର୍ଷର ଛାତ୍ରୀ । ତେବେ କଣ ଶ୍ରାବଣୀ ମିଶ୍ର ସମ୍ବିତର ମୁହଁରେ ଫୁଟିଥିବା ତା ପ୍ରତି ମୋହକୁ ବୁଝିପାରୁନି ? ବାରମ୍ବାର ତା ଆଗକୁ ଆସି ତାକୁ ଇଙ୍ଗିତ କରୁଛି ଯେ କିଏ ଜଣେ ତାକୁ ଭଲ ପାଉଛି । ଅନେକ ଥର ଗଳ୍ପରେ, କବିତାରେ ଓ ବନ୍ଧୁ ମହଲରେ ବଙ୍କାବଙ୍କି କରି ଜଣେଇ ଦେଉଛି ଯେ ତୃତୀୟ ବର୍ଷର ପାତଳୀ ଝିଅଟା ତା ହୃଦୟ ଚୋରୀ କରି ନେଇଛି । ଆଶୁତୋଷ ହଷ୍ଟେଲର ସବୁ ଝିଅମାନେ ଜାଣିଛନ୍ତି ଯେ ରାମାନୁଜ ହଷ୍ଟେଲର ଛାତ ଉପରୁ ପ୍ରତ୍ୟେକ ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ସମ୍ବିତ କାହାକୁ ଅପେକ୍ଷା କରି ରହିଛି । ତା ଭଲ ଆବେଗତା, ପାଇବାର ତୀବ୍ରତା, ହୃଦୟର କମ୍ପନ, ପ୍ରେମର ଆବିଳତା କଣ ଶ୍ରାବଣୀ ମିଶ୍ରପାଇଁ ଅଜଣା ଓ ଅଚିହ୍ନା ? ବହିରେ, ପ୍ରାକ୍ଟିକାଲ୍ ଖାତାରେ, ଡ୍ରେସରେ, ପିକନିକରେ, ହାତ ପିନ୍ଧା ମୁଦିରେ, ଗଳାର ଲକେଟରେ ସେ ଲେଖିଦେଇଛି ଇଂଲିସରେ 'ଏସ୍' । 'ଏସ୍' ମାନେ କେବଳ ଶ୍ରାବଣୀ । କଣ ଶ୍ରାବଣୀ ଏ କଥା ବୁଝିପାରୁନି ? ସେ ଏତେ ହୃଦୟହୀନା ? ଯୁବତୀ ବୟସର ରକ୍ତ ତା ଧମନୀରେ ବହୁନି କାହିଁକି ? ବସନ୍ତର କାମନାରେ ସେ ମଧ୍ୟ ତା ଭଳି କାହିଁକି ଜର୍ଜରିତା ନୁହେଁ ?

ଶ୍ରାବଣୀ ମିଶ୍ରର ପ୍ରେମରେ ପାଗଳ ହୋଇ ଅନେକ ଦିନ ବୁଲିବା ପରେ ଦିନେ ସମ୍ବିତ ଦେବାଶିଷ

ସାରଙ୍କ ପ୍ରଶ୍ନବାଣରେ ଧରାଶାୟୀ ହୋଇଗଲା । ପ୍ରିୟ ଛାତ୍ରବନ୍ଧୁର ଏ ପ୍ରକାର ଦୁର୍ଦ୍ଦଶା ଦେଖି ସାର୍ ଭଲରେ ବୁଝିପାରୁଥିଲେ ଯେ ପ୍ରେମରୋଗ ଧରିଛି ତାକୁ । ଅନେକ ଉପଦେଶ ଦେଲାପରେ ମଧ୍ୟ ସମ୍ବିତ ମୁହଁରୁ ନାଁଟା ବାହାର କରିପାରିଲେ ନାହିଁ । କିଏ ସେ ଅପସରା, ସୁନ୍ଦରୀ ତନ୍ତ୍ରମନ୍ତ୍ର କରି ଫଗୁଆ ଭିତରେ ବନ୍ଦ କରିଦେଇଛି ତାଙ୍କ ପ୍ରିୟ ଛାତ୍ରର ହୃଦୟକୁ ? ଭବିଷ୍ୟତ ସହ ଏମିତି ଖେଳ ଖେଳନି ବୋଲି ଦେବାଶିଷ ସାର୍ ଅନେକ ବୁଝାଇଥିଲେ ସମ୍ବିତକୁ । କିନ୍ତୁ ସମ୍ବିତ ବୁଝିବାକୁ ନାରାଜ । ଭୁଲି ପାରୁନି ସେ ଶ୍ରାବଣୀକୁ । ଶ୍ରାବଣୀ ବିନା ତା ଜୀବନ ଯେମିତିକା ବିରା ଋତୁର ପୃଥିବୀ । ଶ୍ରାବଣୀ ବିନା ତା ଜୀବନ ଯେମିତି ବିନା ମେଘର ଆକାଶ । ଶ୍ରାବଣୀ ବିନା ତା ଜୀବନ ଯେମିତି ବିନା ପାଣିରେ ମାଛ । ଯେମିତି ବିନା ଡେଣାର ପକ୍ଷୀ । ଯେମିତି ବିନା ହୃଦୟର ଶରୀର । ଶ୍ରାବଣୀ ବିନା ହଷ୍ଟେଲ ଖାଦ୍ୟ ବିଷ । କଲେଜ୍ କ୍ୟାମ୍ପସ୍ ଧୁ ଧୁ ଖରା । କ୍ଲାସ୍ ସାରା ଅବୁଝା ଅବୁଝା ପାଠ । ହଷ୍ଟେଲର ସମସ୍ତ ଅନ୍ତେବାସୀ ଯେମିତି ଶତ୍ରୁ ଦଳର ସୈନ୍ୟ । କଲେଜର ସମସ୍ତ ଅଧ୍ୟାପକ ଜଣେ ଜଣେ ହିଟଲର୍ ଆଉ ମୁସୋଲିନି ।

ସମ୍ବିତର ଏ ପ୍ରକାରର ପାଗଳାମୀ ଦେଖି ଶେଷରେ ଦେବାଶିଷ ସାର ଆଶ୍ୱାସନା ଦେଲେ ଯେ ସେ ଅତି ନିକଟରେ ତାଙ୍କର ବାହାଘର ହେବାକୁ ଯାଉଛି । ତାଙ୍କର ବାହାଘର ପରେ ସେ ନିଶ୍ଚୟ ସମ୍ବିତକୁ ଏ ଦିଗରେ ସାହାଯ୍ୟ କରିବେ । ଝିଅଟିର ନାଁ ଜାଣିବାକୁ ଚାହିଁଲେ ସେ । କିନ୍ତୁ ସମ୍ବିତ ଜମାରୁ ଜଣାଇଲା ନାହିଁ । ନାଁ ଟା କହିଦେଲେ କାଳେ ତା ପ୍ରେୟସୀକୁ ପାଇବାର ମୋହ ଭାଙ୍ଗି ଚୁରମାର୍ ହୋଇଯିବ । ଝିଅଟା ଆଗରେ ମୁଣ୍ଡ ଟେକି ଠିଆ ହେବାର ଦମ୍ଭ କାଚ ଭଳି ଭାଙ୍ଗି ଚୁନା ହୋଇଯିବ । ହୋଇପାରେ ଦେବାଶିଷ ସାର ଝିଅଟିର ନାଁ ଜାଣିପାରିଛନ୍ତି ।

ସାରଙ୍କ ଚ୍ୟାମ୍ବର ଆଗରେ କେତେବେଳୁ ପହଞ୍ଚିଗଲାଣି ସମ୍ବିତ । କିନ୍ତୁ ପରଦା ଖୋଲି ଭିତରକୁ ଯିବାପାଇଁ ସମ୍ବିତର ସାହାସ ହେଉନି । ସାର ହୁଏତ ଝିଅଟିର ନାଁ ଜାଣି ସାରିଲେଣି । ତା ଛାତି ଧଡ଼ ଧଡ଼ ହେଉଥିଲା ।

- କିଏ ?

- ସାର୍ ମୁଁ ସମ୍ବିତ୍ । ଭିତରକୁ ଆସିବି କି ?

- ତମେ କେବେଠୁଁ ପର୍ମିସନ୍ ମାଗିଲଣି ?

ପରଦା ଖୋଲି ସମ୍ବିତ ଭିତରକୁ ପାଦ ପକେଇଛି କି ନାହିଁ ସେଇଠି ଅଟକି ଗଲା । କଣ୍ଠ ଶୁଖି ଶୁଖି ଆସିଲା, ପାଟି ଅଠା ଅଠା ଲାଗିଲା । ଶ୍ରାବଣୀ ମୁଣ୍ଡ ପୋତି ସାରଙ୍କ ରୁମରେ ବସିଛି କାହିଁକି ?

ସରିଗଲା କଥା । ଧରାପଡ଼ିଗଲା ତାର ଇପ୍‌ସିତ ପ୍ରେମିକା । ଖୋଲିଗଲା ଭଲ ପାଇବାର ଫରୁଆ । ବ୍ୟାପିଗଲା ତା ଭଲ ପାଇବାର ଖବର କ୍ୟାମ୍ପସ ସାରା । ବନ୍ଦ ହୋଇଗଲା ହୃଦୟର ଦ୍ୱାର ।ରକ୍ତ ପ୍ରବାହ ଅଟକିଗଲା କିଛି ସମୟ ପାଇଁ । ବନ୍ଧାପଡ଼ିଗଲା ଶ୍ରାବଣୀ ପ୍ରତି ତାର ପ୍ରତ୍ୟେକ କ୍ଷଣର ମୋହ ସାରଙ୍କ ଆଗରେ । କଣ ଭାବିବ ଶ୍ରାବଣୀ ? ଘୃଣା କରିବ କି ଭଲ ପାଇବ ? ଗାଲରେ ଚାପୁଡ଼ାଟିଏ ବସେଇ ଦେବନି ତ ? କଲେଜ ଛାଡ଼ି ଚାଲିଯିବନି ତ ? ସାଙ୍ଗମାନଙ୍କ ଆଗରେ ତାକୁ ଅପମାନିତ କରିଦେବନି ତ ?

- ଭିତରକୁ ଆସ ସମ୍ବିତ । ତୁମକୁ ମୁଁ କେବେଠୁ ଅପେକ୍ଷା କରିଛି । ଦେବାଶିଷ ସାର କହୁଥିଲେ ।

ମୁଣ୍ଡ ପୋତି ଥରି ଥରି ହୋଇ ସାରଙ୍କ ଆଗରେ ବସିଲା ସେ । ଶ୍ରାବଣୀ ମିଶ୍ରକୁ ଆଖି ଉଠେଇ ଦେଖିବା ପାଇଁ ସତ୍ ସାହାସ ହରେଇଛି ସେ । କମ୍ପିନ ସ୍ୱରରେ ପଚାରିଲା, 'ସାର୍, କଣ ଗୋଟେ ଖୁସି ଖବର ଜଣେଇବେ ବୋଲି କହୁଥିଲେ ?'

- 'ମୁଁ ଯାଉଛି ।' ଧୀର କଣ୍ଠରେ ଶ୍ରାବଣୀ ଯିବାକୁ ଚାହିଁଲା ।

ଯା'ହେଉ । ଭଗବାନ ସାହା ହେଲେ । ଯେତେ ଶୀଘ୍ର ଏଠୁ ସେ ଯିବ ବହୁତ ଭଲ ହେବ । ନଚେତ କଥାଟା ଧରା ପଡ଼ିଯିବ । ମଲା ଶରୀରରେ ଅଳପ ଜୀବନ ସଞ୍ଚରିଲା ।

- ନା ନା । ତମେ ବସ । ତମେ ଭଲ ଭାବରେ ସମ୍ବିତକୁ ଜାଣିଛ । ସେ କେବଳ ମୋର ଛାତ୍ର ନୁହେଁ ମୋର ବନ୍ଧୁ । ତମର ଉପସ୍ଥିତରେ ମୁଁ ଏ ଖୁସି ଖବରଟା ସମ୍ବିତ ସହ ବାଣ୍ଟିବାକୁ ଚାହେଁ ।

ହେ ଭଗବାନ । ସାର୍ ଏ କଣ କରୁଛନ୍ତି ? କଣ ପାଇଁ ତାକୁ ଅଟକାଉଛନ୍ତି ? ଜଣେ ପୁରୁଷ

ହୋଇ କଣ ମୋ ଅବସ୍ଥା ବୁଝି ପାରୁନାହାନ୍ତି ? ନା ଜୀବନରେ କୌଣସି ଝିଅପାଇଁ ତାଙ୍କ ହୃଦୟ ସ୍ପନ୍ଦନ କରନି ? ଶ୍ରାବଣୀ ଚୁପଚାପ୍ ବସିଗଲା । ମୁହଁରେ କିନ୍ତୁ ତାର ଲାଜ ଲାଜ ହସ । ଏ କଥା କଣେଇ କଣେଇ ଦେଖିପାରୁଛି ସମ୍ବିତ ।

- ସମ୍ବିତ ମୋ ବାହାଘର ପାଇଁ ପ୍ରଥମ ନିମନ୍ତ୍ରଣ ପତ୍ର ପ୍ରୋଫ୍ ପ୍ରେସରୁ ଆସିଛି । ତମେ ଥରେ ଦେଖିଦେଲେ ଖୁସି ହେବ । ଯଦି କିଛି ବଦଳେଇବାର ଅଛି କହିଲେ ସାଙ୍ଗେ ସାଙ୍ଗେ ପ୍ରେସକୁ ଜଣେଇବାକୁ ପଡ଼ିବ । କଣ କହୁଛ ଶ୍ରାବଣୀ ? ଠିକ୍ କହୁଛି ନା ?

ଧନ୍ୟବାଦ ଭଗବାନ । ମନର ବୋଝଟା ଯେମିତି ଅତି ସହଜରେ ତଳକୁ ଖସିଗଲା । ବେକାରରେ ଆଜେବାଜେ କଥା ତା ମନକୁ ଘାଣ୍ଟି ଦେଉଥିଲା । ତେବେ ଶ୍ରାବଣୀ ଏଠି କାହିଁକି ? ଯାହା ହେଉ । ଯାହାହେବ ଦେଖାଯିବ । ଅଳ୍ପ ସାହାସ ସଞ୍ଚୟ କରି ନିମନ୍ତ୍ରଣ ପତ୍ରଟି ଖୋଲିଲା ସମ୍ବିତ୍ । କିନ୍ତୁ ହଜିଗଲା ନିଜ ଭଲପାଇବାର ଉପତ୍ୟାକାରେ । ଏମିତି ଏକ ସୁନ୍ଦର ନିମନ୍ତ୍ରଣ ପତ୍ର ସେ ତିଆରି କରିଛି ନିଜର ଓ ଶ୍ରାବଣୀର ବାହାଘର ପାଇଁ । 'ସମ୍ବିତ ସହ ଶ୍ରାବଣୀର' ବିବାହ ବନ୍ଧନରେ ଆପଣଙ୍କୁ ସ୍ୱାଗତ ପଢୁ ପଢୁ ଦେବାଶିଷ ସାର କହୁଥିବେ... 'ବହୁତ ଭଲ କାର୍ଡ଼ଟିଏ । ଚମତ୍କାର ଯୋଡ଼ି । ଏକ୍ ଦୁଜେ କେ ଲିୟେ । ଶ୍ରାବଣୀ ତୁମକୁ ପାଇ ଧନ୍ୟ ହୋଇଛି । କେତେ ଭାଗ୍ୟବାନ ତୁମେ ସମ୍ବିତ୍ । ଯାହାକୁ ଭଲ ପାଇଛ ତାକୁ ସହଧର୍ମିଣୀ ଭାବରେ ପାଇଛ... ଇତ୍ୟାଦି ଇତ୍ୟାଦି... ।

ଦେବାଶିଷ ସାରଙ୍କ ପ୍ରଶଂସା ଶୁଣି ସେ ଛନ୍ଦି ହୋଇଯାଉଥିବ ନିଜ ଭଲପାଇବାର ମୋହରେ ।... ପାଇବାର ମୋହରେ... ଏକାକାର ହୋଇଯିବାର ମୋହରେ.... ପ୍ରେମର ମନ୍ଦିର ଗଢ଼ିବା ମୋହରେ.... କିନ୍ତୁ ଏ କଣ ? ଯେତେଥର ସେ କାର୍ଡ଼ଟା ପଢୁଛି ସେତେଥର ତା ନାଁଟା ହଜିଯାଉଛି କାହିଁକି ? ଯେତେଥର ତା ନାଁ ଶ୍ରାବଣୀ ସହ ପଢ଼ିବାକୁ ଚେଷ୍ଟା କରୁଛି, ସେତେଥର ସେ କାହିଁକି ପଢୁଛି... 'ଦେବାଶିଷ ସହ ଶ୍ରାବଣୀର ଶୁଭ ବିବାହ' ।

'ସାରଙ୍କ ପ୍ରିୟ ଛାତ୍ରବନ୍ଧୁ ଭାବେ ତୁମେ ଆମର ବାହାହରକୁ ନିଶ୍ଚୟ ଆସିବ ସମ୍ବିତ୍ ଭାଇ' ଶ୍ରାବଣୀ କହୁଥିଲା ।

ଏ କଥାଟା ଶୁଣିବା ପରେ ମୋହଭଙ୍ଗ ହୋଇଗଲା ସମ୍ବିତର । ମୋହଭଙ୍ଗ ହୋଇଗଲା ତା ପ୍ରେମର, ଭଲପାଇବାର, ହୃଦୟର, କ୍ୟାମ୍ପସରେ ଥିବା କୃଷ୍ଣଚୁଡ଼ାର, ଗତ ଗତ ଅନିଦ୍ରା ରହି ଶ୍ରାବଣୀ ପାଇଁ କବିତା ଲେଖିବାର, ଅନେକ ସ୍ୱପ୍ନମୟ ରାତିରେ ଶ୍ରାବଣୀକୁ ଆଲିଙ୍ଗନ କରିବାର । ଶ୍ରାବଣୀକୁ ଭଲ ପାଇ ଯେତେ ଦୂର ସେ ଆଗେଇ ଆସିଥିଲା, ସେତେବେଦୂର ପଛକୁ ପଛକୁ ସେ ଫେରିଯାଉଥିଲା ସେଇ ମୁହୂର୍ତ୍ତରେ, ଯେଉଁଠି ଶ୍ରାବଣୀ ନାମକ ଝିଅଟିରେ ତା ଜୀବନକୁ ପ୍ରେମମୟ କରିଦେଇଥିଲା ।

ହୃଦୟର କଥା ରହିଗଲା ହୃଦୟର କେଉଁ ନିଭୃତ କୋଣରେ । ଯେତେ ଶୀଘ୍ର ସେ ସତ୍ୟଟାକୁ ଆପଣେଇ ନେବ ସେତେ ତା ପାଇଁ ଭଲ । ମୋହଭଙ୍ଗର ଶେଷରେ ଭାବିଲା - ଶ୍ରାବଣୀ ମିଶ୍ର । ତୃତୀୟ ବର୍ଷ ଛାତ୍ରୀ । ତା ପ୍ରିୟ ଗୁରୁ ଦେବାଶିଷ ସାରଙ୍କ ଭାବିପତ୍ନୀ । ତାଙ୍କର ଏ ମଙ୍ଗଳ ମୁହୂର୍ତ୍ତରେ ସେ ନଯିବ କେମିତି ?

ମାର୍ଫତ - ଶ୍ରୀ ଲଛମନ ବେହେରା
ମାଳୀ ସାହି, ଆଙ୍କୁଲି, ବ୍ରହ୍ମପୁର
ଗଞ୍ଜାମ, ଓଡ଼ିଶା ୭୬୦୦୧୦
ମୋବାଇଲ୍ - ୭୭୪୯୯୮୪୩୩୩

# ଆମ ଗାଁ ହରହର

କମଳକାନ୍ତ ସୁବୁଦ୍ଧି



ଆମ ଗାଁଟିର ନାମ ଅଟେ ନଇରୀ
ଦିନେ ଏହାର କେହି ନଥିଲେ ବଇରି ।
ଯେଉଁଠାରେ ବାବା ହରିହରେଶ୍ୱର ବିଜେ
ଅନ୍ୟ ଦେବାଦେବୀଙ୍କୁ କିଏ ବା ଖୋଜେ ।
ହରିହରେଶ୍ୱର ଦେବଙ୍କ ସାଥେ ନୃସିଂହନାଥ
ଅନାଥର ନାଥ ସେ ସାରି ବିଶ୍ୱର ନାଥ ।
ଦିନେ ଅକାଳ କଳାପାହାଡ଼ କାହୁଁ ଅଇଲା
ବାରମ୍ବାର ସେ ଜଗନ୍ନାଥଙ୍କୁ ହିନସ୍ତା କଲା ।
ପୁରୀ ଛାଡ଼ି ଜଗନ୍ନାଥ ଦିନେ ନଇରୀ ଆସିଲେ
ବାବା ହରିହରଙ୍କ ପାଖେ ଆସି ରହିଲେ ।
ପ୍ରଭୁ ରହି ନଇରୀବାସୀଙ୍କୁ ଆଶା ଦେଖାଇଲେ
ପ୍ରଭୁ କିଛି ଦିନ ରହି ଛାଡ଼ି ଚାଲିଗଲେ ।
ତୁମକୁ ଏହା ଅବିଶ୍ୱାସ ହେଲେ ବି ସତ
ଥରେ ଯାଇ ବୁଲି କରି ଦେଖି ନିଅନ୍ତୁ ।
ଏହାର ଅବସ୍ଥିତ ନାଚୁଣୀରୁ ଗୋଟିଏ କିମି ଦୂରେ
ମଗଳମାଳିନୀ ନିଳାମ୍ବୁ ଚିଲିକା କୂଳରେ ।
ସ୍ଥାନ ଦେଖିବାକୁ ସୁନ୍ଦର ମନୋହର
ଏହାର କରୁଣା ବାବା ହରିହରେଶ୍ୱର ।

# ଭୁଲିଯାଅ ମୋତେ

ରବିନ୍ଦ୍ର ପାଣିଗ୍ରାହୀ



ଭୁଲିଯାଅ ମୋତେ ତୁମେ ଏଇ ଜନମରେ
ଏକା ଛାଡ଼ି ଚାଲିଯିବ ତୁମକୁ ଆଉ କିଛି ଦିନ ପରେ ।
ଖୋଜିଲେବି ନ ପାଇବନି ଏଇ ଧରାପୃଷ୍ଠରେ
କାୟା ହୋଇ ରହିଥିବି ସମାଧି ଭିତରେ ।
ସ୍ୱପ୍ନ ହୋଇ ଆସିବନି ରାତିରେ ତୁମର
ଛାଇ ହୋଇ ଚାଲିବନି ସାଥିରେ ତୁମର ।
ଫୁଲ ହୋଇ ଫୁଟିବନି ତୁମ ଅଗଣାରେ
ଚାନ୍ଦ ହୋଇ ଉଇଁବନି ତୁମ ମନ ଆକାଶରେ ।
ଚାଲିଯିବି ଗଲାବେଳେ ସବୁ ଛାଡ଼ି ଏକା
କହିବନି କାହା ଆଗେ ଦେଲ ତୁମେ ଧୋକ୍କା ।
ସାଂସାରିକ ଜୀବନ ତୁମର ହେଉ ସୁଖମୟ
ମୁଁ ମଲାପରେ ହେଉ ମୋ କାହାଣୀର ବିଲୟ ।
ମନର ମାନସୀ ତୁମେ ମୋ ପ୍ରିୟା ଆରତୀ
ମୁଁ ମଲାପରେ ହେଉ ମୋ ପ୍ରେମ ତୁମ ଜୀବନ ସାରଥୀ ।
ଏ ଦୁନିଆ ଛାଡ଼ିଗଲା ବେଳେ ଥରେ କୁହ ହାତ ଠାରି
ଆଉ ତୁମେ ମୋର ମୁଁ ତୁମ ପ୍ରିୟ ବୋଲି ।

ଭୂଷଣ୍ଡପାଳ, ବ.ଡ଼ି.ପୁର ଶାସନ, ଗଞ୍ଜାମ
ମୋବାଇଲ୍ - ୯୪୩୮୮୫୩୫୪୨

# ବିଜ୍ଞାନଦୃଷ୍ଟିରେ ପୁନର୍ଜନ୍ମ

ବାଲ୍ମୀକି ନାୟକ



ପୃଥିବୀରେ ଜୀବଜଗତର ସୃଷ୍ଟି ସଂପର୍କରେ ବିଭିନ୍ନ ଧର୍ମଶାସ୍ତ୍ରମାନଙ୍କରେ ଉଲ୍ଲେଖଥିବା ମତବାଦକୁ ନେଇ ବାଦ-ବିବାଦ ଲାଗି ରହିଛି । କୌଣସି ଧର୍ମଶାସ୍ତ୍ର ବିଜ୍ଞାନ ସମ୍ମତ ଓ ତର୍କ ସଂଗତ ପ୍ରମାଣ ଦେଇ ପାରିନଥିବାରୁ, ତଥାକଥିତ ଇଶ୍ୱରଙ୍କ ବା ଗଡ୍‌ଙ୍କ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଥିବା ମତବାଦକୁ ସର୍ବୋଚ୍ଚ ଭାବେ ସ୍ୱୀକାର କରାଯାଇ ପାରିନାହିଁ ।

ମନୁଷ୍ୟ ଜୀବଜଗତର ଏକ ଶ୍ରେଷ୍ଠ ପ୍ରାଣୀ ବୋଲି ମଣିଷମାନେ ହିଁ ସିଦ୍ଧ କରିଛନ୍ତି । ଅନ୍ୟାନ୍ୟ ପ୍ରାଣୀ ଏହି ତଥ୍ୟକୁ ଠିକ୍ ବୋଲି ମାନୁଛନ୍ତି କି ନାହିଁ, ସେ ବିଷୟରେ ଜାଣିବାର ଉପାୟ ବି ନାହିଁ । କାରଣ ସେମାନେ ମଣିଷ ଭଳି ଭାଷାରେ କଥା କହିପାରୁ ନାହାନ୍ତି । ପଶୁ ଓ ପକ୍ଷୀଙ୍କର ପୁନର୍ଜନ୍ମ ହେଉଛି କି ନାହିଁ, ସେ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ର କହୁଛି - 'ଜୀବାତ୍ମା ୮୪ ଲକ୍ଷ ଯୋନୀରେ ଜନ୍ମ ଗ୍ରହଣ କରିପାରେ ।' ଅର୍ଥାତ୍ ମଣିଷଟିଏ ମରିବାପରେ ପୁନର୍ବାର ମଣିଷ ହୋଇ ଜନ୍ମ ହେବାର ପ୍ରାମାଣିକତା ବା ଗ୍ୟାରେଣ୍ଟି ନାହିଁ । ଅନ୍ୟ କୌଣସି ପଶୁପକ୍ଷୀ, କୀଟ ପତଙ୍ଗ ହୋଇ ଜନ୍ମ ଗ୍ରହଣ କରିପାରେ । କେତେକ ଶାସ୍ତ୍ରରେ ଲେଖା ଅଛି - ଗୋଟିଏ ଜନ୍ମରେ ମଣିଷ ଯେଉଁଭଳି କର୍ମକରି ପାପ ବା ପୂଣ୍ୟ ଅର୍ଜନ କରିଥାଏ, ସେହି କର୍ମଫଳ ଅନୁସାରେ ଆସନ୍ତା ଜନ୍ମରେ ଉଚ୍ଚକୂଳ ବା ନୀଚକୂଳରେ (ମଣିଷ ଜାତି) ଜନ୍ମ ଗ୍ରହଣ କରିଥାଏ । ଗରୁଡ଼ ପୁରାଣ ଅନୁଯାୟୀ ମଣିଷର ପାପକର୍ମ ଯୋଗୁଁ ଜୀବାତ୍ମା ନର୍କକୁ ଯାଏ ଏବଂ ପୂଣ୍ୟ କର୍ମ ଯୋଗୁଁ ମୋକ୍ଷପ୍ରାପ୍ତ କରି ସ୍ୱର୍ଗକୁ ଚାଲିଯାଏ । ଗୀତାରେ କୁହାଯାଇଛି - ଆତ୍ମା ଅଜର, ଅମର । ସେ ମରେ ନାହିଁ କିମ୍ବା ଜନ୍ମ ଗ୍ରହଣ କରେନାହିଁ । ଆତ୍ମା ଓ ମଣିଷର ପୁନର୍ଜନ୍ମକୁ ନେଇ ବିଭିନ୍ନ ଶାସ୍ତ୍ର ପରସ୍ପର ବିରୋଧି ମତ ପ୍ରକାଶ ପାଇଛି । ଆଧୁନିକ ବିଜ୍ଞାନର ବିକାଶ ହେବା ଯୋଗୁଁ ଶରୀର

ବଜ୍ଞାନୀମାନେ ଗବେଷଣା କର ମଣିଷର ମନ ଓ ଶରୀରକୁ ସୁସ୍ଥ ରଖିବା ପାଇଁ ଅନେକ ଉପାୟ ଉଦ୍‌ଭାବନ କରଛନ୍ତି । ପୁରାତନ କାଳରୁ ବଭିନ୍ନ ଧର୍ମରେ ମାନ୍ୟତାପ୍ରାପ୍ତ ତଥାକଥିତ ଆତ୍ମାର ଅବସ୍ଥାନ ଶରୀରର କେଉଁ ଭାଗରେ ଅଛି, ଆଜ ପର୍ଯ୍ୟନ୍ତ କୌଣସି ଜୀବବଜ୍ଞାନୀ ଖୋଜ ପାଇନାହାନ୍ତି । ଅର୍ଥାତ୍, 'ଆତ୍ମା' ମଣିଷର ମନର ବଶ୍ୱାସ ଉପରେ ହିଁ ପର୍ଯ୍ୟବେସିତ ।

ଏଇଠି ଆମେ ମଣିଷର ଜନ୍ମ ସଂପର୍କରେ ଆଧୁନକ ଶରୀର ବଜ୍ଞାନ କଣ କହୁଛି, ଆସନ୍ତୁ ଦେଖିବା । ବୈଜ୍ଞାନକ କୁହନ୍ତି, ଜୀବ ଜଗତକୁ କୌଣସି ତଥାକଥିତ ଈଶ୍ୱର ବା ଗଡ୍ ସୃଷ୍ଟି କରନାହାନ୍ତି । ଏହା ବବର୍ତ୍ତନର ପରଣାମ । କ୍ଲୋନିଂ ବା ସିଡ଼ଲିଂ ତତ୍ତ୍ୱ ଅନୁସାରେ ଆମେ ପ୍ରମାଣ କରପାରୁ ଯେ ଜୀବନ ଏକ ଅବରତ କ୍ରମବର୍ଦ୍ଧିଷ୍ଣୁ ପ୍ରକ୍ରୟା. ଯାହା ସୃଷ୍ଟି ଆରମ୍ଭରୁ ବନା ବାଧାରେ ଚାଲି ଆସିଛି । କ୍ଲୋନିଂ (ଏକକ) ଏବଂ ସିଡ଼ଲିଂ (ଯୁଗ୍ମ ବା ବହୁ) ରୂପେ ଜନ୍ମ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଗତ କରଥାଏ । ଏହା ଏକ ସ୍ୱୟଂସକ୍ରୀୟ ପ୍ରକ୍ରୟା । ଉଦାହରଣ ସ୍ୱରୂପ ସ୍ତ୍ରୀ ଓ ପୁରୁଷର ଡିମ୍ବାଣୁ ଓ ଶୁକ୍ରାଣୁର ମିଶ୍ରଣରେ ଏକ ଯୁଗ୍ମକ (ଜାଇଗୋଟ୍) ତଆର ହୋଇ ସ୍ତ୍ରୀର ଜରାୟୁରେ ବଢ଼ିଥାଏ ଏବଂ ସେ ପୁଅ କମ୍ବା ଝିଅ ହୋଇଥାଏ । ଏଥିରେ ମାଆର, ବାପାର କମ୍ବା ଉଭୟଙ୍କର ଗୁଣ ଆଣିପାରେ । କନ୍ତୁ କ୍ଲୋନିଂ ତତ୍ତ୍ୱ ଅନୁସାରେ ଯେଉଁ କୋଷିକାଟିକୁ ଜରାୟୁରେ ଉପସ୍ଥାପିତ କରାଯିବ, ଏହା ସେହ ମଣିଷର ପୁଅ ବା ଝିଅର ଅବକଳ ରୂପ ଧର ସୃଷ୍ଟି ହେବ । ଏହାଦ୍ୱାର ପ୍ରମାଣ କରାଯାଇଛି ଯେ ମଣିଷର ସୃଷ୍ଟି ଏକ ନରବଚ୍ଛିନ୍ନ ପ୍ରକ୍ରୟା । ଏହା ସୃଷ୍ଟି ଆରମ୍ଭରୁ କ୍ଲୋନିଂ ବା ସିଡ଼ଲିଂ ପ୍ରକ୍ରୟାରେ ପ୍ରକୃତଦ୍ୱାର ବାରମ୍ବାର ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ, ଗୋଟିଏ ମଣିଷ ତା'ର ଜୀବନକାଳ ମଧ୍ୟରେ (ପୁରୁଷ ବା ସ୍ତ୍ରୀ) ସେ ତାହାର ଏକ ହଜାର କୋଷିକାକୁ, ଏକ ହଜାର ଜରାୟୁରେ ରଖି ନଜର ଏକ ହଜାର ଅବକଳ ମଣିଷ ସୃଷ୍ଟି କରପାରବ । ଏହା କୌଣସି ବାହାର ଆତ୍ମା ଦ୍ୱାର ନୁହେଁ କମ୍ବା ନଜ ଆତ୍ମାର ଏକ ହଜାର ବଭିନ୍ନ ଭାଗ ଦ୍ୱାର ହୁଏ ନାହିଁ । ବରଂ ନଜର ଜୀବକୋଷରେ ଥିବା ଅନ୍ତର୍ନିହିତ ଶକ୍ତିଦ୍ୱାର ହିଁ ମଣିଷ ସୃଷ୍ଟି ହୋଇଥାଏ । ମଣିଷର କୌଣସି ଅଙ୍ଗ ଯଥା ବୃକକ୍, ଆଖି କ୍ଷତଗ୍ରସ୍ତ ହେଲେ ମଣିଷ ସେହ ଅଙ୍ଗ ଆକୃତ ଜନତ ରୋଗ ଗୁଡ଼ିକରେ ପୀଡ଼ିତ  ହେବ । ସେହପର ମଣିଷର ସ୍ନାୟୁବକ ତନ୍ତ୍ରରେ ଥିବା ସେନ୍‌ସରୀ ନର୍ଭ୍ ଓ ମୋଟର ନର୍ଭ ମସ୍ତିଷ୍କର ଉପର ଭାଗ ବା ସେରେବ୍ରାଲ୍ କର୍ଟେକ୍ସରେ ମିଳତ ହୋଇଥାଏ । ଏହ

ଆକୃତକୁ ଆମେ ବ୍ରେନ୍ ବା ମସ୍ତିଷ୍କ କହୁ ଯାହା ସୁପର୍ କମ୍ପ୍ୟୁଟର ଭଳି କାର୍ଯ୍ୟ କରିଥାଏ । କୌଣସି କାରଣରୁ ପିଲା ଜନ୍ମ ହେଲାବେଳେ ଯଦି ତା'ର ମସ୍ତିଷ୍କକୁ ଅମ୍ଲଜାନ ଯିବାରେ ବାଧା ହୋଇଥାଏ, ତେବେ ତାର ମସ୍ତିଷ୍କର ଆକାର ସାନ ହେବା ସହ ଆଂଶିକ ଭାବେ କ୍ଷତଗ୍ରସ୍ତ ହୋଇପଡ଼େ । ଯାହା ଫଳରେ ପିଲାଟି ମାନସିକ ଅନଗ୍ରସର ଭାବରେ ଜନ୍ମ ଗ୍ରହଣ କରିଥାଏ । ପିଲାଟି ନିଜର ସାଂସାରିକ କର୍ତ୍ତବ୍ୟ ସୁଚାରୁ ରୂପେ କରିପାରେ ନାହିଁ । ସେହିପରି ବୟସ ବୃଦ୍ଧି ହେଲେ ବିଭିନ୍ନ ରୋଗ ଯଥା; ସିଫିଲିସ୍, ଅଟିଇମ୍ୟୁନୋଡିଜିଜ୍, ଆଲ୍‌ଜାଇମର୍ ରୋଗ କିମ୍ବା ମୁଣ୍ଡରେ ଆଘାତ ଜନିତ କାରଣରୁ ମଣିଷର ସ୍ମୃତି ଶକ୍ତି କ୍ଷୟ ହୋଇଥାଏ । ବେଳେ ବେଳେ ସେ ନିଜର ନିଜତ୍ୱ ହରେଇ ବସେ ଏବଂ ମୁଁ କିଏ, ବିସ୍ମୃତ ହୋଇଯାଏ । ଯେଉଁ ମଣିଷ ବଞ୍ଚିଥିବା ବେଳେ 'ମୁଁ' କୁ ସୁରକ୍ଷିତ ରଖିପାରେ ନାହିଁ, ସେହି ମଣିଷ ମୃତ୍ୟୁପରେ ମୁଁକୁ ପୁନର୍ଜନ୍ମ କରେଇବା ଚାବିକାଠି ରଖିବ କିପରି ?

ମଣିଷର ଅକାଳ ମୃତ୍ୟୁଘଟିଲେ, ତା ଶରୀରରୁ ବିଭିନ୍ନ ଅଙ୍ଗ ନେଇ ଅନ୍ୟ ରୋଗୀମାନଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇପାରୁଛି । ସେହି କ୍ଷେତ୍ରରେ ଆତ୍ମା କଣ ଖଣ୍ଡ ଖଣ୍ଡ ହୋଇଯାଉଛି ?

ଡା ବି ସି ଦାସ୍ ଥରେ ନିଜର ଭାଷଣରେ କହିଥିଲେ - ଏକ ଭୃଣର ମୁଣ୍ଡ ତିଆରି କରୁଥିବା ଗୁଣସୂତ୍ର ବା ଜିନ୍‌କୁ ବାହାର କରିଦେଇ ପ୍ରୟୋଗଶାଳାରେ ବୈଜ୍ଞାନିକ ଏକ ମୁଣ୍ଡନଥିବା ମୂଷା ସୃଷ୍ଟି କରିଦେଇ ପାରିବେ । ମୁଣ୍ଡ ନଥାଇ ମଧ ଏହି ମଣିଷର ଶରୀରଟି ଅନ୍ୟ ମାନଙ୍କ ପରି ଜୀବିତ ରହିପାରିବ । ଏହି ମଣିଷ ଶରିରରେ ସାଧାରଣ ମଣିଷ ଭଳି ଅଙ୍ଗ, ପ୍ରତ୍ୟଙ୍ଗ ଥିଲେ ମଧ ଚିନ୍ତା କରୁଥିବା ପ୍ରମୁଖ ଅଙ୍ଗ ମୁଣ୍ଡଟି କେବଳ ନଥିବ । ଏଭଳି ମୁଣ୍ଡ ନଥିବା ମଣିଷର ସୃଷ୍ଟିଦ୍ୱାରା ଅଙ୍ଗ ପ୍ରତ୍ୟଙ୍ଗର ପ୍ରାରବ୍ଧ ଯେ କୌଣସି ଅଙ୍ଗରୋଗ ହେଲେ ପରିବର୍ତ୍ତନ କରିହେବ । ଏଥିପାଇଁ ଦାୟୀ ଜିନ୍‌କୁ ସଂପୂର୍ଣ୍ଣରୂପେ ବାହାର କରିଦେଇ ହେବ । ମଣିଷର ଗୁଣସୂତ୍ରରେ ୧ ଲକ୍ଷ ଜିନ୍ ବଦଳରେ ୨୫ ହଜାର ଜିନ୍ ରହିଛି ବୋଲି ବୈଜ୍ଞାନିକ ମାନେ ଘୋଷଣା କରି ସାରିଲେଣି । ଜିନ୍ ଚିହ୍ନଟ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଜିନ୍ ଚିକିତ୍ସା ମାଧ୍ୟମରେ ଅନେକ ରୋଗ ବ୍ୟାଧିର ଚିକିତ୍ସା ସମ୍ଭବ ହୋଇପାରିବ । ଏହାଦ୍ୱାରା ପ୍ରମାଣ ହେଉଛି ଯେ କୌଣସି ପ୍ରାଣୀର ମୃତ୍ୟୁହେଲେ ସେଠାରେ ଜୀବନଚକ୍ର ବନ୍ଦ ହୋଇଯାଏ । ପ୍ରାଣୀର ପୁଣିଥରେ ପୁନର୍ଜନ୍ମ ହୋଇନଥାଏ । ଏହା ଏକ କାଳ୍ପନିକ ଭିତ୍ତିହୀନ ବିଶ୍ୱାସ, ମଜା କଥା ହେଉଛି ଯେ

ପୃଥିବୀର ଅନ୍ୟ ଦୁଇଟି ବିଖ୍ୟାତ ଧର୍ମ ଇସଲାମ୍ ଓ ଖ୍ରୀଷ୍ଟିୟାନ୍ ପୁନର୍ଜନ୍ମ ବାଦକୁ ମାନନ୍ତି ନାହିଁ । ପ୍ରଶ୍ନ ଉଠୁଛି, କଣ ଯେଉଁମାନେ ପୁନର୍ଜନ୍ମକୁ ମାନୁଛନ୍ତି, କେବଳ ସେହିମାନଙ୍କର ପୁନର୍ଜନ୍ମ ହେଉଛି ? ଯଦି ଏହାକୁ ଆମେ ସତ ବୋଲି ମାନିବା ତେବେ ଆଉ ଏକ ପ୍ରଶ୍ନ ଉଠୁଛି - ମଣିଷକୁ ସୃଷ୍ଟି କରୁଥିବା ଭଗବାନ କଣ ଏକରୁ ଅଧିକ ? ଗୋଟିଏ ଭଗବାନ ବାରମ୍ବାର ଜନ୍ମ ନେଉଥିବା ମଣିଷ ତିଆରି କରୁଛନ୍ତି, ଅନ୍ୟ ଭଗବାନ ମାନେ ମଣିଷର ମୃତ୍ୟୁପରେ ସେମାନଙ୍କ କର୍ମ ଅନୁସାରେ ସ୍ୱର୍ଗ କିମ୍ବା ନର୍କକୁ ପଠାଇ ଦିଅନ୍ତି । ଏହି ସବୁ ସନ୍ଦେହ ଓ ପ୍ରଶ୍ନର ଯଥୋଚିତ ଉତ୍ତର କେହି ଜାଣିନଥିବେ ବି ବୁଦ୍ଧିବାଦୀ ବର୍ଗ୍ଗରକୁ ତ୍ୟାଗ କରିବାକୁ ସାହସ କରିପାରନ୍ତି ନାହିଁ ।

ଇମେଲ୍ - balmikinayak@gmail.com
ଫୋନ୍ - ୦୮୦୮୮୩୨୪୭୭୮
#38/2, 2nd cross
Satyasaibaba layout
PO: K R Puram, Bangalore - 560036

# ଖରଛୁଟି

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



ନା ଭୟ୍ ନଆଁଝର୍ ଏଇ ଖରର
ନା ଚିନ୍ତା ଏବେ ସ୍କୁଲ ଯିବାର
ତଳେ ଲେଟୁଛନ୍ତି ଦେଖ କେମିତ ପିଲ୍ଏ
ସତେ କ ଶୋଯ ସେ ଫୁଲ, ନୁହେଁ ଖାଲ ମାଟି...
ହୋଇଛ ପର୍ ଖରଛୁଟି....

ଘରେ ଗ୍ଭଇରେ ଲୁଚଛନ୍ତି ସବୁ ବଡ଼
ବାପା ଦାଦା କହୁଛନ୍ତି ଟିକେ ଶୋଇପଡ଼
ବାହାର କ ଲ୍ଗୁନାହିଁ ସତେ ନଆଁ ରଢ଼,
ମିଳୁନାହିଁ ତ୍ରାହ, ଡାକୁଛନ୍ତି ସାଙ୍ଗ ସାଥୀ
ହୋଇଛ ପର୍ ଖରଛୁଟି ....

ଗାଁ ପୋଖରୀ ହଡ଼ରେ ବସିଅଛ ସଭ୍
ପାଣିରେ ଡିଆଁ ଡେଇଁ ସଭଏଁ କରବା
ପହରାଁ ନ ଜାଣେ ଯିଏ ଜଗିଥିବ ଲୁଗା
ଆମେ ସବୁ ପାଣି ମାଛ ତୁମେ ମୋଟା ହାତୀ
ହୋଇଛ ପର୍ ଖରଛୁଟି ....

ସଞ୍ଜ ହେଲ୍ଣି କୋଠଘରେ ଶୁଭୁଛ ଭଜନ
ପୂଜା ସାରଦେଇ ଗୋସେଇଁ କଲେଣି ଗମନ
ଗାଁ ମଣ୍ଡପେ ବସିଛ ବଡ଼ବଡ଼ିଆଙ୍କ ବଡ଼ ସଭ୍
ମାଷ୍ଟ୍ରେ, କାର୍ଜି କରଣେ ଧର ବସିଛନ୍ତି ପୋଥି
ହୋଇଛ ପର୍ ଖରଛୁଟି ....

# ଥାଇରଏଡ଼ ସମସ୍ୟା

ଡା ସୁନିଲ୍ କୁମାର କୋଟା

ପୂର୍ବାଭାଷ :



ଥାଇରଏଡ଼ ପ୍ରଜାପତ ସଦୃଶ ଏକ ଗ୍ରନ୍ଥି, ଯାହା ମାନବ ଶରୀରର ଗଳାର ସମ୍ମୁଖଭାଗରେ ଅବସ୍ଥିତ । ଏଥିରେ ଦୁଇଟି ବଖରା ରହଛ । ସ୍ୱର ପୂଟଳର ନମ୍ନଭଗ(Larynx)ରେ ଏହା ଅବସ୍ଥିତ । ଏହା ଦୁଇଟି ହର୍ମୋନ୍ କ୍ଷରଣ କରଥାଏ, ଟ୍ରାଇଥାଇଡ଼ୋ ଥାଇରୋନନ୍ (T3) ଏବଂ ଟେଟ୍ରାଥାଇଡ଼ି ଥାଇରୋନନ୍(T4)/ ଥାଇରକ୍ସିନ୍ । ଥାଇରଏଡ଼ ଗ୍ରନ୍ଥି ଶରୀରର ବ୍ୟାଟେରୀ / ଇଞ୍ଜିନ୍ ଭଳ କାର୍ଯ୍ୟକରେ । ଉକ୍ତ ଦୁଇଟି ହର୍ମୋନ୍ ଶରୀର ଓ ତା'ର ବଭିନ୍ନ ଅଙ୍ଗ ଅଭିବୃଦ୍ଧି କର କାର୍ଯ୍ୟକ୍ଷମ ଏବଂ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ଅନ୍ୟ ଏକ ଗ୍ରନ୍ଥି ମସ୍ତିଷ୍କରେ ରହଛ ଯାହାକୁ ପିଟ୍ୟୁଟାରୀ କୁହାଯାଏ । ପିଟ୍ୟୁଟାରୀ ଗ୍ରନ୍ଥି ଥାଇରଏଡ଼ ଗ୍ରନ୍ଥିକୁ ଉତ୍ତେଜତକାରୀ ହର୍ମୋନ୍ (TSH) ସୃଷ୍ଟି କରେ । TSH (Thyroid Stimulating Hormone) ଥାଇରଏଡ଼ ଗ୍ରନ୍ଥିକୁ ସକ୍ରିୟ କରାଇ ହର୍ମୋନ କ୍ଷରଣରେ ସହାୟତା କରେ । ହର୍ମୋନ କ୍ଷରଣ କମ ହୋଇଗଲେ ତାହାକୁ ହାଇପୋଥାଇରଏଡ଼ିଜ୍ମ୍ (Hypo-thyroidism) ବୋଲି କୁହାଯାଏ । ଏବଂ ଏହପରି ସ୍ଥିତରେ ପିଟ୍ୟୁଟାରୀ ଗ୍ରନ୍ଥି ଅଧିକରୁ ଅଧିକ TSH କ୍ଷରଣ କର ଥାଇରଏଡ଼ ଗ୍ରନ୍ଥିକୁ ସକ୍ରିୟ କରବାକୁ ଚେଷ୍ଟା କରଥାଏ । ସେହପରି ଅଧିକ ହର୍ମୋନ କ୍ଷରଣ ହେବା ଅବସ୍ଥାକୁ ହାଇପର୍‌ଥାଇରଏଡ଼ିଜ୍ମ୍ (Hyper-thyroidism) କୁହାଯାଏ । ଏହ ଅବସ୍ଥାରେ ଗ୍ରନ୍ଥିରୁ ଅଧିକ ହର୍ମୋନ୍ କ୍ଷରଣ ହୁଏ ଏବଂ ଏହାକୁ କମ୍ କରବାପାଇଁ ପିଟ୍ୟୁଟାରୀ ଗ୍ରନ୍ଥିରୁ ଅଳ୍ପ TSH କ୍ଷରଣ ହୋଇଥାଏ ।

ଥାଇରଏଡ୍ ସମସ୍ୟାର କାରଣ କଣ ?

ଥାଇରଏଡ଼ ଗ୍ରନ୍ଥିର କାର୍ଯ୍ୟପାଇଁ ଆୟୋଡ଼ିନ୍‌ର ଆବଶ୍ୟକତା ରହଛ । ଆୟୋଡ଼ିନ ଅଭାବରେ ଥାଇରଏଡ଼ ହର୍ମୋନ ସୃଷ୍ଟି ପ୍ରକ୍ରିୟାରେ ବାଧା ହୋଇଥାଏ, ତେଣୁ ଗ୍ରନ୍ଥିର ସାଧାରଣ କାର୍ଯ୍ୟକ୍ଷମତା

ବାଧାପ୍ରାପ୍ତ ହୁଏ । ଏହା ଫଳରେ ହର୍ମୋନର ପରିମାଣ କମ ହୋଇଯାଏ । ସେଇଥିପାଇଁ ବର୍ତ୍ତମାନ ଆୟୋଡ଼ିନ୍‌ଯୁକ୍ତ ଲବଣର ବହୁଳ ବ୍ୟବହାର ହେଉଛି । ବର୍ତ୍ତମାନ ସମୟରେ ଥାଇରଏଡ଼ ସମସ୍ୟାର କାରଣ ଆୟୋଡ଼ିନ ହିଁ ବୋଲି କୁହାଯାଇନପାରେ ।

ବିଭିନ୍ନ ରୋଗରୁ ରକ୍ଷାପାଇବା ପାଇଁ ଆମ ଶରୀରରେ ରୋଗ ନିରୋଧକ କ୍ରିୟା ଥାଏ । ଏହା ଧବଳ ରକ୍ତ କଣିକା ବା ଲିମ୍ଫୋସାଇଟ୍ ମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଶରୀରରେ କୌଣସି ରୋଗ ହେଲେ ଏହି ରକ୍ତକଣିକାମାନେ ଆଣ୍ଟିବଡ଼ି ବା ରୋଗ ନିରୋଧକ ଶକ୍ତି ଉତ୍ପାଦନ କରି ଜୀବାଣୁ, ଭୂତାଣୁ ଆଦିକୁ ନଷ୍ଟ କରିଦିଅନ୍ତି । ବେଳେ ବେଳେ ଏହି ଆଣ୍ଟିବଡ଼ି ଆପେ ଆପେ ତିଆରି ହୋଇ ଆମ ଶରୀରର କିଛି ଅଂଶକୁ ନଷ୍ଟ କରିଦିଏ । ସେଇ ସବୁ ଅଂଗମଧ୍ୟରେ ଥାଇରଏଡ୍, ପାନ୍‌କ୍ରିଆଜ୍ (ଅଗ୍ନାଶୟ), ଗଣ୍ଠି, କେଶମୂଳ ଆଦି ଅନ୍ତର୍ଭୁକ୍ତ । ଏହାଦ୍ୱାରା ଥାଇରଏଡ଼ ସମସ୍ୟା, ମଧୁମେହ, ଗଣ୍ଠିବଥା, ବାଳ ଝଡ଼ିବା ଆଦି ସମସ୍ୟା ଦେଖାଦେଇଥାଏ ।

ଶିଶୁମାନଙ୍କ ପକ୍ଷରେ କେତେକଙ୍କ ଥାଇରଏଡ଼ ଗ୍ରନ୍ଥିର ଅନୁପସ୍ଥିତି ବା ସଠିକ ଭାବରେ କାମ ନ କରିବା ସ୍ଥିତିରେ ଆଜନ୍ମ ଥାଇରଏଡ଼ ଅଭାବ / କନ୍‌ଜେନାଇଟାଲ୍ ହାଇପୋଥାଇରଏଡ଼ିଜମ୍ (Congenital Hypothyroidism) ସମସ୍ୟା ଦେଖାଦେଇଥାଏ । ଥାଇରଏଡ଼ ହର୍ମୋନ ବାଲ୍ୟାବସ୍ଥାରେ ଶାରୀରିକ, ମାନସିକ ଓ ଯୌନାଙ୍ଗ ଅଭିବୃଦ୍ଧିର ସହାୟକ ହୋଇଥାଏ । ଏହି ସମସ୍ୟା ଦେଖାଦେଲେ, ତୁରନ୍ତ ଏହାର ଚିକିତ୍ସା ଆବଶ୍ୟକ । କେତେକ ବ୍ୟକ୍ତିଙ୍କ ଥାଇରଏଡ଼ ଗ୍ରନ୍ଥି ଫୁଲିଥାଏ (ଗଳଗଣ୍ଡ ରୋଗ / Goiter) କିମ୍ବା କ୍ୟାନସର୍ ରୋଗ ହେବାର ଦେଖାଯାଇଥାଏ । ଭାରତରେ ୧୫-୨୦ ପ୍ରତିଶତ ଜନସାଧାରଣ ଥାଇରଏଡ଼ ସମସ୍ୟା ଦ୍ୱାରା ଆକ୍ରାନ୍ତ । ସାଧାରଣତଃ ସ୍ତ୍ରୀମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଆହୁରି ଅଧିକ । ବେଳେ ବେଳେ ଏହି ରୋଗ ପ୍ରଥମ କରି ଗର୍ଭବତୀ ମହିଳାଙ୍କ ଦେହରେ ଦେଖାଯାଏ, ଛୁଆ ଜନ୍ମ ହେବାପରେ ମଧ୍ୟ ମହିଳାମାନଙ୍କରେ ଥାଇରଏଡ଼ ସମସ୍ୟାରେ ଆକ୍ରାନ୍ତ ହେବାର ଦେଖାଯାଏ ।

ଥାଇରଏଡ଼ ହର୍ମୋନର ଉପକାରିତା :

୧. ଏହା ଶରୀରର ପ୍ରତ୍ୟେକ ଅଙ୍ଗକୁ ସକ୍ରିୟ ରଖିବାରେ ସହାୟକ ହୋଇଥାଏ ।

୨. ଶରୀରର ପ୍ରତ୍ୟେକ ଅଙ୍ଗକୁ ଶକ୍ତି ପ୍ରଦାନ କରିଥାଏ ।

୩. କେନ୍ଦ୍ରୀୟ ସ୍ନାୟୁ ପ୍ରକ୍ରିୟା (Central Nervous System) କୁ ସକ୍ରିୟ ରଖେ ।

୪. ଶିଶୁମାନଙ୍କ ମସ୍ତିଷ୍କ ଓ ଅଙ୍ଗପ୍ରତ୍ୟଙ୍ଗ ଅଭିବୃଦ୍ଧିରେ ସାହାଯ୍ୟ କରେ ।

୫. ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଏବଂ ହୃଦୟ, ରକ୍ତ ଶିରପ୍ରଶିରା, ହାଡ଼, ରକ୍ତ ଉତ୍ପାଦନକାରୀ ଅସ୍ଥିମଜ୍ଜା (Bone marrow), ଗର୍ଭଧାରଣ ପ୍ରକ୍ରିୟା, ଉଦର ଓ ଅନ୍ତନଳୀ ପ୍ରକ୍ରିୟାକୁ ପ୍ରେରିତ କରିଥାଏ ।

ହାଇପୋଥାଇରଏଡ଼ିଜ୍‌ମର ଲକ୍ଷଣ କଣ ?

୧. ଆଳସ୍ୟ, ଶକ୍ତିହୀନତା ଓ ନିର୍ବୋଧତା ।

୨. ହାତ, ଗୋଡ଼ ଓ ମୁଖଭାଗ ଫୁଲିବା ।

୩. ଅତ୍ୟଧିକ ନିଦ ଲାଗିବା, କ୍ଳାନ୍ତ ଅନୁଭବ କରିବା ।

୪. କମ୍ ଖାଇଲେ ବି ଓଜନ ବୃଦ୍ଧି ହେବା ।

୫. କୋଷ୍ଠକାଠିନ୍ୟ ହେବା ।

୬. ଚର୍ମ ଶୁଖିବା, ଝାଳ କମ୍ ହେବା, ବାଳ ଛଡ଼ିବା ।

୭. ଥଣ୍ଡା ସହ୍ୟ ନ କରିବା ।

୮. ସ୍ମରଣ ଶକ୍ତି କ୍ଷୀଣ ହେବା, ସ୍ଫୁର୍ତ୍ତିହୀନତା ।

୯. ନିରଶକ୍ତି ଅନୁଭବ କରିବା ।

୧୦. ଶରୀର ପୀଡ଼ା ଓ କର୍କଷ ସ୍ୱର ।

କ. ବୟସ୍କମାନେ : ସ୍ମରଣ ଶକ୍ତି ହରାଇବା, ଚିନ୍ତନ ଶକ୍ତିର ଅଭାବ, ଏସବୁ ସୀମାଠାରୁ ଅଧିକ ହେଲେ କୋମାସ୍ତରରେ ମଣିଷ ଉପସ୍ଥିତ ହୋଇଥାଏ ।

ଖ. ୫ ବର୍ଷରୁ କମ ଶିଶୁମାନଙ୍କ ପକ୍ଷେ : ଅଳସୁଆ, ମାନ୍ଦାଳିଆ, ବିକୃତରୂପ, ମାନସିକ ଓ ଶାରୀରିକ ଅଭିବୃଦ୍ଧିର ଅବକ୍ଷୟ, କୋଷ୍ଠକାଠିନ୍ୟ, କର୍କଷ ସ୍ୱର, କେଶକ୍ଷୟ, ଶୁଷ୍କଚର୍ମ, ଜୀଭ ଓ ନାଭିର ଅଭିବୃଦ୍ଧି ।

ଗ. ବଡ଼ ପିଲାମାନଙ୍କ ପକ୍ଷେ : ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅଭିବୃଦ୍ଧି ନହେବା, ସ୍କୁଲ ପଢ଼ାରେ ନିଷ୍କ୍ରିୟତା, ଝିଅମାନଙ୍କର ଯୌନବିକାଶରେ ବିଳମ୍ବ, ଋତୁସ୍ରାବରେ ବିଳମ୍ବ, କିମ୍ବା ଅତ୍ୟଧିକ ସ୍ରାବ ଦେଖାଦେବା ।

ଘ. ମହିଳାମାନଙ୍କ ପକ୍ଷେ : ଅତ୍ୟଧିକ ଋତୁସ୍ରାବ, ଅନିୟମିତ ଋତୁସ୍ରାବ, ଗର୍ଭଧାରଣ ଶକ୍ତିହୀନତା ।

ଚ. ଗର୍ଭବତୀ ମହିଳା : ଅତ୍ୟଧିକ ରକ୍ତଗ୍ରୁପ, ଜନ୍ମହେବା ଶିଶୁର ସ୍ୱାସ୍ଥ୍ୟର ଅବକ୍ଷୟ, ସମୟର ବହୁ

ପୂର୍ବରୁ ଶିଶୁ ପ୍ରସବ ହେବା, ସଦ୍ୟଜାତ ଶିଶୁର ଓଜନ କମ ହେବା, ଇତ୍ୟାଦ ।

ହାଇପର୍‌ଥାଇରଏଡ଼ିଜ୍‌ମର ଲକ୍ଷଣ :

୧. ଅଧିକ ଭୋକ ହେଉଥିବା ସତ୍ତ୍ୱେ ଓଜନ କ୍ଷୟ

୨. ହାତ ଥରବା

୩. ଗରମକୁ ସହ୍ୟ କରନପାରବା

୪. ଛାତ ଧଡ଼ ଧଡ଼୍ ହେବା

୫. ବେଶୀଥର ଝାଡ଼ା ଯିବା, ଚର୍ମ ଆଦ୍ର ହେବା, ନଦ୍ରା ନ ହେବା, ଆଖି ଲାଲ ହେବା, ଆଖିରୁ ଲୁହ ବାହାରବା, ବାରମ୍ବାର ଋତୁସ୍ରାବ, ଗର୍ଭଧାରଣ ଶକ୍ତିର ଅଭାବ

ଥାଇରଏଡ଼ ଅନୟମିତତାର ଚକତ୍ସା :

<କ.> ହାଇପୋଥାଇରଏଡ଼ିଜ୍‌ମ : ଏଥିପାଇଁ ଅସ୍ତ୍ରୋପଚାରର ଆବଶ୍ୟକତା ନଥାଏ । ମୁଁ ସବୁବେଳେ ମୋର ପୀଡ଼ିତ ରୋଗୀମାନଙ୍କୁ କହେ ଏହା ରୋଗ ନୁହେଁ । ଶରୀରରେ କଛି ଅଭାବ ଦେଖାଦେଲେ ହିଁ ଏହପର ସମସ୍ୟା ହୁଏ । ସେଥିପାଇଁ ଚକତ୍ସକ କଛି ବଟିକା ଦେଇ ଶରୀରରେ ଥିବା ଅଭାବକୁ ଦୂର କରବାକୁ ଚେଷ୍ଟା କରଥାନ୍ତ । ସେଥିପାଇଁ ଥାଇରଏଡ଼ ବଟିକାକୁ ଔଷଧ ନ କହ ଏକ ବକଳ୍ପ ବ୍ୟବସ୍ଥା ବୋଲ କୁହାଯାଇପାରେ ।

ଡାକ୍ତରଙ୍କ ପରାମର୍ଶରେ ପ୍ରତଦନ ଖାଲପେଟରେ ଗୋଟିଏ ବଟିକା ଜଳଖିଆ ବା ଚା / କଫି ପିଇବାର ଏକ ଘଣ୍ଟା ପୂର୍ବରୁ ସେବନ କରବା ଉଚତ । ପ୍ରାଥମିକ ସ୍ତରରେ ପ୍ରତ ୨-୩ ମାସକୁ ଥରେ ଡାକ୍ତରଙ୍କ ପରାମର୍ଶ ନେବା ଉଚତ । ଥାଇରଏଡ଼ ସ୍ତରରେ ଉନ୍ନତ ଘଟି ସମସ୍ୟା ସମାଧାନ ହୋଇଗଲେ ପ୍ରତ ୬-୯ ମାସରେ ଥରେ ଡାକ୍ତରଙ୍କ ପରାମର୍ଶ ନେବା ଉଚତ । ଏହ ଚକତ୍ସାର ମୁଖ୍ୟ ଲକ୍ଷ୍ୟ ହେଲ TSH ସ୍ତରକୁ ସଠିକ ପରମାଣ (0.5-5.0 miu/ml)ରେ ରଖିବା ।

<ଖ.> ହାଇପର୍‌ଥାଇରଏଡ଼ିଜ୍‌ମ : ଅଧିକାଂଶ ରୋଗୀଙ୍କ ଚକତ୍ସା ଔଷଧସେବନ ମାଧମରେ ହୋଇଥାଏ । ଏଥିରେ ଡାକ୍ତରଙ୍କ ପରାମର୍ଶ କ୍ରମେ ପ୍ରତ୍ୟେକ ଦୁଇମାସରେ ଥରେ କରବା ଆବଶ୍ୟକ । ଔଷଧଦ୍ୱାରା ନୟନ୍ତ୍ରଣ ନ ହେଲେ କେତେକ ରୋଗୀଙ୍କୁ ରେଡ଼ିଓ ଆୟୋଡ଼ିନ୍ ଥେରାପି କମ୍ବା

ଅସ୍ତ୍ରୋପଗ୍ଚରର ଆବଶ୍ୟକତା ପଡ଼େ । ଏହ ଚକତ୍ସା ଦ୍ୱାର T4 ହର୍ମୋନ ସ୍ତରକୁ ସଠିକ ପରମାଣ(4.5-13 mg/dl)ରେ ରଖିବାକୁ ଚେଷ୍ଟା କରାଯାଏ ।

ଥାଇରଏଡ଼ ଅବୃଦର ନରୀକ୍ଷଣ ପାଇଁ ରକ୍ତ ପରୀକ୍ଷା, ଅଲ୍ଟ୍ରାସାଉଣ୍ଡ, ଛୁଞ୍ଚି ପରକ୍ଷା ()ର ଫଳାଫଳକୁ ନେଇ ଡାକ୍ତର ଔଷଧ କମ୍ବା ଅସ୍ତ୍ରୋପଗ୍ଚର ମାଧମରେ ଏହାର ଚକତ୍ସା କରଥାନ୍ତ । ଥାଇରଏଡ଼ କର୍କଟ ରେଗ ଅନ୍ୟ କର୍କଟ ରେଗ ଭଳ ଜୀବନପ୍ରତ ବପଦଦାୟକ ନୁହେଁ । ଅସ୍ତ୍ରୋପଗ୍ଚର ପରେ ଔଷଧସେବନ, ସୁନୟନ୍ତ୍ରତ ଚକତ୍ସା, ସମୟାନୁସାରେ ରକ୍ତ ପରୀକ୍ଷା, ଥାଇରଏଡ଼ ସ୍କାନଂ ଆଦ କରବା ଦ୍ୱାର ଏହ ରେଗକୁ ସମ୍ପୂର୍ଣ୍ଣଭବେ ନୟନ୍ତ୍ରଣାଧୀନ ରଖିହେବ ।

ଥାଇରଏଡ଼ ବଶୃଙ୍ଖଳା ଗର୍ଭବତୀ ମହଳାଙ୍କ ପକ୍ଷେ : ଗର୍ଭବତୀ ମହଳାଙ୍କ ପକ୍ଷେ ଏହ ରେଗ ଅଧିକ ମାତ୍ରାରେ ଦେଖାଯାଏ । ୨୦-୨୨ ପ୍ରତଶତ ଗର୍ଭବତୀ ମହଳା ଏହ ରେଗଦ୍ୱାର ଆକ୍ରାନ୍ତ ହୁଅନ୍ତ । ମହଳାମାନଙ୍କ ହର୍ମୋନ ଇଷ୍ଟ୍ରୋଜେନ୍ ଯୋଗୁଁ କ୍ଷରତ ହେଉଥିବା ଥାଇରଏଡ଼ ବାଇଣ୍ଡିଂ ଗ୍ଲୋବୁଲନ୍, T3 ଏବଂ T4 ସହ ସଂଯୋଜତ ହୋଇଥାନ୍ତ । ଗର୍ଭବତୀ ମହଳାଙ୍କ ହର୍ମୋନ ସ୍ତର ସାଧାରଣ ମହଳାଙ୍କ ଠାରୁ ଦେଢ଼ଗୁଣ ଅଧିକ । ଗର୍ଭବତୀ ମହଳାଙ୍କ ଠାରେ ବେଳେ ବେଳେ ପ୍ରଥମଥର ଥାଇରଏଡ଼ ବଶୃଙ୍ଖଳା ଦେଖା ଦେଇଥାଏ । ଶିଶୁ ଜନ୍ମହେବାର ୩-୬ ମାସ ପରେ ଥାଇରଏଡ଼ ସମସ୍ୟ କଛ ମହଳାଙ୍କ କ୍ଷେତ୍ରରେ ଦେଖାଦେଇଥାଏ । ପରବାରର ସଦସ୍ୟ ମାନଙ୍କର ଯଦ ଏହ ସମସ୍ୟା ଥାଏ, ଗର୍ଭବତୀ ସ୍ତ୍ରୀଙ୍କର ହାଇପୋଥାଇରଏଡ଼ିଜ୍ମ ଦେଖାଯିବା ସମ୍ଭାବନା ବଢ଼ିଯାଇଥାଏ ।

<କ.> ଗର୍ଭବତୀ ମହଳାଙ୍କ ପକ୍ଷରେ ହାଇପୋଥାଇରଏଡ଼ିଜ୍ମ :

ଯଦ ଏହା ଠିକ୍ ଭବରେ ନୟନ୍ତ୍ରଣାଧୀନ ହୋଇନଥାଏ, ଗର୍ଭଧାରଣ ହେବାର ସୁଯୋଗ କମ ହୋଇପାରେ । ଏପରକ ଗର୍ଭଧାରଣ ପରେ ମଧ ଶାରୀରକ ଓ ମାନସିକ ସ୍ଥିତର ଦୁର୍ବଳତା ଦେଖାଦଏ । ପ୍ରଥମ ୩ ମାସ ଶିଶୁ ଗର୍ଭାଶୟ ମଧ୍ୟରେ ମା'ର ଥାଇରଏଡ଼ ହର୍ମୋନ ଦ୍ୱାର ଶକ୍ତିପାଇଥାଏ, କାରଣ ଶିଶୁ ଦେହରେ ସେଇ ସମୟରେ ଥାଇରଏଡ଼ ଗ୍ରନ୍ଥି ସୃଷ୍ଟି ହୋଇନଥାଏ । ଅତଏବ ହାଇପୋଥାଇରଏଡ଼ିଜ୍ମ ସମସ୍ୟା ଜାଣିବା କ୍ଷଣି ଥାଇରଏଡ଼ ବଟିକା ଖାଇବା ଏକାନ୍ତ ଆବଶ୍ୟକ । ଡାକ୍ତରୀ ପରାମର୍ଶପରେ ବଟିକାର ମାତ୍ରା ଓ ପରମାଣ ବୃଦ୍ଧି କରବା ଉଚତ । ଶିଶୁର ଥାଇରଏଡ଼ ଗ୍ରନ୍ଥି ୩ ମାସ ପରେ ବକଶିତ ହେଉଥିଲେ ହେଁ, ମା ଥାଇରଏଡ଼ ବଟିକା ସେବନ କରବା ଉଚତ ।

ପ୍ରଥମ ୫ ମାସ ରୋଗୀ ୪ ସପ୍ତାହକୁ ଥରେ ଏବଂ ପରବର୍ତ୍ତୀ ସମୟରେ ୬-୮ ସପ୍ତାହ ମଧ୍ୟରେ ଥରେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଥାଇରଏଡ଼ ହର୍ମୋନର ଆବଶ୍ୟକତା ଗର୍ଭାଶୟରେ ବଢୁଥିବା ଶିଶୁପାଇଁ ଅତ୍ୟନ୍ତ ଜରୁରୀ ।

ହାଇପୋଥାଇରଏଡ଼ିଜ୍‌ମ ଯଦି ନିୟନ୍ତ୍ରଣରେ ନଥାଏ, ବଡ଼ ଆକାରର ଶିଶୁ ଜନ୍ମହେବା, ଠିକ୍ ସମୟ ବହୁ ପୂର୍ବରୁ ଶିଶୁ ଜନ୍ମହେବା, କମ୍ ଓଜନ ଥିବା କିମ୍ବା ମୃତଶିଶୁ ଜନ୍ମହେବା ପରି ସମସ୍ୟା ଦେଖାଦେଇପାରେ । କେତେକ ମହିଳା ଉଚ୍ଚ ରକ୍ତଚାପର ଶୀକାର ହୋଇଥାନ୍ତି । ମୂର୍ଚ୍ଛା, ଅପସ୍ମାର ବା ବୃକକ୍ ସମସ୍ୟା ଓ ଗର୍ଭାଶୟରେ ଅତ୍ୟଧିକ ଆମ୍‌ନିଓଟିକ୍ ସ୍ରାବ କ୍ଷରଣ ହେବା ଦେଖାଯାଇଥାଏ ।

ସାଧାରଣ ମହିଳା ଓ ଗର୍ଭବତୀ ମହିଳାଙ୍କ ମଧ୍ୟରେ ଏହାର ଚିକିତ୍ସା ଭିନ୍ନ ହୋଇଥାଏ, TSHର ଲକ୍ଷ୍ୟ ନିମ୍ନରେ ଦିଆଯାଇଛି ।

ପ୍ରଥମ ତ୍ରୟମାସିକ - ୦.୧ - ୨.୫ miu/ml

ଦ୍ୱିତୀୟ ତ୍ରୟମାସିକ - ୦.୨ - ୩.୦ miu/ml

ତୃତୀୟ ତ୍ରୟମାସିକ - ୦.୩ - ୩.୦ miu/ml

<ଖ.> ହାଇପର୍‌ଥାଇରଏଡ଼ିଜ୍‌ମ ଗର୍ଭବତୀଙ୍କ ଲକ୍ଷଣ : ଏହା ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ବହୁତ କମ ଦେଖା ଦେଇଥାଏ । ହାଇପର୍‌ଥାଇରଏଡ଼ିଜ୍‌ମ ନିୟନ୍ତ୍ରଣାଧୀନ ନ ହେଲେ ଶିଶୁ ଗଳଗଣ୍ଡ ରୋଗ, ଅତ୍ୟଧିକ ଅସ୍ଥିବୃଦ୍ଧି ଏବଂ ଶାରୀରିକ ଅଭିବୃଦ୍ଧି ସମସ୍ୟା ଦେଖାଦିଏ । ଫଳସ୍ୱରୂପ ହୃଦୟ ଉପରେ ଚାପ ସୃଷ୍ଟି ହୋଇ ହୃଦୟ ସ୍ପନ୍ଦନ ବୃଦ୍ଧି ହୋଇଥାଏ । ହୃଦଯନ୍ତ୍ର କ୍ରିୟା ବନ୍ଦ ହେବାର କାରଣ ବି ହୋଇପାରେ । ନବଜାତ ଶିଶୁମାନେ ବି ଏଥିରେ ଆକ୍ରାନ୍ତ ହୋଇପାରନ୍ତି । ଏହି ରୋଗର ସମସ୍ୟା ଥିବା ମହିଳା ଗର୍ଭବତୀ ହୋଇଥିଲେ, ଡାକ୍ତରଙ୍କ ପରାମର୍ଶ ତତ୍‌କାଳୀନ ନେଇ ଔଷଧର ମାତ୍ରା ପରିବର୍ତ୍ତନ କରିବା ପ୍ରଥମ ତିନିମାସ ମଧ୍ୟରେ ବିଶେଷତଃ ଆବଶ୍ୟକ । ରେଡ଼ିଓ ଆୟୋଡ଼ିନ୍ ଥେରାପି ଗର୍ଭବତୀ ମହିଳାଙ୍କ ପାଇଁ ନିରାପଦ ନୁହେଁ । ଅସ୍ତ୍ରୋପଚାର ଆବଶ୍ୟକସ୍ଥଳେ ଗର୍ଭଧାରଣର ତିନିମାସ ପରେ କରାଯାଇଥାଏ ।

ପ୍ରଥମ ତ୍ରୟ ମାସିକରେ ଅତ୍ୟଧିକ ବାନ୍ତିରେ ଆକ୍ରାନ୍ତ ମହିଳା, ପ୍ଲାସେଣ୍ଟାର କଛଟା ଟ୍ୟୁମର ମିଳିଲେ ମଧ୍ୟ, ଏଭଳି ଲକ୍ଷଣ ଦେଖାଦେଇଥାଏ । ତେଣୁ ଚିକିତ୍ସା, ଡାକ୍ତରୀ ପରାମର୍ଶ ଅନୁସାରେ ନେବା ଉଚିତ ।

ହାଇପୋଥାଇରଏଡ଼ିଜ୍‌ମ : ମନଗଢ଼ାକଥା ଓ ସତ୍ୟତା

୧. T3, T4 ଏବଂ TSH ସବୁ ଥାଇରଏଡ଼ ହର୍ମୋନ୍ !

ଉତ୍ତର : T3 ଏବଂ T4 ଥାଇରଏଡ଼ ଗ୍ରନ୍ଥିରୁ କ୍ଷରଣ ହୁଏ, କିନ୍ତୁ TSH ପିଟ୍ୟୁଟାରୀ ଗ୍ରନ୍ଥିରୁ ହୋଇଥାଏ । TSH ପ୍ରଭାବରେ ହିଁ T3 ଏବଂ T4 କ୍ଷରଣ ହୁଏ । ତେଣୁ TSH ଥାଇରଏଡ଼ ରୋଗ ନିର୍ଣ୍ଣୟ କରିବାରେ ସହାୟକ ହୋଇଥାଏ । ଏହା T3 ଏବଂ T4 ଠାରୁ ଅଧିକ ବ୍ୟବହାର ଯୋଗ୍ୟ ।

୨. ସମସ୍ତ ହାଇପୋଥାଇରଡ଼ିଜ୍‌ମ ରୋଗୀଙ୍କ ଠାରେ ଲକ୍ଷଣ ଦେଖାଯାଏ ନାହିଁ !

ଉତ୍ତର : ମୁହଁ ଫୁଲିବା, ଦେହ ଫୁଲିବା, ଆଳସ୍ୟ ଲାଗିବା, ନିର୍ବୋଧତା, ଦୁର୍ବଳ ଲାଗିବା, ମାଂସପେଶୀରେ ଯନ୍ତ୍ରଣା, ଚର୍ମ ଶୁଖିଯିବା, କେଶ ଝଡ଼ିବା, ଓଜନ ବଢ଼ିବା, ଋତୁସ୍ରାବରେ ଅନିୟମିତତା ଦେଖାଦେବା ଆଦି ଲକ୍ଷଣ ହାଇପୋଥାଇରଏଡ଼ିଜ୍‌ମ ରୋଗରେ ଦେଖାଯାଇଥାଏ । (ଯେତେବେଳେ TSH ସ୍ତର ୧୫ miu/ mlରୁ ଅଧିକ ଥାଏ ।)

୩. ହାଇପୋଥାଇରଏଡ଼ିଜ୍‌ମ ଯୋଗୁଁ ଲଗାତାର ଓଜନ ବୃଦ୍ଧି ହୁଏ ।

ଉତ୍ତର : ମଧ୍ୟମ ଠାରୁ ଅଧିକ ହାଇପୋଥାଇରଏଡ଼ିଜ୍‌ମ (TSH ହର୍ମୋନ୍ ସ୍ତର ୨୫mu/l ରୁ ଅଧିକ) ରେ ଓଜନ ୨-୪ କିଗ୍ରା ହିଁ ବଢ଼ିଥାଏ । ଏହି ସମୟରେ ଥାଇରକ୍ସିନ ବଟିକା ବ୍ୟବହାର ଦ୍ୱାରା TSH ସ୍ତର ସ୍ୱାଭାବିକ ସ୍ତରକୁ ଆସିବାପରେ ହାଇପୋଥାଇରଏଡ଼ିଜ୍‌ମରେ ଆଉ ଓଜନ ବଢ଼ିନଥାଏ ।

୪. ହାଇପୋଥାଇରଏଡ଼ିଜ୍‌ମ ଆକ୍ରାନ୍ତ ଗର୍ଭବତୀ ହାଇପୋଥାଇରଏଡ଼ିଜ୍‌ମ ଶିଶୁକୁ ଜନ୍ମ ଦିଅନ୍ତି ।

ଉତ୍ତର : ସାଧାରଣତଃ ଏପରି ହୋଇନଥାଏ । ଗୁଣସୂତ୍ର (Chromosome)ରେ ଜିନ ତୃଟି ହେତୁ ଏହିପରି ସମସ୍ୟା ଦେଖାଯାଇପାରେ ।

୫. ଯଦି ଥରେ ତୁମେ ଥାଇରଏଡ଼ ଦ୍ୱାରା ଆକ୍ରାନ୍ତ ହୁଅ, ଜୀବନସାରା ଏହି ରୋଗ ରହେ ।

ଉତ୍ତର : ଏହା ସତ୍ୟ, କିନ୍ତୁ ସବୁବେଳେ ନୁହେଁ । ଅଳ୍ପମାତ୍ରାରେ ଥିବା ହାଇପୋଥାଇରଏଡ଼ିଜ୍‌ମ, କ୍ଲିଷ୍ଟ ଅସୁସ୍ଥତା ଏବଂ ଔଷଧ ଯୋଗୁଁ ଆସିଥିବା ହାଇପୋଥାଇରଏଡ଼ିଜ୍‌ମରେ ସମସ୍ୟାରୁ ସମ୍ପୂର୍ଣ୍ଣ ନିରୋଗ ହେବା ସମ୍ଭାବନା ଥାଏ । ଡାକ୍ତରୀ ପରାମର୍ଶ ଓ ନିୟମିତ ଔଷଧ ସେବନ ଦ୍ୱାରା ଏହା ସମ୍ଭବ ।

୬. ଥାଇରକ୍ସିନ୍ ଔଷଧ ଦିନର ଯେ କୌଣସି ସମୟରେ ସେବନ କରିହେବ ।

ଉତ୍ତର : ଥାଇରକ୍ସିନ ଔଷଧ କେବଳ ପ୍ରାତଃକାଳରେ ଖାଲିପେଟରେ କିମ୍ବା ଜଳଖିଆ / ଚା / କଫି

ପିଇବାର ଅନ୍ତତଃ ଏକ ଘଣ୍ଟା ପୂର୍ବରୁ ସେବନ କରିବା ବିଧେୟ । କେତେକ ବିଶେଷଜ୍ଞଙ୍କ ମତରେ ଏହା ରାତ୍ରି ଭୋଜନର ଦୁଇଘଣ୍ଟାପରେ ସେବନ କଲେ ଉତ୍ତମ ପ୍ରଭାବ ଦେଇଥାଏ ।

୭. ଥାଇରକ୍ସିନର ଦୁଷ୍ପ୍ରଭାବ ବହୁତ ଅଧିକ ।

ଉତ୍ତର : ଠିକ୍ ମାତ୍ରାରେ ଏବଂ ଡାକ୍ତରୀ ପରାମର୍ଶରେ ବ୍ୟବହାର କଲେ ଏହା ସମ୍ପୂର୍ଣ୍ଣଭାବେ ନିରାପଦ ଏବଂ ପ୍ରତିକ୍ରିୟାହୀନ ହୋଇଥାଏ । ବିନା ପରାମର୍ଶରେ କିମ୍ବା ଅତ୍ୟଧିକ ମାତ୍ରାରେ ବ୍ୟବହାର କଲେ, ହୃଦସ୍ପନ୍ଦନ ବୃଦ୍ଧି, ଦେହରୁ ଅତ୍ୟଧିକ ଝାଳ ବହିବା, ଓଜନ କ୍ଷୟ ହେବା, ଚୁଟି ଝଡ଼ିବା, ଚିଡ଼ିଚିଡ଼ା ସ୍ୱଭାବ ଦେଖାଯାଏ । ଶିଶୁମାନଙ୍କ କ୍ଷେତ୍ରରେ ଏହା ମସ୍ତିଷ୍କରେ ଚାପ ସୃଷ୍ଟି କରିଥାଏ ।

୮. ଥାଇରଏଡ଼ ଔଷଧ ସେବନ ଗର୍ଭବତୀଙ୍କ ପାଇଁ ହାନୀକାରକ ।

ଉତ୍ତର : ଆଦୌ ନୁହେଁ । ଏହା ସମ୍ପୂର୍ଣ୍ଣଭାବେ ନିରାପଦ । ଏହା ଗର୍ଭବତୀ ମହିଳା ଏବଂ ଶିଶୁର କୌଣସି କ୍ଷତି ଘଟାଇ ନଥାଏ । ହାଇପୋଥାଇରଏଡ଼ିଜ୍ମ ସମସ୍ୟା ଥିବା ଗର୍ଭବତୀ ମହିଳା ଔଷଧ ସେବନ କରିବା ଦ୍ୱାରା ଉଭୟ ମା ଓ ଶିଶୁର ସ୍ୱାସ୍ଥ୍ୟ ଉତ୍ତମ ରହେ । ଗର୍ଭ ସମସ୍ୟା, ଗର୍ଭପାତ ହେବାର ସମ୍ଭାବନା ମଧ୍ୟ କମ ହୋଇଥାଏ । ଏହାଦ୍ୱାରା ଗର୍ଭସ୍ଥ ଶିଶୁର ମସ୍ତିଷ୍କର ଅଭିବୃଦ୍ଧି ହୋଇଥାଏ ।

୯. ଥାଇରଏଡ଼ ଅସ୍ତ୍ରୋପଚାର ଦ୍ୱାରା ହାଇପୋଥାଇରଏଡ଼ିଜ୍ମ ସମସ୍ୟା ଦୂର ହୋଇଥାଏ ।

ଉତ୍ତର : ହାଇପୋଥାଇରଏଡ଼ିଜ୍ମ ନିମନ୍ତେ ଅସ୍ତ୍ରୋପଚାରର ଆବଶ୍ୟକତା ନଥାଏ ।

୧୦. ଶିଶୁମାନଙ୍କର ହାଇପୋଥାଇରଏଡ଼ିଜ୍ମ ହେତୁ ସେମାନେ ବୟସ୍କ ହେବାବେଳକୁ କଷ୍ଟ ଭୋଗନ୍ତି ।

ଉତ୍ତର : ଥାଇରକ୍ସିନ ଔଷଧର ସଠିକ ବ୍ୟବହାର ଦ୍ୱାରା ଶିଶୁମାନଙ୍କର ସଠିକ ଅଭିବୃଦ୍ଧି ହୋଇଥାଏ, ଏବଂ ସେମାନେ ବୟସ୍କ ମାନଙ୍କ ପରି ସ୍ୱଚ୍ଛନ୍ଦରେ ଜୀବନଯାପନ କରିପାରନ୍ତି ।

୧୧. ଥାଇରଏଡ଼ ହେବାପାଇଁ ବନ୍ଧାକୋବି ଓ ଫୁଲକୋବି ଆଦି ପରିବା ଦାୟୀ ।

ଉତ୍ତର : ଆୟୋଡ଼ିନ ଅଭାବ ଜନିତ ପରିସ୍ଥିତିରେ ଏହି ପରିବା ହର୍ମୋନ୍ ସୃଷ୍ଟିରେ ବାଧା ଘଟାଇଥାଏ । କିନ୍ତୁ ବର୍ତ୍ତମାନ ଆୟୋଡିନ୍ ଯୁକ୍ତ ଲବଣ ବହୁଳ ବ୍ୟବହାର ହେତୁ ଏହି ସବୁ ପନିପରିବା ବ୍ୟବହାର ଉପରେ କୌଣସି ବାଧା / ନିଷେଧ କରାଯାଏ ନାହିଁ ।

ଅନ୍ତଃସ୍ରାବୀ ଗ୍ରନ୍ଥି ଏବଂ ମଧୁମେହ ବିଶେଷଜ୍ଞ, ଥାଇରଏଡ଼ ବିଶେଷଜ୍ଞ
ଡାଇବେଟିସ୍ ଏଣ୍ଡ ଏଣ୍ଡୋକେର୍ କ୍ଲିନିକ୍, ବ୍ରହ୍ମପୁର
ଇମେଲ୍ : diab.endocare@gmail.com ମୋବାଇଲ୍ : 07749804401 / 09040475800

# ଦି ଟୋପା ଲୁହ

ସ୍ୱରୂପ କୁମାର ମଲ୍ଲ



ମା, ସେ ପରି ଜନନୀ । ସେ ତ ଜନ୍ମ ନେଇଛି କେବଳ ସନ୍ତାନଙ୍କର ଲାଳନପାଳନ କରିବାପାଇଁ । ତା'ର କଣ ନିଜର କିଛି ମନଟେ ନାହିଁ । ଦଶ ମାସ ନିଜ ଗର୍ଭରେ ଧାରଣ କରି ସେ ନିଜର ଅଲିଅଳି ସନ୍ତାନଟିକୁ ଜନ୍ମ ଦେଇଥିଲା, ତାକୁ ଆଜିର ପଥଭ୍ରଷ୍ଟ ସନ୍ତାନଟି ଭୁଲି ଯାଉଛି । ଏହାଠାରୁ ବଳି ଲଜ୍ଜାର କଥା କିଛି ନାହିଁ ? ନିଜର ସମସ୍ତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜକୁ ସଳିତାପରି ଜାଳି ଦେଉଛି, ତାକୁ ଆମେ ଭୁଲି ପାରିବା କେମିତି ? ?

ନିଜର ଦେବତୁଲ୍ୟ ବାପମାଆଙ୍କୁ କଷ୍ଟ ଦେଇ ଯେଉଁ ସୁଖ ଏଇ ଅଯୋଗ୍ୟ ପୁଅମାନେ ଅର୍ଜନ କରୁଛନ୍ତି, ସେମାନଙ୍କୁ ପଶୁ କହିବା ହିଁ ସାର । ଯେତେବେଳେ ନିଜ ମସ୍ତିଷ୍କକୁ ହାତ ପାଇଯାଉଛି, ସେତେବେଳେ ଏଇ ମା ବାପାଟି ସେମାନଙ୍କ ପାଇଁ ଅଲୋଡ଼ା ପାଲଟି ଯାଉଛନ୍ତି । ନିଜର ଅର୍ଦ୍ଧାଙ୍ଗିନୀର ବୋଲକରା (ହିନ୍ଦୀରେ ଗୋଟିଏ କଥା ଅଛି, 'ଜୋରୁ କା ଗୁଲାମ') ପାଲଟି ଯାଉଛନ୍ତି । ଧିକ୍, ତମ ଜୀବନ ହାୟରେ ! ! ଠିକ ଅଛି, ତମେ ଯଦି ଭାବୁଛ, ମା କଥା ମାନିବ ଯଦି, ତ ହେଲେ ନିଜର ଜୀବନସାଥୀ ସହ ଲୋକେ କହିବେ 'ଆରେ ! ସେ ତ ମା ବୁଢ଼ିଆ !' ଲୋକଙ୍କ କଥା ଭାବି 'ସ୍ତ୍ରୀ ବୁଢ଼ିଆ' ହେଲେ ଘର ଭାଙ୍ଗିବ ସିନା କେବେ ସୁନାର ଘର ଗଢ଼ି ହେବନି ! ଲୋକକଥା ପରିବାୟ କରିବାର କିଛି କାରଣ ହିଁ ନାହିଁ, ତମେ ଭଲ କର କି ଖରାପ କାମ, ଲୋକ କାମ ହିଁ କେବଳ କହିବା ।

ଏକଦା ଲେଖକ ଏକ ଘରୋଇ ଟିଭିରେ ପ୍ରସାରିତ କାର୍ଯ୍ୟକ୍ରମ 'ନ୍ୟୁଜ ଫ୍ୟୁଜ' ଦେଖୁଥିବା ବେଳେ ଏକ ଦୃଶ୍ୟଟି ମନକୁ ବ୍ୟଥିତ କଲା ! ଏକ ଜୀବନର ଶେଷ ଉପାନ୍ତରେ ଥିବା ବ୍ୟାଧିଗ୍ରସ୍ତ ଲୋକଟିକୁ କେମିତି ତାଙ୍କ ସମ୍ପର୍କୀୟ ବସିରହଣୀ ସ୍ଥଳରେ ଅସହାୟ ଅବସ୍ଥାରେ ଛାଡି ଚାଲିଯାଇଥିଲେ ! ! ଯାହାଙ୍କ

ପାଇଁ ଆଜ ସେ ସର୍ବସ୍ୱ ତ୍ୟାଗ କରିଦେଇଥିଲେ, ସେଇମାନେ ହିଁ ତାଙ୍କୁ ସର୍ବହରା କରିଦେଲେ !

ଧିକ୍ !! ତମ ଜୀବନ !!! ଆରେ ତମ ପାଖରେ ଲାଗୁଛି ମଣିଷପଣିଆର ଗନ୍ଧ ଟିକେ ବି ନାହିଁ !!!

ନିଜର ଜନନୀକୁ ନେଇ କେମିତି ସେମାନେ ବୃଦ୍ଧାଶ୍ରମରେ ଛାଡ଼ି ଆସୁଛନ୍ତି !! ଆପଣ ଯଦି କେବେ କାଶୀ / ବାରଣାସୀ ଯାଆନ୍ତି, ତା'ହେଲେ ଆପଣ ନିଶ୍ଚିତ ଭାବେ ରାସ୍ତାକଡ଼ରେ ଭିକ୍ଷାବୃତ୍ତି କରୁଥିବା (ଦୁନିଆ ଆଗରେ ଭଦ୍ରଲୋକ ଦେଖାଉଥିବା ପୁଅର) ଅଲୋଡା ମା'କୁ ଦେଖିପାରିବେ !! ପୁଅ ଆମେରିକା / ଦିଲ୍ଲୀ / ମୁମ୍ବାଇ / କୋଲକାତାରେ, ବାପ ମା ନିଜ ଗାଁ ମାଟିରେ । ଆରେ ଭାଇ, ସହରରେ ଯେଉଁ ଦାମ, ସେଇଥିରେ ବାବୁମାନେ ନିଜ ସ୍ତ୍ରୀ ପିଲାଛୁଆ ନେଇ ଚଳିବା ମୁସ୍କିଲ !! ସେଥିରେ ପୁଣି ବୋଝ ଉପରେ ନଳିତା ବିଡା !!

ମା', ସେ ତ ଜନ୍ମ ଦେଇଛି ନା... ସେ କାନ୍ଦି ବି ପାରିବନି, କାଳେ ତା ସନ୍ତାନର କିଛି ଅନିଷ୍ଟ ହେଇଯିବ !!ତା'ର ଶେଷ ସମ୍ବଳ ଟିକକ ବି ଛଡ଼ାଇ ରଖୁଛନ୍ତି । ହେ ପ୍ରଭୁ, ଚକାଆଖି !! କେମିତି ଦେଖିପାରୁଛ ଏଇ ସବୁ ?? ପାରୁଛ ତ ଯଦି କଳକୀ ବେଶେ ଆସି ଏଇ ବ୍ୟାଧିଗ୍ରସ୍ତ ସମାଜକୁ ଶେଷ କରିନିଅ ପ୍ରଭୁ !!

ମୋବାଇଲ୍ - mobile : 07795351110

ଇ-ମେଲ୍ - beingswarupmall@gmail.com

# ଜୀବନଜ୍ୟୋସ୍ନା

ପଦ୍ମନୀ ପ୍ରିୟଦର୍ଶନୀ ମିଶ୍ର



ସ୍ମୃତ ଏକ ଅପାଶୋର୍ ଜହ୍ନ
କେବେ ପୁଣି ଦଶେ ଫିକା ଫିକା
ମଳନ ମଳନ ।
କେତେବେଳେ ସେ ହଜଯାଏ
ଦୂର ଦଗବଳୟର ତଳେ
ମନରେ ଅଜଣା ଆତଙ୍କ ଖେଳାଇ
ପୁଣି କେବେ ତନୁମନକୁ ପୁଲକତ କର
ଅବାରତ ଜ୍ୟୋସ୍ନାଧାରକୁ ବଞ୍ଚିଦେଇ
ସଶରୀର ବଦ୍ୟମାନ ହୁଏ
ଆଖି, ସତେ ଯେମିତ ଜଣାଇ ଦଏ
ଆଜ ହିଁ... ଆଜ ହିଁ ପୂର୍ଣ୍ଣମୀର ଦନ ।

ସ୍ମୃତ ଏକ ଶୀତଦନଆ ସକାଳର
କଅଁଳଆ ସ୍ୱର୍ଣ୍ଣର ସୂରୁଜ
ମନେହୁଏ ପୁଣି ଏଇଠି ଅଟକ ଯାଆନ୍ତା କ ?
ଦେହମନକୁ ମଜବୁତ୍ କରଦଅନ୍ତା
ଗତର ଅଳସପଣକୁ କାଟିଦେଇ...
ସୃଷ୍ଟିର ପ୍ରତ୍ୟେକ ଜୀବଙ୍କଠୁଁ ବାହାବା ନେଇ
ସୁନେଲ ରଙ୍ଗପାଇଁ ହୁଅନ୍ତା ଫୁଲେଇ
ପୁଣି ଯେତେବେଳେ ଆସ୍ତେ ଆସ୍ତେ
ଉପରକୁ ଉଠେ...
ବଜାଇ ଦଏ ସେ... ସତର୍କ ସୂଚନାର ଘଣ୍ଟି

କୁହାଟ ମାରେ, ଶୁଣିଯାଅ... ଶୁଣିଯାଅ ଭଉଣୀଭାଇ
ବର୍ତ୍ତମାନକୁ ଆବୋରନିଅ
ଜୀବନରେ ବୁଣିଦିଅ
କର୍ତ୍ତବ୍ୟର ମୁରୁଜ.....

ଉଭୟ ଉଭୟଙ୍କର ହାତରେ ହାତ
ପାଦରେ ପାଦ ମିଶାଇ
ଗ୍ଲ,
ପହଞ୍ଚାଇ ଦିଅ ନୂତନ ଯୁଗରେ
ସୃଷ୍ଟିର ବାର୍ତ୍ତା...
ପ୍ରତିଟି ଅଜଣା ପାଖରେ
ଆମେ ସବୁ ତ ସମାନ
କିଏ ନୁହେଁ ବଡ଼ କିଏ ନୁହେଁ ସାନ
ପ୍ରତି ମୁହୂର୍ତ୍ତରେ ଉଙ୍କିମାରେ ସ୍ମୃତି
ମାନସପଟର ଚିତ୍ର... ଚରିତ୍ରରେ
ସଭିଙ୍କୁ କୁହେ ବଜାୟ ରଖ
ନ ଦେଖି ପଛ
ନିଜ ଆତ୍ମସମ୍ମାନ... ସ୍ୱାଭିମାନ
ନ ଭାବ ପୁରୁଷ... ନାରୀ ।

ବ୍ରହ୍ମପୁର
ଇମେଲ୍ - payal.likan@gmail.com

# କର୍ମ

ଅନିଲ କୁମାର ବୋଇତ



ମଣିଷର ଇଚ୍ଛା ଅନେକ ଥାଏ । ହେଲେ ସବୁ ଇଚ୍ଛା ପୂରଣ ହୁଏ ନାହିଁ । ଆଉ ଇଚ୍ଛା ପୂରଣ ନ ହେଲେ ମନକୁ ଦୁଃଖ ହୁଏ । ସେହିଭଳି ଇଚ୍ଛା କରିଥିଲେ ରମେଶବାବୁ । ରମେଶ ବାବୁ ହେଲେ ଭୁବନେଶ୍ୱର ସହରର ଜଣେ ନାମିଦାମୀ ବିଲ୍ଡ଼ର । ବିଶାଳ ସମ୍ପତ୍ତିର ଅଧିକାରୀ । ଅଜସ୍ର ପଇସା, ଜମି, ବାଡ଼ି, ବ୍ୟାଙ୍କ୍ ବାଲାନ୍ସ, କୌଣସିଥିରେ ଭଗବାନ ଅଭାବ କରିନାହାନ୍ତି । ଏତେ ସବୁ ଥାଇ ମଧ୍ୟ ତାଙ୍କ ମନରେ ନା ଗର୍ବ ନା ଅହଂକାର । ସର୍ବୋପରି ସେ ଜଣେ ସଜ୍ଜନ ଓ ଭଦ୍ର ଲୋକ । ତାଙ୍କ ମନରେ ସବୁବେଳେ ଥାଏ ଗରିବମାନଙ୍କ ପ୍ରତି ଆନ୍ତରିକତା । ରମେଶବାବୁଙ୍କ ପରିବାର କହିଲେ ସେ ଆଉ ତାଙ୍କ ଗେହ୍ଲା ଦୁଇ ପୁଅ । ପତ୍ନୀ ରମାଦେବୀ ଅଧାବାଟରୁ ତାଙ୍କୁ ଛାଡ଼ିଦେଇ ଚାଲିଯାଇଥିଲେ । ସେହି ଦିନଠାରୁ ରମେଶବାବୁ ତାଙ୍କର ଦୁଇ ସନ୍ତାନକୁ ବାପା ଓ ମା'ର ସ୍ନେହ ଦେଇ ବଡ଼ କରିଛନ୍ତି । ଏବଂ ତାଙ୍କ ଜୀବନର ସବୁ ସ୍ୱପ୍ନ ସେଇ ଦୁଇଜଣଙ୍କ ପାଇଁ ।

ବଡ଼ ପୁଅ ସୁବ୍ରତ ଓ ସାନ ପୁଅ ସୁମନ କେବେ ବି ରମେଶ ବାବୁଙ୍କ କୌଣସି କଥାକୁ ମନା କରନ୍ତି ନାହିଁ । ରମେଶ ବାବୁ ସେମାନଙ୍କ ସବୁ ଅଳି ଅର୍ଦ୍ଦଳି ପୂରଣ କରିଛନ୍ତି । ମା'ର ଅଭାବ ସେମାନେ କେବେ ଉପଲବ୍ଧି କରିପାରିନାହାନ୍ତି । ରମେଶ ବାବୁ ପୁଅ ମାନଙ୍କୁ ନେଇ ଯେତେ ଭଲ ପାଆନ୍ତି ସେତିକି ସେମାନଙ୍କ ଭବିଷ୍ୟତ କଥା ଚିନ୍ତା କରନ୍ତି । ସେମାନେ ଭଲ ସ୍କୁଲରେ ପଢୁଛନ୍ତି । ହେଲେ ରମେଶବାବୁଙ୍କ ଇଚ୍ଛା ସେମାନେ କାହାରି ବିନା ସାହାଯ୍ୟରେ ନିଜ ଗୋଡ଼ରେ ନିଜେ ଛିଡ଼ା ହୁଅନ୍ତୁ । ଏମିତି ଭାବୁ ଭାବୁ ସୁବ୍ରତ ଓ ସୁମନଙ୍କର ପାଠପଢ଼ା ସରିଯାଇଛି । ସେମାନେ ଘରକୁ ଫେରି ଆସିଛନ୍ତି । ପୁଅମାନେ ଘରକୁ ଆସିବାପରେ ରମେଶବାବୁଙ୍କ ଖୁସି କହିଲେ ନ ସରେ । ପୁଅମାନଙ୍କୁ ପାଖରେ ବସାଇ ଜାଣିବାକୁ ଚାହାନ୍ତି ସେମାନେ କଣ କରିବାକୁ ଚାହୁଁଛନ୍ତି । ପୁଅମାନେ କିଛି ବୁଝିପାରିଲେ ନାହିଁ । ଏତେ ବିଶାଳ ସମ୍ପତ୍ତିର ଅଧିକାରୀ ସେମାନେ, ସେମାନଙ୍କୁ ବା ଚାକିରୀ କରିବାର କି ଆବଶ୍ୟକତା

ରହିଛି ? ହେଲେ ରମେଶ ବାବୁ ପ୍ରାଞ୍ଜଳ ଭାବେ ବୁଝେଇ କହିଦେଲେ; ଦେଖ ତୁମମାନେ ପାଠ ପଢ଼ା ସାରିଦେଇଛ, ଏବେ ନିଜର ବୃତ୍ତି ଏବଂ ନିଜ ଗୋଡ଼ରେ ନିଜେ ଠିଆ ହେବାର ପ୍ରୟାସ କର । ପୁଅମାନେ ପରସ୍ପରକୁ ଚାହିଁଲେ । ରମେଶବାବୁ କହୁଛନ୍ତି, ତୁମ ଭବିଷ୍ୟକୁ ନେଇ ମୁଁ ବହୁତ ଆଶାବାଦୀ । ତୁମ ଭବିଷ୍ୟରେ କଣ କରିବ କେମିତି କରିବ ସେ ବିଷୟରେ ମୁଁ ବହୁତ ଚିନ୍ତା କରିଦେଇଛି । ଏବେ ମୁଁ ତୁମ ଦୁଇଜଣଙ୍କୁ ଏକ ମାସ ସମୟ ଦେଉଛି, ନିଜର ଜୀବନପନ୍ଥା ନିଜେ ବାଛିନିଅ । ତୁମେ ଜୀବନରେ କଣ କରିବାକୁ ଚାହୁଁଛ, ତାହା ଚିନ୍ତା କରି ଦେଖ ଆଉ ପଦକ୍ଷେପ ନିଅ ।

ସୁବ୍ରତ : ବାପା ଏ କଣ କହୁଛନ୍ତି, ମୁଁ କିଛି ବୁଝିପାରୁନି ।

ସୁମନ : ମୋ ମୁଣ୍ଡରେ ବି କିଛି ପଶିଲାନି । ବାପା ଆମକୁ ଏମିତି କାହିଁକି କହିଲେ ? ଆମର ତ ଏ ଅଜସ୍ର ସମ୍ପତ୍ତି, ବସି ଖାଇଲେ ବି ସରିବନି । ଆଉ ବାପା ସହରର ଜଣେ ପ୍ରତିଷ୍ଠିତ ବିଲ୍ଡ଼ର । ଆମକୁ ପୁଣି କି ଅଭାବ ଅଛି ଯେ ଆମେ ଚାକିରୀ କରିବା ? ବାପାଙ୍କ ଅନ୍ତେ ଏ ସବୁ ତ ଆମର । ଆମେ ପୁଣି କାହିଁକି ପରିଶ୍ରମ କରିବା, ଚାକିରୀ କରିବା ?

ରମେଶବାବୁଙ୍କ କଥା ପୁଅମାନଙ୍କ ହେଜରେ ପଶିନଥିଲା । ସେମାନେ ଜୀବନକୁ ଉପଭୋଗ କରିବାକୁ ଲାଗିପଡ଼ିଥିଲେ । ସାଙ୍ଗସାଥୀ କରିବା, ସିନେମା ଯିବା, ସମୟ ନଷ୍ଟ କରିବା ଇତ୍ୟାଦିରେ ସମୟ ବିତୁଥିଲା । ଦେଖୁ ଦେଖୁ ମାସଟିଏ ସମୟ କେମିତି ବିତିଗଲା ଜଣାପଡ଼ିଲା ନାହିଁ ।

ଦିନେ ଉଭୟ ପୁଅଙ୍କୁ ପାଖକୁ ଡାକି ସେ ପ୍ରଶ୍ନ କରିଥିଲେ, କଣ ନିଷ୍ପତ୍ତି ନେଇଛ, ନିଜ ଜୀବନ ବାବଦରେ, ବୃତ୍ତି ବା ଚାକିରୀ ବାବଦରେ ? ପୁଅମାନେ ନିରବ । ରମେଶବାବୁ ହତୋତ୍ସାହିତ ହୋଇ କହିଲେ, ତୁମେ ଦୁଇଜଣ କେବଳ ସମୟ ଅପଚୟ କରିବାରେ ଲାଗିପଡ଼ିଥିଲ ଯାହା । ଜୀବନକୁ ଭଲଭାବେ ନିରୀକ୍ଷଣ କରି ଦେଖ । ସମୟ କେବେ ଅପେକ୍ଷା କରିବନି । ଯେତେବେଳେ ତୁମ ବୁଦ୍ଧି ଆସିବ ସେତେବେଳକୁ ଅବସ୍ଥା ଅସମ୍ଭାଳ ହୋଇଯିବ । ମୁଁ ତୁମ ଦୁହିଁକୁ ଆଉ ଗୋଟିଏ ମାସର ମହଲତ ଦେଉଛି । ଦେଖ ଏଇ ମାସରେ ଯେମିତି ହେଲେ କିଛି ବ୍ୟବସ୍ଥା କର । ଯଦି ନ ପାରିବ ତା ହେଲେ ମୁଁ ତୁମକୁ ଏହି ଘରୁ ବିତାଡ଼ିତ କରିବାକୁ କୁଣ୍ଠାବୋଧ କରିବି ନାହିଁ ।

ସୁବ୍ରତ କହିଲା, ବାପା ଆପଣ ଏ ସବୁ କଣ କହୁଛନ୍ତି ? ଆମେ ତ ଏବେ ହିଁ ଡିଗ୍ରୀ ସାରିଦେଇ ଆସିଛୁ । ଆଉ ଏତେ ଜଲଦି ବୃତ୍ତିର କି ଆବଶ୍ୟକତା ରହିଛି ? ଏବେ ଜୀବନକୁ କିଛି ଉପଭୋଗ କରିବା ସମୟ ପାଇଛୁ । ଏବେ ଏବେ କି ଚାକିରୀ କି ବୃତ୍ତି ?

ରମେଶ ବାବୁ ବିରକ୍ତଭାବ ପ୍ରକଟ କରି କହିଲେ, ଶୁଣ ମୋତେ ସେ ସବୁ ଶୁଣିବାର ନାହିଁ । ମୋ କଥା ନ ରହିଲେ, ତୁମେ ଦୁହେଁ ଏଠି ରହିପାରିବ ନାହିଁ । କେବଳ ଡିଗ୍ରୀଟିଏ ପାଇଗଲେ ଜୀବନରେ ସବୁ କିଛି ମିଳିଯାଏନି । ସବୁପାଇବା ପାଇଁ ପ୍ରଚେଷ୍ଟା କରିବାକୁ ପଡ଼େ । ଆଉ ଯେଉଁ ସମ୍ପତ୍ତିକୁ ଦେଖି ତୁମେ ଭିଳକି ଯାଉଛ, ମନେ ରଖ ଏଇ ସମ୍ପତ୍ତିରୁ କାଣିଚାଏ ବି ତୁମେ ପାଇବ ନାହିଁ । ନିଜ ଗୋଡ଼ରେ ନିଜେ ଠିଆ ହେଲେ ଯାଇ ଏଇ ସମ୍ପତ୍ତିରୁ କିଛି ପାଇବାର ହକଦାର ହେବ । ଏହି ସମ୍ପତ୍ତି କରିବାକୁ ମୋତେ ଯେମିତି କଷ୍ଟ କରିବାକୁ ପଡ଼ିଥିଲା, ସେ ସବୁ ତୁମେ କରିବ ବୋଲି ମୋର ଆଶା । ମୋର ନାଁ ଛଡ଼ା ତୁମେ ନିଜର ପରିଚୟ ନିଜେ ତିଆରି କରିଲେ ମୁଁ ସବୁଠାରୁ ଅଧିକ ଖୁସି ହେବି । ତେଣୁ ମୁଁ ଗୋଟିଏ ମାସ ସମୟ ଦେଉଛି । ଯାଅ କିଛି କରିକି ଦେଖାଅ ।

ରମେଶ ବାବୁଙ୍କ କଡ଼ା ତାଗିଦ୍ ଶୁଣି ସୁମନ୍ କହିଲା, ଭାଇ ମୋତେ କାହିଁକି ଡର ଲାଗୁଛି । ବାପାଙ୍କ କଥା ମୋତେ କିଛି ଠିକ୍ ଲାଗୁନି । ସୁବ୍ରତ ହସିଦେଇ କହିଲା, ତୋର ଯଦି ଏତେ ଭୟ ତୁ ଯାଆ କଣ କରିବୁ । ମୁଁ କିଛି କରିବି ନାହିଁ । ବାପା କିଛି କରିବେନି, ଏମିତି ଖାଲି କହୁଛନ୍ତି । ସୁବ୍ରତ ଆଳସ୍ୟ ଶୀକାର ହୋଇଥିଲେ ହେଁ ସୁମନ କିନ୍ତୁ ଚଞ୍ଚଳ ଥିଲା । ନିଜ ପାଇଁ କିଛି ନା କିଛି ବ୍ୟବସ୍ଥା କରିବାପାଇଁ ସେ ଅନେକ ଚେଷ୍ଟା କରୁଥିଲା । ଦିନେ ଶୁଣିଲା ସହରକୁ ଜଣେ ବାବା ଆସିଛନ୍ତି, ଏବଂ ସେ ଲୋକଙ୍କ ଭବିଷ୍ୟ କହୁଛନ୍ତି । ସୁମନ ଯାଇ ସୁବ୍ରତକୁ କହିଲା ଭାଇ ଏଇ ସହରକୁ ଜଣେ ବାବା ଆସିଛନ୍ତି, ଚାଲ ତାଙ୍କୁ ଦେଖାକରିବା । ସେ କାଳେ ଲୋକଙ୍କୁ ଦେଖୁ ଦେଖୁ ଭବିଷ୍ୟ କହିଦେଉଛନ୍ତି । ଦୁହେଁ ବାବାଙ୍କ ପାଖକୁ ଗଲେ । ସୁବ୍ରତ ମନରେ ଥିବା ପ୍ରଶ୍ନ ପଚାରିଲା; ବାବା ଆମେ ପାଠ ସାରିଦେଇ ଚାକିରୀ ଅନ୍ବେଷଣରେ ଅଛୁ, କିନ୍ତୁ ପାଉନାହୁଁ । ଆମେ କଣ କରିବୁ ? ବାବା ଆଖି ମୁଦିଦେଇ କହିଲେ, ଯାଅ ବାଳକ ଭଗବାନ ତୁମପାଇଁ ଉଚିତ ପଦକ୍ଷେପ ନେଇଛନ୍ତି । ତୁମକୁ ରାସ୍ତା ଆପେ ଆପେ ମିଳିଯିବ । ବାବା ହସିଦେଇ କହିଲେ, 'କର୍ମ କରିଚାଲ, ଫଳର ଆଶା ରଖନାହିଁ ।

ସୁବ୍ରତ ଆଉ ସୁମନ ଘରକୁ ଫେରିଆସିଲେ । ବାବାଙ୍କ କଥାର ମର୍ମ ସୁବ୍ରତ କିଛି ବୁଝିପାରିଲା ନାହିଁ । ସୁମନ କିନ୍ତୁ ନିଜ ଚାକିରୀ ପାଇଁ ଦୃଢ଼ତାର ସହ ଚେଷ୍ଟା ଜାରୀ ରଖିଲା । କିଛି ଦିନପରେ ସୁମନକୁ ଗୋଟିଏ ଜାଗାରେ ଚାକିରୀଟିଏ ମିଳିଲା । ସେ ବହୁତ ଖୁସିଥିଲା, ହେଲେ ସୁବ୍ରତ କୌଣସି କାମରେ ଇଚ୍ଛା ଦେଖାଇ ନଥିଲା । ସେ ଘରେ ହିଁ ଥିଲା । ଦିନେ ରମେଶବାବୁ ସୁବ୍ରତକୁ ଘରେ ଥିବା ଦେଖି ପଚାରିଲେ, ତୁମେ ବୃତ୍ତି ଅନ୍ବେଷଣରେ ଯାଉନାହଁ କାହିଁକି ? ସେ କହିଲା, ବାବା କହିଛନ୍ତି,

ଭଗବାନ ସବୁ ଯୋଗାଡ଼ କରିଛନ୍ତି । ମୋର କୁଆଡ଼େ ଯିବା କଣ ଦରକାର ? ରମେଶବାବୁ ଉତ୍ୟକ୍ତ ହୋଇ କହିଲେ, ତୋ ପାଇଁ କିଏ କୋଉଠି କଣ ଯୋଗାଡ଼ କରିରଖିଛି ସେ ସବୁ ମୋତେ ଜଣା ନାହିଁ । ହେଲେ ତୁ ଏଇ ଘରେ ରହିବୁ ନାହିଁ । ଏଇ ମୁହୂର୍ତ୍ତରେ ଏଇ ଘର ଛାଡ଼ି ଚାଲିଯାଆ ।

ସୁବ୍ରତ ବାପାଙ୍କ କଥା ଶୁଣି ଘର ଛାଡ଼ି ଚାଲିଆସିଲା । ଭଡ଼ା ଘର ନେଇ ରହିଲା । ଦିନେ ଦୁଇଦିନ ଭଲରେ ଗଲା । କିନ୍ତୁ ପୁଣି ଅର୍ଥାଭାବ ଯୋଗୁଁ ଖାଦ୍ୟ ପାଇଲାନାହିଁ । ଏଥିରେ କ୍ଷୁବ୍ଧ ସୁବ୍ରତ ସେଇ ବାବାଙ୍କୁ ସବୁ ଦୋଷ ଦେଇ କହିଲା, ବାବା ମୋତେ ଠକିଦେଇଛନ୍ତି । ସେ ବାବାଙ୍କ ପାଖକୁ ଯାଇ କହିଲା, ଯଦି ଭଗବାନ ମୋ ପାଇଁ ସବୁକିଛି ଯୋଗାଡ଼ କରି ରଖିଛନ୍ତି ତା ହେଲେ ମୋତେ ଖାଇବାକୁ ମିଳୁନାହିଁ କାହିଁକି ? ବାବା ସ୍ମିତହସ ଦେଇ କହିଲେ, ଭଗବାନ ଯୋଗାଡ଼ କରିଛନ୍ତି, କିନ୍ତୁ ଆଣି ପାଖରେ ପହଞ୍ଚାଇଦେବେ ବୋଲି ତ ମୁଁ କହିନି ? ଭୁଲିଗଲ ସେ ଦିନ ମୁଁ କଣ କହିଥିଲି ? କର୍ମକରି ଚାଲି, ଫଳର ଆଶା କରନାହିଁ । କର୍ମ କରିଥିଲେ ହୁଏତ ତୁମେ ଏବେ ଫଳ ପାଇସାରିଥାନ୍ତି । ତୁମେ ବସିରହିଲେ ଫଳ ପାଇବନି । ଜୀବନରେ କିଛି ପାଇବାକୁ ହେଲେ ଅନେକ ପରିଶ୍ରମ କରିବାକୁ ପଡ଼େ । ତୁମେ ନିଜେ ନିଜକୁ ପ୍ରଶ୍ନ କରିଦେଖ, ତୁମେ ନିଜ ଜୀବନରେ ଉନ୍ନତି ପାଇଁ କଣ ଚେଷ୍ଟା କରିଛ ? ଖାଲି ପାଠ ପଢ଼ିଦେଲେ ସବୁକିଛି ମିଳିଯାଏ ନାହିଁ, ଏହା ସହିତ ଅଧିବସାୟ ଓ ପ୍ରଚେଷ୍ଟା ମଧ୍ୟ କରିବାକୁ ପଡ଼େ । ବିନା କର୍ମରେ କୌଣସି ଫଳ ମିଳେନାହିଁ ।

ସୁବ୍ରତକୁ ଜ୍ଞାନ ହେଉଥିଲା । ସେ କରିଥିବା ଭୂଲ ବିଷୟରେ ସେ ନିଜେ ଜାଣିପାରୁଥିଲା । ରମେଶବାବୁଙ୍କ ପାଖରେ ଗୋଡ଼ଧରି କ୍ଷମା ମାଗିଥିଲା । ସୁମନ ପରି ନିଜେ ମଧ୍ୟ ଚାକିରୀ ପାଇଁ ଚେଷ୍ଟାକରିଥିଲା । ଏବଂ ଦିନେ ସେ ବି ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିଥିଲା ।

ରମେଶବାବୁଙ୍କ ଦୁଇପୁଅ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିଥିଲେ । ଏହା ଦେଖି ରମେଶବାବୁ ଖୁସି ହେଉଥିଲେ । ଏବଂ ସେ ରଖିଥିବା ମନୋସ୍କାମନା ପୁରଣ ହୋଇଥିଲା ।

ସି-୨, ଏଲ୍-୨, ୧୪୧
ଛେଣ୍ଡ କଲୋନୀ, ରାଉରକେଲା

# ତୁମକୁ ଗୃହିଁ ବେଳଯିବ ବୁଡ଼ି

ତାରା ପ୍ରସାଦ ଜେନା



ତୁମକୁ ମୁଁ ଗୃହିଁ ଗୃହିଁ ବେଳଯିବ ବୁଡ଼ି
ଆଖି ଲୁହ ଗାଲ ଦେଇ ତଳେ ଯାଏ ପଡ଼ି ।

ଖିଆପିଆ ସବୁକଛି
ଲାଗେନାହିଁ ଭଲ
ମନେ ମନେ ଝୁରୁଅଛ
ତୁମ ହସା ଗେଲ !

ଭଲ ଅଛ ନାହିଁ କବା
ଜାଣୁନାହିଁ କଛି
ଚନ୍ଦ୍ରା ଲୋକ ଦେଖାହେଲେ
ଦେଇଥାନ୍ତ ପୁଛି !

ଚଇତାଳ ବାଆ ବୋହେ
ଆମ ଘର ଦେଇ
ପଣତଟା ଉଡ଼ିଯାଏ
ଫର ଫର ହୋଇ !

ଦେହମନ ଛନ ଛନ
ଲାଜ ନାହିଁ ଆଉ
ତୁମ ବିନା ପ୍ରେମ ସିନା
ବଢ଼ିଯାଏ ଦାଉ !

ଆଖି ମଳି ସପନକୁ
ବସି ବସି ଭୁଲେ
ବଳ ନାହିଁ ଉଠାଇବ
କୁଟାଖିଅ ହେଲେ !

ଯିଏ ଦେଖେ ମୁହଁ ମୋଡ଼ି
ତାର ବାଟେ ଯାଏ
ବାୟାଣୀ ମୁଁ ହୋଇଯାଏ
ତୁମ ଲାଗି ହାୟେ !

ନେଇଯାଅ ଡେଣା ଧରି ଟାଣି ତୁମ ପାଖେ
ସେତିକିରେ ଭାଗ୍ୟବତୀ ରହନ୍ତି ମୁଁ ସୁଖେ !

# ଧ୍ୱଂସର ଏକ ଆଭାସ

ପ୍ରହ୍ଲାଦ ଖଟୋଇ



ପ୍ରକୃତପ୍ରଦତ୍ତ କୋଳରେ ମଣିଷ ଜନ୍ମ ନେଇଛ । ଜନ୍ମ ନେବାଠାରୁ ତା'ର ଶେଷ ନଃଶ୍ୱାସ ଯିବାପର୍ଯ୍ୟନ୍ତ ଏହ ଧରପୃଷ୍ଠରେ ସମସ୍ତ କାର୍ଯ୍ୟ ନର୍ବାହ କରୁଛ । ତେଣୁ ଏ ଧରଣୀ କେତେ ମହାନ ତାହା ଆମ ବର୍ଣ୍ଣନାର ବାହାରେ । ମଣିଷ ଆଜ ବଜ୍ଞାନର କରଗତରେ ବହୁତ ଆଗରେ । ମଣିଷ ଚନ୍ତା କରୁଛ ମଙ୍ଗଳ ଗ୍ରହରେ ବାସ କରବାପାଇଁ । ଏହାପାଇଁ ଶତମତ ବୈଜ୍ଞାନକମାନେ ଅହରହ ଗବେଷଣା କରୁଛନ୍ତ । ମଣିଷ ଯଦ ମଙ୍ଗଳ ବା ଚନ୍ଦ୍ରରେ ବାସ କରେ ତାର ବୟସ କେବେହେଲେ ପାଞ୍ଚଶତ ବର୍ଷ ହୋଇପାରବ ନାହିଁ । ତେଣୁ ପୃଥିବୀପୃଷ୍ଠରେ ବଞ୍ଚିବାକୁ ହେଲେ ଆମକୁ କଛଟା ସାବଧାନତା ଅବଲମ୍ବନ କରବାକୁ ପଡ଼ିବ ।

ମଣିଷ ଆଜ ସ୍ୱାର୍ଥନ୍ଦ୍ରିୟ ହୋଇପଡ଼ିଛ କାରଣ ମଣିଷ ଆଜ କମରେ ସନ୍ତୁଷ୍ଟ ନୁହେଁ । ଗତାଗତ କେମିତ ଦୁଇଗ୍ୱରଟା କୋଠା ବଭନ୍ନ ସହରରେ ହୋଇଯାଆନ୍ତା । ସେଥିପାଇଁ ମିଛର ଆଶ୍ରୟ ହେଉ ବା ସମ୍ପୂର୍ଣ୍ଣରୂପେ ପରବେଶକୁ ଧ୍ୱଂସ କର ହେଉ, ଏଥିପ୍ରତ ମଣିଷର ନଘା (ଦୃଷ୍ଟି) ନାହିଁ । ଯେତେ ବଜ୍ଞାପନ ଜରଆରେ ସଚେତନତା ଦେଲେ ମଧ ମଣିଷ ନଜକୁ କେବେ ବ ସଂଶୋଧନ କରବା ପାଇଁ ପ୍ରସ୍ତୁତ ନୁହେଁ । ଏହା ଏକ ରୁଗ୍ଣ ମାନସିକତାର ପରଚୟ । ଆମେ ଜାଣିଛେ, 'ମା'ର କୋଳ ସବୁଠାରୁ ନରାପଦ । ତେଣୁ ଯେଉଁ ମାର କୋଳରେ ବଢୁଛେ ସିଏ ଯଦ ସ୍ଥିର ନ ହେଲା, ତେବେ ଆମର ଅବସ୍ଥା କଣ ହେବ ? ଆଜ ବଜ୍ଞାନ ସବୁ ଦେଇକର ବ ଭୂମିକମ୍ପର କାରଣ ନର୍ଣ୍ଣୟ କରପାରୁନାହିଁ । ନେପାଳରେ ଯେଉଁ ଭୂମିକମ୍ପ ହେଲା ତାର ପରଣାମ ଯେ ଅତ୍ୟନ୍ତ ଭୟଙ୍କର ହେଇଥିଲା ତାହା ସମସ୍ତେ ଦେଖିଲେ । ହଜାର ହଜାର ନରୀହ ଜନତା ପୋକମାଛପର ମରଗଲେ । ଅଗଣିତ ଲୋକ ପଙ୍ଗୁ ଅଥର୍ବ

ହୋଇଗଲେ । ପରିତାପର ବିଷୟ ଯେଉଁଠି ହିମାଳୟ ଭଳି ମହାମେରୁ ସ୍ଥିର ନୁହେଁ, ସେଇଠି ମଣିଷ ସମାଜ ଧ୍ୱଂସ ହେବା କେତେ କ୍ଷଣ ହେବ ?

ଦୁଃଖର ବିଷୟ ଏ ସବୁ ଜାଣିବା ସତ୍ତ୍ୱେ ଆମେ କେତେ ସଚେତନ ? ଆମେ ହୋଇପାରିବା ନାହିଁ ମଧ୍ୟ । କାରଣ ଆମେ ଉନ୍ନତିର ଏମିତି ଏକ ସୋପାନରେ ପହଞ୍ଚିଯାଇଛେ, ଯେଉଁଠି ଉନ୍ନତି ଓ ପ୍ରଗତିର ଅର୍ଥ ହିଁ ହେଉଛି ଧ୍ୱଂସ । ପରିବେଶ ଧ୍ୱଂସ ହେଲେ ହିଁ ଦ୍ରୁତ ଶିଳ୍ପାୟନ ସମ୍ଭବ । କୋଠା ଉପରେ କୋଠା ତିଆରି ସମ୍ଭବ । କଳ କାରଖାନା ସମ୍ଭବ । ଖଣି ଖାଦାନ ସମ୍ଭବ ।

ଆବଶ୍ୟକତା ଠାରୁ ଅଧିକର ଆଶା, ଆମ ପାଇଁ ଶୁଭପ୍ରଦ ନୁହେଁ । ଓଡ଼ିଆରେ କଥାଟିଏ ଅଛି, 'ଅତିରୁ ଇତି', ସଂସ୍କୃତରେ କୁହାଯାଇଛି, 'ଅତି ସର୍ବତ୍ର ଗର୍ହିତଂ' ଅର୍ଥାତ ଅଧିକ ମାତ୍ରାରେ ଯେକୌଣସି ଜିନିଷ ମଣିଷ ପାଇଁ ଅଶୁଭକର । ପ୍ରତ୍ୟେକ ପ୍ରଗତିର ସୀମା ରହିଛି, ହେଲେ ଉନ୍ନତି ଆଶାୟୀ ମନୁଷ୍ୟ ନିଜର ବ୍ୟକ୍ତିଗତ ଲାଭ ଓ ସୁଖ ପାଇଁ ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ନେପାଳର ପ୍ରଳୟଙ୍କରୀ ଭୂମିକମ୍ପ ଏକ ସତର୍କ ସୂଚନା ମାତ୍ର । ଏହିପରି ଅନେକ ଧ୍ୱଂସଲୀଳା ନିକଟ ଭବିଷ୍ୟତରେ ଆମେ ଦେଖିବାକୁ ପାଇବା ନିଶ୍ଚୟ । ମନୁଷ୍ୟର ସମସ୍ତ ଚତୁରତା ପ୍ରକୃତିର ଧ୍ୱଂସଲୀଳା ଆଗରେ ବେକାର ହୋଇଯାଇଛି ।

ଉଚ୍ଚ ପର୍ବତମାଳା ମାନଙ୍କରେ ବରଫ ତରଳିବାରେ ଲାଗିଛି, ସମୁଦ୍ରରେ ଜଳସ୍ତର ବଢୁଛି । ପାହାଡ଼ରୁ କୋଇଲା ଆଉ ମୂଲ୍ୟବାନ ପଥର ଖୋଳି ଖୋଳି ଆମେ ପରିବେଶରେ ଅସନ୍ତୁଳନ ଆଣିଦେଲେଣି । ମାଟି ଖୋଳି ମେଟ୍ରୋ ରେଲ୍ ତିଆରି କରିଲେଣି । ବଡ଼ ବଡ଼ ସୁଉଚ୍ଚ ଅଟ୍ଟାଳିକାମାନ ନିର୍ମାଣ କଲେଣି । ଏହା ଦ୍ୱାରା ପୃଥିବୀର ସନ୍ତୁଳନରେ ଯେ କେତେ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି ତାହା ଆମେ ଅନୁମାନ କରିପାରିବା ନାହିଁ । ଆମର ପ୍ରଗତିରେ ହିଁ ଆମର ଧ୍ୱଂସର କାରଣ ଲୁଚି ରହିଛି ଏବଂ ଏହା ଆମେ ଜାଣିରଖିବା ଉଚିତ ।

ପୃଥିବୀରେ ତିଷ୍ଠି ରହିବାକୁ ହେଲେ ଆମକୁ ସମ୍ଭ୍ରମତାର ପରିଚୟ ଦେବାକୁ ହେବ । ଆମକୁ ଅନେକ ନୀତିନିୟମ ପାଳନ କରିବାକୁ ହେବ । ଏହି ସବୁ ମଧ୍ୟରୁ କିଛି ନିମ୍ନରେ ଉଲ୍ଲେଖ କରୁଛି;

୧. ଆମକୁ ଆମ ଲାଳସାକୁ ଆୟତରେ ରଖିବାକୁ ହେବ ।

୨. ପ୍ରତ୍ୟେକଙ୍କୁ ପ୍ରତ୍ୟେକଙ୍କ ସୁଖଦୁଃଖରେ ଭାଗିଦାର ହେବାକୁ ହେବ ।

୩. ଭୂମିକମ୍ପର ମହତ୍ତ୍ୱକୁ ଭଲଭାବରେ ବୁଝିବାକୁ ହେବ ।

୪. ପରିବେଶ ସନ୍ତୁଳନ ପାଇଁ ସମସ୍ତ ପଦକ୍ଷେପ ନେବାକୁ ହେବ ।

୫. ଭୂମିକମ୍ପ ଜୋନ୍ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ ।

୬. ପ୍ରକୃତିଦତ୍ତ ସମ୍ପଦକୁ ଅନାବଶ୍ୟକ ନଷ୍ଟ କରିବା ନାହିଁ ।

୭. ସୁଉଚ୍ଚ ଅଟ୍ଟାଳିକାମାନଙ୍କ ଦ୍ୱାରା ସହରୀ ପରିବେଶ ଅସନ୍ତୁଳନ ହୋଇପାରେ, ସେ ସବୁକୁ ନିରୁତ୍ସାହିତ କରିବା ଉଚିତ ।

୮. ଭୂମିକମ୍ପ ଜୋନ୍ ପାଖରେ ଥିବା ଲୋକମାନଙ୍କୁ ଭୂମିକମ୍ପରୋଧୀ ଗୃହନିର୍ମାଣ ଶୈଳୀ ବିଷୟରେ ଶିକ୍ଷାଦାନ ।

୯. ପ୍ରତ୍ୟେକ ଗୃହ ଭୂମିକମ୍ପ ନିରୋଧୀ ହେବା ଦରକାର ।

୧୦. ବାଧ୍ୟତାମୂଳକ ଭାବେ ସମସ୍ତ ନିୟମକୁ ପାଳନ କରାଗଲେ ଧନହାନି ଓ ପ୍ରାଣପୀଡ଼ାରୁ ମୁକ୍ତି ମିଳିପାରିବ ।

# ସୌନ୍ଦର୍ଯ୍ୟଚର୍ଚ୍ଚା - କେଶଯତ୍ନ

ଶ୍ରୀମତ ସରିତା ପଣ୍ଡା



ସୌନ୍ଦର୍ଯ୍ୟ ଏପରି ଏକ ଜିନିଷ ଯାହା ସବୁଆଡ଼େ ଖୁସିର ଲହରୀ ଖେଳାଇ ଦିଏ । କେଉଁଠି ପାହାଡ଼ ପର୍ବତର ସୌନ୍ଦର୍ଯ୍ୟ ତ କେଉଁଠି ସବୁଜ ବନାନୀ, ପୁଣି କେଉଁଠି ପୁରପଲ୍ଲୀର ତ କେଉଁଠି ଆଧୁନିକ ସହରର ସୌନ୍ଦର୍ଯ୍ୟ । ଏହି ସବୁ ସୌନ୍ଦର୍ଯ୍ୟକୁ ଉପଭୋଗ କରି ମନୁଷ୍ୟପାଏ ପରମ ଆନନ୍ଦ । ପ୍ରକୃତିକୁ ବିଧାତାର ବରଦାନ, ନର ଓ ନାରୀ । ଏହି ନର ନାରୀଙ୍କ ସୌନ୍ଦର୍ଯ୍ୟରେ ମଧ୍ୟ ପ୍ରକୃତି ସହ ମନୁଷ୍ୟ ବିମୋହିତ ହୁଏ । କିନ୍ତୁ ଏଠାରେ ପ୍ରଥମେ ସ୍ଥାନ ପାଏ ନାରୀର ସୌନ୍ଦର୍ଯ୍ୟ । ଏହାକୁ ସାମାଜିକ ସ୍ୱୀକୃତି ମିଳିଛି । ଏହି ସୌନ୍ଦର୍ଯ୍ୟ ବିଷୟରେ ମୁଁ ଆପଣ ମାନଙ୍କ ନିକଟରେ କିଛି ତଥ୍ୟ ଉପସ୍ଥାପନ କରିବାକୁ ଯାଉଛି, ଏଥିରେ ମୋତେ ସମ୍ପୂର୍ଣ୍ଣରୂପେ ସହଯୋଗ କରିଛନ୍ତି ବ୍ରହ୍ମପୁର ସହରର ସୁବାରାଓ ଛକ ସ୍ଥିତ ସୌନ୍ଦର୍ଯ୍ୟ ମନ୍ଦିର ବିୟୁଟି ପାର୍ଲରର ରେଣୁ ମ୍ୟାଡ଼ମ୍ ।

ପ୍ରତ୍ୟେକ ମନୁଷ୍ୟପରି ଭଗବାନ ନାରୀକୁ ମଧ୍ୟ ଶରୀର, ଶରୀରର କେଶ, ମୁଖମଣ୍ଡଳ, ଚର୍ମ, ଗୋଡ଼ ଓ ହାତ ଇତ୍ୟାଦି ଦେଇଛନ୍ତି । ସର୍ବପ୍ରଥମେ ନାରୀକୁ ଅଧିକ ସୁନ୍ଦର କରେ ନାରୀର କେଶ । ଏହି କେଶ ଶକ୍ତ, ସିଲକି, ମୋଟା, ଲମ୍ବା, କଳା ଇତ୍ୟାଦି ଏହା ଉତ୍ତମ । ପ୍ରତ୍ୟେକ ନାରୀ ପିଲାବୟସରୁ ନିଜର କେଶର ଯତ୍ନ ନେବା ନିତାନ୍ତ ଜରୁରୀ । ସାଧାରଣତଃ ନାରୀମାନେ ବଜାରରେ ମିଳୁଥିବା ବିଭିନ୍ନ ରକମର ସୁଗନ୍ଧଯୁକ୍ତ ତୈଳ ଓ ସାମ୍ପୁ ବ୍ୟବହାର କରିଥାନ୍ତି । ଏହାଫଳରେ କେତେକାଂଶରେ ନାରୀମାନଙ୍କର କେଶ ଉପୁଡ଼ିଯାଏ । ଠିକ ଭାବରେ ବଢ଼େ ନାହିଁ ଏବଂ ଶୀଘ୍ର ପାଚିଯାଏ ।

ମନ୍ଦାର ଗଛ ଏପରି ଏକ ଔଷଧୀୟ ବୃକ୍ଷ ଯାହାର କି ପତ୍ର ଓ ଫୁଲ କେଶ ସମ୍ବନ୍ଧୀୟ ଅନେକ ସମସ୍ୟା ପାଇଁ ଉତ୍ତମ ଗୁଣ ମାନ ରହିଛି ।

ତେଣୁ ମୁଁ ଓ ରେଣୁ ମ୍ୟାଡ଼ମ୍ ମିଶି ପାଞ୍ଚପାଖୁଡ଼ା ବଶିଷ୍ଟ ନାଲଆ ମନ୍ଦାର ଫୁଲକୁ ବ୍ୟବହାର କର ଏକ ଉନ୍ନତ ମାନର ଏବଂ ଅନେକ ପରୀକ୍ଷିତ କେଶତୈଳ ତଆର କରଛୁ, ଯାହାର ତଆର ପ୍ରଣାଳୀ ଓ ବ୍ୟବହାର ସମ୍ବନ୍ଧରେ ନମ୍ନରେ ଲେଖାଗଲା ।

## ଉତ୍ତମ କେଶ ନମିତ୍ତ ତୈଳ

ଉପାଦାନ :

ମେଥି ଗୁଣ୍ଡ - ୫୦ ଗ୍ରାମ

ମନ୍ଦାରଫୁଲ (ପାଞ୍ଚପାଖୁଡ଼ାଯୁକ୍ତ ନାଲଆ ମନ୍ଦାର) - ୮ଟା

ଶୁଦ୍ଧ ନଡ଼ିଆ ତେଲ - ୨୦୦ ମିଲ

**ପ୍ରସ୍ତୁତ ପ୍ରଣାଳୀ** - ପ୍ରଥମେ ଗୋଟିଏ କରେଇରେ ନଡ଼ିଆ ତେଲକୁ ନେଇ ଚୁଲରେ ଉଚ୍ଚ ଆଞ୍ଚରେ ଗରମ କରବେ । ତେଲ ଅତ୍ୟଧିକ ତାତଯିବାପରେ ଚୁଲର ଜାଳକୁ କମ କରଦେଇ ସେଥିରେ ମେଥିଗୁଣ୍ଡ ପକାଇ ଦଶ ମିନଟ୍ ଯାଏଁ ଫୁଟାଇବେ । ଫଳରେ ସେଥିରେ ଥିବା ଔଷଧୀୟ ଗୁଣମାନ ନଡ଼ିଆ ତେଲକୁ ଆସିଯିବ । ତା'ପରେ ଚୁଲକୁ ଲଭେଇ ଦେଇ ସେହ ତେଲରେ ମନ୍ଦାର ଫୁଲଗୁଡ଼ିକୁ ଗୋଟିଏ ପରେ ଗୋଟିଏ ପକାଇ ତେଲରେ ଭଲ ଭାବରେ ବୁଡ଼ାଇ ରଖିବାକୁ ଚେଷ୍ଟା କରବେ । ସବୁ ମନ୍ଦାର ଫୁଲ ତେଲରେ ପକାଇ ସାରବା ପରେ କରେଇରେ ଏକ ଢାଙ୍କୁଣୀଦେଇ ୫-୧୦ ମିନଟ ପର୍ଯ୍ୟନ୍ତ ସେମିତ ଘୋଡ଼ିଦେବେ । ମନେ ରଖନ୍ତୁ ମନ୍ଦାର ଫୁଲ ତେଲରେ ପକାଇ ସାରବାପରେ ଚୁଲର ବ୍ୟବହାର କରବେ ନାହିଁ ।

ବର୍ତ୍ତମାନ, ମନ୍ଦାର ଫୁଲ ଗୁଡ଼ିକୁ ନଡ଼ିଆ ତେଲରୁ ଚପୁଡ଼ି ବାହାର କରଦଅନ୍ତୁ ଏବଂ ତେଲଟିକୁ କପଡ଼ାଦ୍ୱାରା ଛାଣିଦେଇ ବୋତଲରେ ରଖନ୍ତୁ ।

**ପ୍ରୟୋଗ** - ପ୍ରଥମେ ମୁଣ୍ଡକୁ ଭଲଭାବରେ କୁଣ୍ଡାଇ କେଶର ଅଡୁଆ ଛଡ଼ାଇ ଦଅନ୍ତୁ । ଏବଂ ତାପରେ

ପ୍ରସ୍ତୁତ ଔଷଧୀୟ ନଡ଼ିଆ ତେଲକୁ କେଶରେ ଲଗାନ୍ତୁ । ସପ୍ତାହରେ ଅନ୍ତତଃ ଥରେ ଉକ୍ତ ତେଲକୁ ରାତିରେ ଲଗାଇବେ । ତେଲ ଲଗାଇଲା ବେଳେ କେଶର ମୂଳରୁ ଅଗଯାଏଁ କରିବେ କିନ୍ତୁ ଓଲଟା ନୁହେଁ । ଏହାପରେ ଅନ୍ତତଃ ୧୦ ମିନିଟ୍ ଯାଏଁ କରିବେ । ତା'ପରେ ପୁଣିଥରେ କେଶକୁ ଭଲଭାବରେ ପାନିଆରେ କୁଣ୍ଡେଇ ବାନ୍ଧିଦେବେ ।

ଯେଉଁଦିନ ରାତିରେ ତେଲ ଲଗାଇବେ, ସେଦିନ ରାତିରେ ହିଁ ଅଢ଼େଇ ଗ୍ରାମଚ ତ୍ରିଫଳା ଗୁଣ୍ଡ ସହିତ ଅଢ଼େଇ ଗ୍ରାମଚ ମେଥି ଗୁଣ୍ଡ ମିଶାଇ ତାକୁ ଭଲଭାବରେ ବାଟିଦେଇ (ଗ୍ରାଇଣ୍ଡ) ଅଳ୍ପପାଣିଦେଇ ଏକ ପେଷ୍ଟ କରିବେ, ଏବଂ ସେଇ ପେଷ୍ଟକୁ ରାତିସାରା ସେମିତ ରଖିବେ । ତା'ପର ଦିନ ସକାଳେ ସେହି ପେଷ୍ଟରେ ଗୋଟିଏ ଅଣ୍ଡା ଓ ୨ ଗ୍ରାମଚ ଦହି ମିଶାଇ ତାକୁ ଭଲ ଭାବରେ ଫେଣ୍ଟିଦେବେ । ଏହାକୁ ନିଜର ତୈଳଯୁକ୍ତ କେଶରେ ଭଲଭାବରେ ଲଗାଇବେ ଏବଂ ମୁଣ୍ଡରେ ଏକ ଜରି ଖୋଳପା (ସାୱାର୍ କ୍ୟାପ୍) ପିନ୍ଧି ଅନ୍ତତଃ ଦେଢ଼ ଘଣ୍ଟା ଯାଏ ସେହିପରି ରଖିବେ ।

ଏହାପରେ ବଜାରରେ ମିଳୁଥିବା କୁଙ୍କୁଡୁକାୟା ଓ ସିକାକାୟୀ ଗୁଣ୍ଡରୁ ଦୁଇଟି ପାଉଡ୍ ପ୍ୟାକେଟ୍ ନେଇ ପାଣି ମିଶେଇ ପେଷ୍ଟ କରିବେ । ଏବଂ ମୁଣ୍ଡ ଧୋଇବା ପୂର୍ବରୁ ଏହାକୁ ଭଲଭାବରେ ନିଜ ମୁଣ୍ଡରେ ଲଗାଇବେ । କିଛି ସମୟ ଛାଡ଼ିଦେଲା ପରେ ହିଁ ମୁଣ୍ଡ ଧୋଇବେ । ଏଠାରେ ମନେ ରଖିବାକୁ ହେବ ଯେ ଉପରୋକ୍ତ କୁଙ୍କୁଡୁକାୟା ଓ ସିକାକାୟୀ ପେଷ୍ଟ ବ୍ୟତୀତ ଅନ୍ୟ କୌଣସି ସାମ୍ପୁ ବା ସାବୁନର ବ୍ୟବହାର କରିବେ ନାହିଁ ।

*[ ବିଶେଷ ସୂଚନା - ଖରାଦିନେ ତ୍ରିଫଳା ଓ ମେଥି ପେଷ୍ଟରେ ଦହି ବଦଳରେ ଆଲୋଭେରା / ଘିଁକୁଆଁରୀ ରସ ଦୁଇ ଗ୍ରାମଚ ମିଶାଇଲେ ଭଲ ଫଳ ମିଳିବ]*

## ଉପକରଣ ଗୁଡ଼ିକର ଉପକାରିତା -

୧. ତ୍ରିଫଳା ଗୁଣ୍ଡ - ଏହା କେଶକୁ କଷ କରିଇଥାଏ ଏବଂ ପାଚିବାକୁ ଦିଏ ନାହିଁ ।

୨. ମେଥି ଗୁଣ୍ଡ - ଏହା କେଶକୁ ସିଲ୍କି କରିଥାଏ ।

୩. ଅଣ୍ଡା - ଚୁଟି ଉପୁଡୁଥିବା ସ୍ଥାନରେ ପୁଣି ବାଳ ଉଠିଥାଏ ।

୪. ଦହି - ମୁଣ୍ଡରେ ହେଉଥିବା ରୁପିକୁ ଦୂର କରେ ।

୫. ଘିଁକୁଆଁରୀ - ଏହା ମସ୍ତିଷ୍କକୁ ଥଣ୍ଡା ରଖେ ।

୬. ଔଷଧୀୟ ନଡ଼ିଆ ତେଲ - ଏହା କେଶ ବଢ଼ିବାରେ ସାହାଯ୍ୟ କରେ । କେଶକୁ ଶକ୍ତ ଓ ମୋଟା କରେ ।

## ମନ୍ଦାର ଗଛର ପତ୍ରର ବ୍ୟବହାର -

ମନ୍ଦାର ଗଛର ପତ୍ର ଗୁଡ଼ିକୁ ସଂଗ୍ରହ କରି ତାକୁ ଖରାରେ ନ ଶୁଖାଇ ଘରେ ଏକ ପେପର୍ ଉପରେ କିଛି ଦିନ ଯାଏଁ (୪-୫ ଦିନ) ରଖିବେ । ଏହା ଶୁଖିଯିବାପରେ ତାକୁ ଗୁଣ୍ଡକରି ଏକ ଡବାରେ ରଖନ୍ତୁ । ଏହି ଗୁଣ୍ଡରୁ ୩ ଚାମଚ ନେଇ ସେଥିରେ ଆବଶ୍ୟକ ଅନୁଯାୟୀ ପାଣି ମିଶାଇ ଏକ ପେଷ୍ଟ କରି ତାକୁ ମୁଣ୍ଡରେ ଲଗାନ୍ତୁ ଏବଂ ଏକ ସାୱାର୍ କ୍ୟାପ୍ ପିନ୍ଧିଦେଇ ଏକ ଘଣ୍ଟା ସମୟ ରଖନ୍ତୁ । ତାପରେ କୁଙ୍କୁଡୁକାୟା ଓ ସିକାକାୟୀ ମିଶାଇ ଉପରେ ଦିଆଯାଇଥିବା ପ୍ରଣାଳୀ ଅନୁଯାୟୀ ଭଲଭାବରେ ମୁଣ୍ଡ ଧୋଇଦିଅନ୍ତୁ ।

## କଞ୍ଜାକ୍ଷୀରର ବ୍ୟବହାର -

୪-୫ ଚାମଚ କଞ୍ଜାକ୍ଷୀରକୁ ଶୁଖିଲା କେଶରେ ଭଲଭାବରେ ମାଲିସ କରି ୧୦-୧୫ ମିନିଟ ଯାଏଁ ଛାଡ଼ି ଦିଅନ୍ତୁ । ଏବଂ ତାପରେ କୁଙ୍କୁଡୁକାୟା ଓ ସିକାକାୟୀ ପେଷ୍ଟ ଲଗାଇ ଭଲଭାବରେ ମୁଣ୍ଡ ଧୋଇଦିଅନ୍ତୁ । ଫଳରେ କଞ୍ଜାକ୍ଷୀର ଶୁଖିଲା କେଶରେ ରୁପି ନଷ୍ଟ କରିବ । କିନ୍ତୁ ଏହାକୁ ତୈଳଯୁକ୍ତ କେଶରେ ବ୍ୟବହାର କରିବେ ନାହିଁ ।

## ଲେମ୍ବୁ ରସର ବ୍ୟବହାର -

ବଡ଼ ଲେମ୍ବୁର ଫାଳେ ନେଇ ତା'ର ରସ ବାହାର କରନ୍ତୁ ଏବଂ ତାକୁ ତୈଳଯୁକ୍ତ କେଶରେ ଭଲ ଭାବରେ ମାଲିସ କରନ୍ତୁ । ପ୍ରୟୋଗ କରିବାର ୧୦-୧୫ ମିନିଟ୍ ଯାଏଁ ସେହିପରି ଛାଡ଼ିଦିଅନ୍ତୁ । ତା'ପରେ ଉପରୋକ୍ତ କୁଙ୍କୁଡୁକାୟା ଓ ସିକାକାୟୀ ପେଷ୍ଟ ମୁଣ୍ଡରେ ଲଗାଇ ଭଲଭାବରେ ଧୋଇଦିଅନ୍ତୁ । ମନେ ରଖନ୍ତୁ ଲେମ୍ବୁ ରସ ଶୁଖିଲା କେଶରେ ପ୍ରୟୋଗ କଲେ ତାହା କେଶ ମୂଳକୁ ଦୁର୍ବଳ କରିଦେଇଥାଏ ।

ଏବଂ ଏହା ଦ୍ୱାର୍ କେଶ ଉପୁଡ଼ିବା ସମସ୍ୟା ଦେଖାଦେଇପାରେ । ତେଣୁ ଏହାକୁ କେବଳ ତୈଳଯୁକ୍ତ କେଶରେ ହିଁ ପ୍ରୟୋଗ କରନ୍ତୁ । ଲେମ୍ବୁରସ ଦ୍ୱାର୍ ରୁପି ସମସ୍ୟା ଦୂର ହୁଏ ।

## ଅନ୍ୟ ଉପାୟରେ କେଶର ଯତ୍ନ-

୧. ସଦାବେଳେ ନିଜର ଶୋଇବା ଓ ଉଠିବା ସମୟ ସ୍ଥିର ରଖନ୍ତୁ ।

୨. ସର୍ବଦା ସବୁଜ ପନିପରିବା ସହ ପ୍ରୋଟିନ୍, କ୍ୟାଲସିୟମ୍ ଏବଂ ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ।

୩. ସବୁଜ, କମଳା ଏବଂ ହଳଦିଆ ରଙ୍ଗର ଫଳ ଅଧିକ ଖାଆନ୍ତୁ ।

୪. ଅବସର ସମୟରେ କେଶକୁ ପାନିଆ ସାହାଯ୍ୟରେ ୩୦-୪୦ ଥର କୁଣ୍ଡାନ୍ତୁ । ଏହାଦ୍ୱାର୍ କେଶର ବ୍ୟାୟାମ ହୋଇଥାଏ ।

୫. କେଶକୁ ସବୁବେଳେ ବାନ୍ଧି ରଖନ୍ତୁ ନାହିଁ । ମଝିରେ ମଝିରେ ଅନ୍ୟୁନ ୧୦-୧୫ ମିନଟ୍ ପାଇଁ ଖୋଲା ଛାଡ଼ନ୍ତୁ । ଫଳରେ କେଶ ମୂଳରେ ପବନ ବାଜ କେଶ ଶକ୍ତ ହେବାରେ ସାହାଯ୍ୟ କରେ ।

୬. ମୁଣ୍ଡ ଧୋଇବାପରେ କେଶ ଭଲରୂପରେ ଝାଡ଼ି ପୋଛିଦଅନ୍ତୁ । ଯାହା ଫଳରେ କେଶର ଅଗ୍ରଭାଗରେ ବା ମୂଳରେ ପାଣି ଲାଗି ରହିବ ନାହିଁ ଏବଂ ରୁପି ହେବ ନାହିଁ ।

୭. ପ୍ରତ୍ୟେକ ମାସେ ଦୁଇମାସ ବ୍ୟବଧାନରେ ଅନ୍ତତଃ ଥରେ କେଶକୁ ନିମ୍ନଭାଗରୁ ଭଲଭାବରେ ସେପ୍ କରିବେ, ଏହା ଦ୍ୱାର୍ କେଶ ବଢ଼ିବ ।

୮. ସପ୍ତାହରେ ଅନ୍ତତଃ ଥରେ କମ୍ବା ଦୁଇଥର କେଶରେ ତେଲ ଲଗାଇ ମୁଣ୍ଡ ଭଲଭାବରେ ସଫା କରନ୍ତୁ । ଏହାଦ୍ୱାର୍ ରୁପି ସମସ୍ୟା ଦୂର ହୁଏ ଏବଂ କେଶ ପରିଷ୍କାର ରହେ ।

ବ୍ରହ୍ମପୁର

# ମେଘ ଡମ୍ବରୁ

ସ୍ୱର୍ଣ୍ଣମୟୀ ଶତପଥି



ମୋ ଜେଜେ ମା' ଭଲ ରୋଷେଇ ଜାଣେ । ବିଶେଷକରି ତା ହାତରନ୍ଧା ଆମିଷ ବ୍ୟଞ୍ଜନ ସବୁ ମୋତେ ଭଲ ଲାଗେ । ଥରେ ଜେଜେ ଗୋଟିଏ ରୋହୀମାଛ ଆଣିଥିଲେ, ସେତେବେଳକୁ ମୁଁ ପଞ୍ଚମ କି ଷଷ୍ଠ ଶ୍ରେଣୀରେ ପଢୁଥାଏ । ଜେଜେ ମାଛ ନେଇ ଆସିଲା ବେଳକୁ ମା' ରୋଷେଇ କାମ ସାରିଦେଇଥାଏ । ମାଛକୁ ଦେଖି ସେ ଜେଜେଙ୍କ ଉପରେ ଟିକେ ବିରକ୍ତ ହେଲା । ଜେଜେ କହିଲେ ବନ୍ଧଧାର ମାଛ ଦେଖି ଲୋଭ ସମ୍ଭାଳି ପାରିଲି ନାହିଁ, ତେଣୁ ନେଇ ଆସିଲି । ତୁମେ ପିଆଜ କଟାକଟି କରି ମସଲା ଯୋଗାଡ଼ କର, ମୁଁ ମାଛ କଟାକଟି କରି ସଫା କରି ଆଣୁଛି । ତରକାରୀ ହେବ ମିଶିକି ଖାଇବା । ଜେଜେମା ପାଟିକରି କହିଲା, ମାଛ ସାବଧାନରେ କାଟିବ । ଜେଜେ ପଚାରିଲେ କାହିଁକି ? ମା କହିଲା, ରୋହୀର ପେଟରେ ପିତ୍ତ ଥାଏ, ମାଛ କାଟିଲା ବେଳେ ଅସାବଧାନତାବଶତଃ ଯଦି ପିତ୍ତ କଟିଯାଏ, ତା ହେଲେ ପୁରା ମାଛଟା ପିତା ହେଇଯିବ । ଆଉ କେହି ଖାଇବେ ନାହିଁ । ପିଲାଟା ମାଛକୁ ଦେଖି ମାଛ ତରକାରୀ ହେଲେ ଖାଇବ ବୋଲି ଜଗିଛି । ମୋଟେ ଖାଇବ ନାହିଁ । ରୁଷିଯିବ । ମାଛର ପିତ୍ତ କଥା ଜେଜେଙ୍କ କାନରେ ଯେମିତି ପଶିଛି, ଜେଜେଙ୍କର ପିଲାଦିନର ଗୋଟିଏ କଥା ମନେ ପଡ଼ିଲା । ଶୁଣ ମୋ ସାନ ଖୁଡ଼ୀର ବହୁତ ଦିନଯାଏଁ କିଛି ଛୁଆପିଲା ହେଲା ନାହିଁ । ଘରେ ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ । କେତେ ଡାକ୍ତର, ବଇଦ କରାଗଲା, ଝଡ଼ାଫୁଙ୍କା ବି କରାଗଲା । କିଛି ଲାଭ ହେଲାନାହିଁ ।

ଶେଷରେ ମୋ ଆଇ ମୋ ଖୁଡ଼ୀକୁ ରୋହୀମାଛର ପିତ୍ତ ଖାଇବାକୁ କହିଲା । ଖୁଡ଼ୀ ରୋହିପିତ୍ତ ଖାଇବା ପରେ ଦୁଇଟି ଝିଅ ହେଲା । ଗେଲି ଆଉ ସିଲି । ଖାଲି ସେତିକି ନୁହଁ, ମାଛ ଦେହରେ ସ୍ନେହସାର ଆଉ ପୁଷ୍ଟିସାର ବି ଭରି ହୋଇରହିଥାଏ ।

ସ୍ନେହସାର - ଆମ ଶରୀରର କୋଷଝିଲ୍ଲୀ ଗଠନ କରିଥାଏ । ଆମ ଶରୀରକୁ ଶକ୍ତି ଯୋଗାଇଥାଏ ।

ପୁଷ୍ଟିସାର - ଆମ ଶରୀରବୃଦ୍ଧି, ନୂତନ କୋଷ ଗଠନ, ତନ୍ତୁରେ ସହାୟକ ହୋଇଥାଏ ।

ଏହିପରି କଥାବାର୍ତ୍ତା ଭିତରେ ମାଛ ତରକାରୀ ହୋଇଯାଇଥାଏ । ତା'ର ବାସନାରେ ମୋ ପେଟରେ ଭୋକ ଦୁଇଗୁଣ ବଢ଼ିଯାଏ । ମା' ଜେଜେ ଓ ମୋ ପାଇଁ ଖାଇବାକୁ ବାଢ଼ିଲା । ଜେଜେ କହିଲେ ତୁମେ ପିଲାଟାକୁ ଖୁଆଇ ଦିଅ । କାଳେ ତଣ୍ଟିରେ କଣ୍ଟା ଲାଗିଯିବ । ମା କହିଲା, କିଛି କଣ୍ଟାଫଣ୍ଟା ନାହିଁ । ସେ ନିଜେ ଖାଉ । ମା ଗଲା ଚୁଲିମୁଣ୍ଡ ସଫା କରିବାପାଇଁ । ଏତକ ବେଳେ କୁଆଡ଼େ ଥିଲା କଳାହାଣ୍ଡିଆ ମେଘ ଘଡ଼ଘଡ଼ି ବିଜୁଳି ସହ ମାଡ଼ି ଆସିଲା । ମୁଁ ମାଛ ତରକାରୀ ଖାଇବାରେ ବ୍ୟସ୍ତ । ଦେଖିଲି ମାଛ ତରକାରୀରେ ଗୋଟିଏ ବି କଣ୍ଟା ନାହିଁ । ଖାଇବାକୁ ଖୁବ୍ ମଜା ଆଉ ସୁଆଦିଆ ଲାଗୁଛି । ମୁଁ ପାଟିକରି ଜେଜେମା'କୁ ପଚାରିଲି, ମା ଏ ତରକାରୀ ମାଛରେ କଣ୍ଟା ଗୋଟେ ବି ନାହିଁ । ମାଛର କଣ୍ଟା କୁଆଡ଼େ ଗଲା । ଏ ତରକାରୀର ନାମ କଣ ? ମା ସାଙ୍ଗେ ସାଙ୍ଗେ କହିଲା, 'ମେଘ ଡମ୍ବରୁ' । ତରକାରୀର ସୁଆଦ ସାଙ୍ଗକୁ ତରକାରୀର ନାଁଟା ଶୁଣି ମୋତେ ଖୁବ୍ ଖୁସି ଲାଗିଥିଲା । ସେହିଦିନଠାରୁ ରୋହୀ ମାଛର ମେଘ ଡମ୍ବରୁ ମୋ ପାଟିରେ ଲାଗିଗଲା । ବର୍ତ୍ତମାନ ମୋ ସ୍ୱାମୀ ଓ ପିଲାମାନେ ମଧ୍ୟ ସେହି ତରକାରୀକୁ ଖୁବ୍ ଭଲପାଆନ୍ତି । ଆପଣ ମାନଙ୍କୁ ମଧ୍ୟ ଭଲ ଲାଗିବ । ଜାଣି ରଖନ୍ତୁ ଏହାର ପ୍ରସ୍ତୁତ ପ୍ରଣାଳୀ ।

ପ୍ରଣାଳୀ - ରୋହୀ ମାଛର ପେଟଭାଗକୁ ନେଇ ଭଲଭାବରେ ଧୋଇଦେବେ । ତା'ପରେ ସେହି କଞ୍ଚାମାଛକୁ ଏଣ୍ଡୁରି ପିଠା ଅଥାରି ଦେଇ ସିଝାଇବା ପରି ଡେକଚିରେ କିଛି ପାଣି ଦେଇ ତା ମୁହଁରେ କନାବାନ୍ଧି ମାଛକୁ ସେହି କନା ଉପରେ ରଖି ଡେକଚି ମୁହଁକୁ ଢାଙ୍କୁଣୀରେ ଢାଙ୍କିଦେବେ । ୨୦ ମିନିଟ ପରେ ମାଛ ସିଝିଯିବ । ତାକୁ କାଢ଼ିଆଣି ଦେଖିବ ପ୍ରାୟ କଣ୍ଟାରୁ ମାଛ ଅଲଗା ହୋଇଯାଇଥିବ । ସେଇ କଣ୍ଟାକୁ ବାହାର କରିଦେବେ । ସେହି ମାଛରେ କିଛି ବେସନ, ଲୁଣ, ହଳଦୀ, ଲଙ୍କା, କଟା ପିଆଜ ଆଦି ପକାଇ ଅଳ୍ପ ଗୋଳାଇ ଦେବେ । ନଚେତ ସିଝା ମାଛ ପୁରା କାଦୁଆ ହୋଇଯିବ । ଭଲ ଲାଗିବ ନାହିଁ । ତା'ପରେ ତାକୁ ପକୁଡ଼ି ପରି ତେଲ କରେଇରେ ଛାଣିଦେବେ ।

ଏଣେ ଆଳୁକୁ ସିଝାଇ ଚୋପା ବାହାର କରି ଛୋଟ ଛୋଟ ଖଣ୍ଡ କରି କାଟିଦେବେ । କରେଇରେ

ତେଲ ଗରମ କରି ଅଳ୍ପଚିନି ପକାଇବେ । ଚିନି ଲାଲ୍ ହୋଇ ଆସିଲେ, ସେଥିରେ ପିଆଜ ପକାଇ ଭାଜିବେ । ସେଥିରେ ଅଦାରସୁଣ ବଟା ଦେଇ ହଳଦି, ଲଙ୍କାଗୁଣ୍ଡ ଓ ମାଛର ପରିମାଣ ଅନୁସାରେ ମସଲାଗୁଣ୍ଡ ଦେଇ ଭାଜିବେ । ଶୁଖିଆସିଲେ ଗ୍ଲେଟ କଟା ଟମାଟ ପକାଇ ଅଧା କପ୍ ପାଣିଦେଇ କଷିଦେବେ । ମସଲାରୁ ବାସନା ଆସିବାଯାଏଁ ଅପେକ୍ଷା କରିବେ ଏବଂ କଷୁଥିବେ । ଏହାପରେ ସେଥିରେ ଅଳ୍ପପାଣି ଦେଇ ସ୍ୱାଦାନୁସାରେ ଲୁଣ ଦେବେ । ପାଣି ଫୁଟିଗଲାପରେ ସେଥିରେ ମାଛ ପକୁଡ଼ି ଓ ସିଝକଟା ଆଳୁକୁ ପକାଇ ଦେଇ ଧିରେ ଧିରେ ଘାଣ୍ଟିବେ । ସେଥିରେ ବେଶୀ ଝୋଳ ରହିବ ନାହିଁ କି ବେଶୀ ଶୁଖିଲା ରହିବ ନାହିଁ । ବହଳିଆ ଝୋଳ ହୋଇ ଆସିଲେ, ତରକାରୀକୁ ଚୁଲିରୁ ଓହ୍ଲାଇ ଆଣିବେ ଏବଂ ସେଥିରେ ଧନିଆପତ୍ର ପକାଇ ଘାଣ୍ଟିଦେବେ ।

ଏହାକୁ ଗରମ ଗରମ ପରଶିବେ । ଏହା ଗରମ ଭାତ, ପଖାଳ ଭାତ, ରୁଟି, ପରଟା, ଚକୁଳି ପିଠା ଆଦି ସାଥିରେ ଖାଇହେବ ।

ଉଚ୍ଚପ୍ରାଥମିକ ବିଦ୍ୟାଳୟ,
ଭାବିନୀପୁର, ବ୍ରହ୍ମପୁର

# ଚିନ୍ତାକରି ଦେଖନ୍ତୁ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



କିଛି ଦିନ ତଳେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟଲଳିତାଙ୍କୁ ଆୟବହିର୍ଭୂତ ସମ୍ପତ୍ତି ମାମଲାରେ ଏକ ଉଚ୍ଚ ଅଦାଲତ ନିର୍ଦୋଷ ବୋଲି ପ୍ରମାଣିତ କରି ଛାଡ଼ିଦେଲେ । କିନ୍ତୁ ସେହି ମାମଲାର ଶୁଣାଣି କରୁଥିବା ଏକ ନିମ୍ନ ଅଦାଲତ ତାଙ୍କୁ ଦୋଷୀବୋଲି ମାନିନେଇ ଚାରିବର୍ଷ ଦଣ୍ଡାଦେଶ ଦେଇଥିଲେ ଏବଂ ସେ କିଛି ଦିନ ଜେଲରେ ରହିଥିଲେ ମଧ୍ୟ । ବର୍ତ୍ତମାନ ଧରି ନିଆଯାଉ ଯେ ଉଚ୍ଚତମ ନ୍ୟାୟାଳୟ ସଠିକ୍ ରାୟ ଦେଇଛନ୍ତି ।

ଏହାର ଅର୍ଥ ଜଣେ ନ୍ୟାୟାଧୀଶ ଜୟଲଳିତାଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରିଥିବା ବେଳେ ଜଣେ ନ୍ୟାୟାଧୀଶ ତାଙ୍କୁ ସମ୍ପୂର୍ଣ୍ଣ ନିର୍ଦୋଷ ବୋଲି କହିଛନ୍ତି । ମାନେ ଦେଖିବାକୁ ଗଲେ ପରସ୍ପର ବିରୋଧୀ ମତ ଦେଇଛନ୍ତି ଦୁଇଜଣ ନ୍ୟାୟାଧୀଶ ।

ବର୍ତ୍ତମାନ ଆଉ ଏକ ଘଟଣାକୁ ଅନୁଧାନ କରନ୍ତୁ ।

ଦିଲ୍ଲୀର ଜନୈକ ଭଦ୍ରବ୍ୟକ୍ତି ଉଦରପୀଡ଼ା ପାଇଁ ନିକଟସ୍ଥ ହାସପାତାଳରେ ଉପସ୍ଥିତ ହୋଇଥିଲେ ଏବଂ ସେଠାରେ କର୍ତ୍ତବ୍ୟରତ ଡାକ୍ତର ତାଙ୍କର ପେଟର କମ୍ପ୍ୟୁଟର ପରୀକ୍ଷାକରି ମଧ୍ୟ କୌଣସି ନିଷ୍ପତ୍ତିରେ ଉପନୀତ ହୋଇପାରିଲେ ନାହିଁ, ତେଣୁ ତାଙ୍କ ପୀଡ଼ାନିବାରଣ ପାଇଁ ଔଷଧ ଦେଇଥିଲେ । ଏଥିରେ ରୋଗୀ ସୁସ୍ଥ ଅନୁଭବ କରିଥିଲେ । କିନ୍ତୁ କିଛିଦିନ ପରେ ପୁଣିଥରେ ସମାନ ପୀଡ଼ା ହେବାପରେ ସେ ଅନ୍ୟ ଜଣେ ଡାକ୍ତରଙ୍କ ପାଖକୁ ଯାଇଥିଲେ । ସେହି ଡାକ୍ତର ରୋଗର ନିଦାନ କରି ଜଣାଇଥିଲେ ଯେ ଭଦ୍ରବ୍ୟକ୍ତିଙ୍କ ପାକସ୍ଥଳୀରେ କ୍ୟାନସର୍ ଅଛି । ଏବଂ ଏହାକୁ ତୁରନ୍ତ ଅପରେସନ ଦ୍ୱାରା ବାହାର କରାଯିବାକୁ ପଡ଼ିବ । ନୂଆ ଡାକ୍ତରଙ୍କ କହିବା ଅନୁଯାୟୀ ଭଦ୍ରବ୍ୟକ୍ତି ଅପରେସନ କରିଲେ ଏବଂ ସୁସ୍ଥ ବି ହୋଇଗଲେ ।

ଏହାପରେ ସଂପୃକ୍ତ ବ୍ୟକ୍ତିଜଣକ ପୁରୁଣା ଡାକ୍ତରଙ୍କ ଉପରେ ଅବହେଳା କରିଥିବା ଦର୍ଶାଇ ଏକ ମାମଲା ରୁଜୁ କରିଥିଲେ ଏବଂ ଡାକ୍ତରଙ୍କ ଠାରୁ ପଚାଶ ଲକ୍ଷଟଙ୍କା କ୍ଷତି ପୂରଣ ଦାବୀ କରିଥିଲେ, କାରଣ ଡାକ୍ତର ସଠିକ୍ ଭାବରେ ରୋଗନିରୂପଣ କରି ପାରିନଥିଲେ । ଅଦାଲତ ମାମଲାର ଶୁଣାଣି ସମୟରେ

ଡାକ୍ତରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରଦେଇଥିଲେ ଏବଂ ରୋଗୀଙ୍କୁ କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଉପରୋକ୍ତ ଦୁଇଟି ଘଟଣା ସମାନ ନ ହୋଇଥିଲେ ସୁଦ୍ଧା ଉଭୟ କ୍ଷେତ୍ରରେ ସମାନ ସ୍ଥାନରେ ଥିବା ଦୁଇଜଣ ବ୍ୟକ୍ତି ଭୁଲ ନିଷ୍ପତ୍ତି ନେଇଛନ୍ତି । ନ୍ୟାୟାଧୀଶ ଆଉ ଡାକ୍ତର ମଧ୍ୟ । ଏହିପରି କ୍ଷେତ୍ରରେ ଡାକ୍ତରଙ୍କୁ ଗୁକରୀରୁ ନିଲମ୍ବିତ କରାଯାଇ ନ୍ୟାୟସମ୍ମତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ କରାଯାଇଛି, ଅଥଚ ନ୍ୟାୟାଧୀଶଙ୍କ ପାଇଁ ସେମିତି କୌଣସି ନିୟମ ନାହିଁ ? ଏହା କଣ ନ୍ୟାୟ ? ଡାକ୍ତରଙ୍କ ଭୁଲ ହିଁ ଭୁଲ ଅନ୍ୟମାନେ ଭୂଲ କଲେ ତାହା ଦୃଷ୍ଟିଗୋଚର କରିଦିଆଯାଉଛି ? ଏହା କଣ ଭାରତୀୟ ନ୍ୟାୟବ୍ୟବସ୍ଥା ?

୧. ଭୁଲ ନିଷ୍ପତ୍ତିନେଇଥିବା ନ୍ୟାୟାଧୀଶଙ୍କୁ ବରଖାସ୍ତ କରାଯିବ ନାହିଁ କାହିଁକି ? ତାଙ୍କର ଲାଇସେନ୍ସ ରଦ୍ଦ କରାଯିବନାହିଁ କାହିଁକି ? ଏପରି କ୍ଷେତ୍ରରେ ନ୍ୟାୟାଧୀଶମାନଙ୍କୁ ବରଖାସ୍ତ କରାଯାଇ ଆଇନତଃ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ପଦକ୍ଷେପ ନିଆଯିବନାହିଁ କାହିଁକି ?

୨. ଜୟଲଳିତା ନିମ୍ନ ଅଦାଲତର ନ୍ୟାୟାଧୀଶଙ୍କ ବିରୋଧରେ ଅପରାଧିକ ମାମଲା ଦାୟର କରିବେ ନାହିଁ କାହିଁକି ? ଯାହାଙ୍କ ନିର୍ଦ୍ଦେଶ ବଳରେ ସେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଭୋଗିଥିଲେ । ନ୍ୟାୟାଧୀଶଙ୍କୁ ଏହି ମାମଲାରେ ଦୋଷୀ ବୋଲି ଧରାଯିବ ନାହିଁ କାହିଁକି ?

୩. ଆମେ କାହିଁକି କହିବାନି ଯେ ଜଣେ ନ୍ୟାୟାଧୀଶ ମୁର୍ଖ, ଅନଭିଜ୍ଞ ଓ ଆଇନ ବିଷୟରେ କିଛି ଜାଣିନାହାନ୍ତି ବୋଲି ? ଅନ୍ୟ ଘଟଣାରେ ସମ୍ପୃକ୍ତ ଡାକ୍ତରଙ୍କୁ ଏହି ସବୁ ନାଁ ଦେଇ ଲୋକମାନେ ଗାଳି ଦେଇଛନ୍ତି, ଖବର କାଗଜରେ ସମସ୍ତଙ୍କୁ ଜଣାଇଛନ୍ତି ।

ଏହା କଣ ନିମ୍ନ ଅଦାଲତର ନ୍ୟାୟାଧୀଶଙ୍କ ଦ୍ୱାରା ନ୍ୟାୟ ବ୍ୟବସ୍ଥାର ଦୁର୍ବ୍ୟବହାର ନୁହେଁ କି ?

ନ୍ୟାୟ ସମସ୍ତଙ୍କ ପାଇଁ ସମାନ । ତା ହେଲେ ନ୍ୟାୟାଧୀଶଙ୍କୁ ଯଦି କୌଣସି ଦଣ୍ଡ ବିଧାନ ହେଉନି, ତେବେ ଡାକ୍ତରଙ୍କୁ କାହିଁକି ଅପଦସ୍ତ କରାଯାଉଛି ?

# କବିତାଘର ୨୦୧୫

### ଗଞ୍ଜାମ ଜିଲ୍ଲା କବି ଓ କବୟିତ୍ରୀଙ୍କ ନୂଆ ଠିକଣା



ଗଞ୍ଜାମ ଜିଲ୍ଲାର ପ୍ରତିଷ୍ଠିତ ତଥା ଉଦୀୟମାନ କବି ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟନେଇ ଶ୍ରୀ ଭଗିରଥୀ ବେହେରାଙ୍କ ଦ୍ୱାରା ଆରମ୍ଭ ହୋଇଛି ଏକ ସଂଗଠନ । କବିତାଘର ନାମକ ଏହି ସଂଗଠନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ କବି ପ୍ରତିଭାମାନଙ୍କ ପାଇଁ ଏକକ ଠିକଣା ହେବ ବୋଲି ସେ ଜଣାଇଛନ୍ତି । ପ୍ରତିଭାର ଗନ୍ତାଘର ଗଞ୍ଜାମ ଜିଲ୍ଲା କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବି ସୂର୍ଯ୍ୟ ବଳଦେବ ରଥଙ୍କ ପରି ମହାରଥିଙ୍କ ହେତୁ ସମୃଦ୍ଧ ହୋଇଛି । ଏହାର ମାଟିରେ ଜନ୍ମ ନେଇଥିବା ଅଗଣିତ କବି ନିଜର ଋଦ୍ଧିମନ୍ତ କବିତା ଦ୍ୱାରା ସମଗ୍ର ଓଡ଼ିଆ ଭାଷାସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି । ସାଂପ୍ରତିକ ସମୟରେ ସମସ୍ତ କବି ଓ କବୟିତ୍ରୀଙ୍କୁ ଏକତ୍ରିତ କରି ଏକ କବିତା ତଥା ପରିଚୟପୁସ୍ତିକା ପ୍ରକାଶନ ଦିଗରେ ଉଦ୍ୟମରତ ଏହି ସଂଗଠନ ଗଞ୍ଜାମ ଜିଲ୍ଲାର କବିମାନଙ୍କ ନିକଟରୁ କବିତା ଆହ୍ୱାନ କରୁଛନ୍ତି ।

କବିତା କବିଙ୍କର ମୌଳିକ ଲେଖା ହୋଇଥିବା ଆବଶ୍ୟକ । ଗୋଟିଏ ପୃଷ୍ଠାରେ ନିଜର କବିତା ଲେଖି (ଏକାଧିକ ଲେଖା ପଠାଇ ପାରିବେ), ଏହା ସହିତ ନିଜର ପରିଚୟ, କବିତା ରଚନାର ପ୍ରେରଣା ଏବଂ ସାହିତ୍ୟିକ ଜୀବନ ବିଷୟରେ ଏକ ପୃଷ୍ଠା ଲେଖିବେ ଏବଂ ନିଜର ପାସପୋର୍ଟ ଫୋଟୋ ସହିତ ସମ୍ପାଦକଙ୍କ ଠିକଣାରେ ପଠାଇବା ପାଇଁ ଅନୁରୋଧ କରିଛନ୍ତି । କବିତାକୁ ଡାକ ଦ୍ୱାରା କିମ୍ବା ଇମେଲ୍ ଦ୍ୱାରା ମଧ୍ୟ ପ୍ରେରଣ କରାଯାଇ ପାରିବ । ସଂଗୃହୀତ ସମସ୍ତ କବିତାକୁ ଏକ ବିଯ୍ଞୋଜ୍ୟୋଷ୍ଠ ବିଶିଷ୍ଟ ବିଚାରକମଣ୍ଡଳୀଙ୍କ ଦ୍ୱାରା ପରୀକ୍ଷଣ କରାଯାଇ ସର୍ବଶ୍ରେଷ୍ଠ କବିତାକୁ ସମ୍ମାନିତ କରାଯିବ, ଏବଂ ସର୍ବଶ୍ରେଷ୍ଠ ବିବେଚିତ କବିଙ୍କ ଲିଖିତ କବିତାର ଏକ ସଂକଳନ କବିତା ଘର ସଂଗଠନ ତରଫରୁ

ନିଃଶୁଳ୍କ ପ୍ରକାଶିତ କରାଯିବ । ଭାଷା, ମର୍ମ, ମୂଲ୍ୟ ଓ ଭାବନାର ନିର୍ବିଶେଷରେ ଶ୍ରେଷ୍ଠ କବିତାର ଚୟନ କେବଳ ସରଳ ଓ ସାବଲୀଳ ପାଠକୀୟ ମାପଦଣ୍ଡରେ ହିଁ ମୂଲ୍ୟାୟନ ହେବ ।

## କବିତା ଘର ୨୦୧୫ର କାର୍ଯ୍ୟ ସୂଚୀ

| | |
|---|---|
| ୧. କବିତା ଘର ସଂକଳନ ପାଇଁ କବିତା ସଂଗ୍ରହ ଆରମ୍ଭ | ୧ ଫେବୃଆରୀ ୨୦୧୫ |
| ୨. ଶ୍ରେଷ୍ଠ କବିତା ମନୋନୟନ ପାଇଁ କବିତା ଗ୍ରହଣର ଶେଷ ତାରିଖ | ୧ ଜୁନ୍ ୨୦୧୫ |
| ୩. ଶ୍ରେଷ୍ଠ କବିତା ଚୟନର ପ୍ରଥମ ସୋପାନ ଶେଷ | ୧ ଜୁଲାଇ ୨୦୧୫ |
| ୪. ଶ୍ରେଷ୍ଠ କବିତା ଚୟନର ଦ୍ୱିତୀୟ ସୋପାନ ଶେଷ | ୧ ଅଗଷ୍ଟ ୨୦୧୫ |
| ୫. ଶ୍ରେଷ୍ଠ କବିତା ଚୟନର ତୃତୀୟ ସୋପାନ ଶେଷ | ୧ ସେପ୍ଟେମ୍ବର ୨୦୧୫ |
| ୬. ଶ୍ରେଷ୍ଠ ବିବେଚିତ କବିତାର କବିଙ୍କ ପାଣ୍ଡୁଲିପି ଗ୍ରହଣ | ୧ ଅକ୍ଟୋବର ୨୦୧୫ |
| ୭. କବିତା ଘର ୨୦୧୫ ସଂକଳନ ପ୍ରସ୍ତୁତ ଶେଷ | ୧ ନଭେମ୍ବର ୨୦୧୫ |
| ୮. ଶ୍ରେଷ୍ଠ କବିଙ୍କ କବିତା ସଂକଳନ ପ୍ରସ୍ତୁତ ଶେଷ | ୧ ଡିସେମ୍ବର ୨୦୧୫ |
| ୯. କବିତା ଘର ୨୦୧୫ ଲୋକାର୍ପଣ ବାର୍ଷିକ ଉତ୍ସବ | ଡିସେମ୍ବର-ଜାନୁଆରୀ ୨୦୧୫ |

କବିତା ପଠାଇବାର ଠିକଣା : -
ସମ୍ପାଦକ, 'କବିତା ଘର',
ଶ୍ରୀ ଭଗିରଥୀ ବେହେରା
ମାର୍ଫତ୍ : ଶ୍ରୀ ଲଛମନ ବେହେରା
ମାଳୀ ସାହି, ଆଙ୍କୁଲି, ବ୍ରହ୍ମପୁର
ଗଞ୍ଜାମ, ପିନ୍: ୭୬୦୦୧୦, ଓଡ଼ିଶା
ଫୋନ୍ : ୭୭୪୯୯୮୪୩୩୩
ଇ-ମେଲ୍ : bhagijune19@gmail.com

ଆହ୍ୱାନର ଆଗାମୀ ସଂସ୍କରଣ ଜୁଲାଇ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

<u>ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା</u>

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବିମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୭୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୭୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**https://www.facebook.com/odiaparibar**

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।